NITIDIN
# ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 | 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY 11 APRIL 2026
ଶନିବାର ୧୧ ଏପ୍ରିଲ୍ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 323 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୩୨୩ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର


## ଯମୁନାରେ ଡଙ୍ଗା ବୁଡ଼ି ୧୦ ମୃତ

**ନୂଆଦିଲ୍ଲୀ,୧୦।୪/ଏଜେନ୍ସି:**

ଉତ୍ତର ପ୍ରଦେଶର ମଥୁରା ଜିଲ୍ଲାର ବୃନ୍ଦାବନ ସ୍ଥିତ କେସି ଘାଟ ନିକଟ ଯମୁନା ନଦୀରେ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଗୋଟିଏ ଡଙ୍ଗା ବୁଡ଼ି ଯାଇଛି। ଏଥିଯୋଗୁ ଡଙ୍ଗାରେ ଥିବା ୧୦ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ନିଖୋଜ ହୋଇ ଯାଇଛନ୍ତି। ସେମାନଙ୍କୁ ଉଦ୍ଧାର ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ କରାଯାଉଛି। ମିଳିଥିବା ସୂଚନା ଅନୁସାରେ, ଲୁଧିଆନାର ପ୍ରାୟ ୩୦ ଜଣ ପର୍ଯ୍ୟଟକ ଯମୁନାରେ ବୋଟିଂ କରିବାକୁ ଆସିଥିଲେ। ସେମାନେ ଗୋଟିଏ ଡଙ୍ଗାରେ ଯମୁନା ବୁଲିବାକୁ ନିଷ୍ପତ୍ତି ନେଇଥିଲେ। ଶୁକ୍ରବାର ମଧ୍ୟାହ୍ନରେ ୩୦ ଜଣ ଯାକ ପର୍ଯ୍ୟଟକ ଡଙ୍ଗାରେ ଯମୁନା ବୁଲିବାକୁ ବାହାରିଥିଲେ। ହେଲେ ଅପରାହ୍ନ ପ୍ରାୟ ୩ଟା ବେଳେ ଡଙ୍ଗାଟି ଯମୁନାରେ ବୁଲୁଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ୧୦ ଜଣଙ୍କ ମୃତ୍ୟୁ ହୋଇଛି। ବାକି ୨୦ ଜଣଙ୍କ ମଧ୍ୟରୁ କିଛି ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ସାରିଛି। ବାକି ପର୍ଯ୍ୟଟକଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଚାଲିଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ୍ଷଦର୍ଶୀଙ୍କ କହିବା କଥା ଯେ ସବୁ କିଛି ଏତେ ଶୀଘ୍ର ଘଟିଥିଲା ଯେ ଡଙ୍ଗାରେ ଥିବା ଲୋକମାନେ ନିଜକୁ ବଞ୍ଚାଇବାକୁ କୌଣସି ସୁଯୋଗ ପାଇ ନଥିଲେ। ଡଙ୍ଗାଟି ଯମୁନା ନଦୀର ▶▶ ୬

## ଲୁହା ପ୍ଲେଟ୍ ପଡ଼ି ମାଆ, ପୁଅ ମୃତ

**ସୋର,୧୦।୪/ଏନ୍ଏନ୍ଏସ୍:**

ଲୁହା ପ୍ଲେଟ୍ ବୋଝେଇ ଟ୍ରକ୍‌ର ଡାଲାରେ ବସି ଯାତ୍ରା କରୁଥିଲେ ମା' ଓ ପୁଅ। ସେମାନଙ୍କ ସହିତ ଆହୁରି ୫ ଜଣ ଥିଲେ। ବାଟରେ ଏକ ହମ୍ପସରେ ଟ୍ରକ୍‌ଟି ବ୍ରେକ୍ ଦେବାରୁ ଗୋଟିଏ ଲୁହା ପ୍ଲେଟ୍ ପଡ଼ିଯାଇଥିଲା ମା' ଓ ପୁଅ ଉପରେ। ଓଜନିଆ ଲୁହା ପ୍ଲେଟ୍ ପଡ଼ିଯିବାରୁ ଉଭୟଙ୍କର ଘଟିଥିଲା ମୃତ୍ୟୁ। ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ନିକଟରେ ଘଟିଛି ଏହି ଘଟଣା। ମୃତକ ଦ୍ୱୟ ହେଉଛନ୍ତି ସମ୍ବାରୀ ସୋରେନ ଓ ସୌରଭ ସୋରେନ୍। ସେମାନଙ୍କ ଘର ବାଲେଶ୍ୱରର ନୀଳଗିରି ଥାନା ଶ୍ୟାମସୁନ୍ଦରପୁର ଗାଁରେ।

ଗ୍ରାମର ବିଜୟ ସୋରେନ ଓ ତାଙ୍କ ସ୍ତ୍ରୀ ସମ୍ବାରୀ ସୋରେନ ପାରାଦୀପରେ ଶ୍ରମିକ ଭାବେ କାମ କରୁଥିଲେ। ଘରେ ଅସୁବିଧା ଖବର ପାଇ ସେଠାରୁ ସେମାନେ ଏକ ବସ୍‌ରେ ଚଣ୍ଡିଖୋଲ ପର୍ଯ୍ୟନ୍ତ ଆସିଥିଲେ। ସେଠାରୁ ସେମାନେ ଏହି ଓଜନିଆ ଲୁହା ପ୍ଲେଟ୍ ବୋଝେଇ ଟ୍ରକ୍‌କୁ ଲିଫ୍ଟ ମାଗିଥିଲେ। ସମସ୍ତେ ଟ୍ରକ୍ ଡାଲାରେ ବସି ବାଲେଶ୍ୱର ଯାଉଥିଲେ।

୧୬ ନମ୍ବର ଜାତୀୟ ରାଜପଥରେ ଟ୍ରକ୍‌ଟି ଯାଉଥିବା ବେଳେ ସିମୁଳିଆ ଥାନା ନିକଟରେ ଏକ ହମ୍ପସ ନିକଟରେ ଏହା ବ୍ରେକ୍ ଦେଇଥିଲା। ଫଳରେ ଗୋଟିଏ ଲୁହା ପ୍ଲେଟ୍ ସମ୍ବାରୀ, ▶▶ ୬

### ପଞ୍ଚାୟତ ନିର୍ବାଚନ

## ଆସନ ସଂରକ୍ଷଣ ପାଇଁ ଜିଲ୍ଲାପାଳଙ୍କୁ ଚିଠି

**ଭୁବନେଶ୍ୱର,୧୦।୪ /ଏନ୍ଏନ୍ଏସ୍:**

୨୦୨୭ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ପଞ୍ଚାୟତ ନିର୍ବାଚନରେ ଆସନ ସଂରକ୍ଷଣ କରିବାକୁ ଜିଲ୍ଲାପାଳଙ୍କୁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟଙ୍କ ପାଇଁ ଆସନ ସଂରକ୍ଷଣ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପରିଷଦ ସଦସ୍ୟଙ୍କ ପାଇଁ ମଧ୍ୟ ସିଟ୍ ସଂରକ୍ଷଣ ସ୍ଥିର କରିବାକୁ ନିର୍ଦ୍ଦେଶ ରହିଛି। ଏପ୍ରିଲ ଶେଷ ସୁଦ୍ଧା ଚୂଡ଼ାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ହୋଇଛି। ୱାର୍ଡ ମେମ୍ବର, ସରପଞ୍ଚ ଓ ସମିତି ସଭ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୪ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନକୁ ଜଣାଇବେ। ସେହିପରି ଜିଲ୍ଲା ପରିଷଦ ସଦସ୍ୟରେ ସଂରକ୍ଷଣ ପାଇଁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଉପରେ ୧୭ ତାରିଖ ଭିତରେ ଅଭିଯୋଗ ଆବେଦନ ଏବଂ ୨୭ ତାରିଖ ସୁଦ୍ଧା ଅଭିଯୋଗ ଶୁଣାଣି କରି ୨୯ ତାରିଖ ସୁଦ୍ଧା ସରକାରଙ୍କ ଅନୁମୋଦନ କ୍ରମେ ▶▶ ୬

## ଇସ୍ତଫା ଦେଲେ ଜଷ୍ଟିସ୍ ଯଶବନ୍ତ ବର୍ମା

### ଘରୁ ମିଳିଥିଲା ପ୍ରାୟ ୧୫ କୋଟିର ଜଳାପୋଡ଼ା ଟଙ୍କା

**ପ୍ରୟାଗରାଜ, ୧୦।୪/ଏଜେନ୍ସି:**

ଘରୁ ପ୍ରାୟ ୧୫ କୋଟିର ଜଳାପୋଡା ଟଙ୍କା ମିଳିବା ଘଟଣାରେ ବିବାଦୀୟ ହୋଇପଡ଼ିଥିବା ଆହ୍ଲାବାଦ୍ ହାଇକୋର୍ଟର ଜଷ୍ଟିସ୍ ଯଶବନ୍ତ ବର୍ମା, ଶେଷରେ ରାଷ୍ଟ୍ରପତିଙ୍କ ନିକଟକୁ ନିଜର ଇସ୍ତଫା ପତ୍ର ପଠାଇଛନ୍ତି। ସେ ନିଜ ଇସ୍ତଫା ପତ୍ର ଗୁରୁବାର ପଠାଇଥିବା ବେଳେ ଏଥିରେ



ସେ ଅତ୍ୟନ୍ତ ଦୁଃଖର ସହ ଆହ୍ଲାବାଦ୍ ହାଇକୋର୍ଟର ବିଚାରପତି ପଦରୁ ତୁରନ୍ତ ପ୍ରଭାବ ସହିତ ଇସ୍ତଫା ଦେଉଛନ୍ତି। ଏହି ପଦବୀରେ ସେବା କରିବା ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ଉଲ୍ଲେଖ କରିଛନ୍ତି। ଜଷ୍ଟିସ୍ ବର୍ମା ନିଜ ଇସ୍ତଫାର ଏକ ନକଲ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ନିକଟକୁ ମଧ୍ୟ ପଠାଇଦେଇଛନ୍ତି। ତେବେ ନିଜ ପଦରୁ ଏପରି ଏକ ସମୟରେ ଇସ୍ତଫା ଦେଇଛନ୍ତି ଯେତେବେଳେ କି ତାଙ୍କୁ ସୁପ୍ରିମକୋର୍ଟଙ୍କ ତଦନ୍ତ କମିଟି ସମ୍ମୁଖରେ ହାଜର ହେବାକୁ ଥିଲା। ଜଷ୍ଟିସ୍ ଯଶବନ୍ତ ବର୍ମା ନିଜ ଇସ୍ତଫା ପୂର୍ବରୁ ବିଚାରପତି ତଦନ୍ତ କମିଟିକୁ ୧୩ ପୃଷ୍ଠାର ଏକ ଚିଠି ମଧ୍ୟ ଲେଖିଛନ୍ତି। ଏହି ଚିଠିରେ ▶▶ ୬

## ମାଆ-ଝିଅଙ୍କୁ ଦଳି ଦେଲା ଦନ୍ତା

**ଅନୁଗୁଳ,୧୦।୪/ଏନ୍ଏନ୍ଏସ୍:**

ଦଣ୍ଡନାଚ ଦେଖି ଫେରିବା ବେଳେ ବାଟରେ ଛକି ବସିଥିଲା ମୃତ୍ୟୁ। ଦଳିଦେଲା ଉତ୍ପାତିଆ ଦନ୍ତା। ଚାଲିଗଲା ମାଆ-ଝିଅଙ୍କ ଜୀବନ। ଅନୁଗୁଳ ଜିଲ୍ଲା ବନ୍ତଳା ଅଞ୍ଚଳର ମଧୁପୁର ଗାଁରେ ଏହି ଅଘଟଣ ଘଟିଛି। ମୃତକମାନେ ହେଲେ ଗଦେଇମୁଣ୍ଡା ମହ୍ଲାର ସାହିର ପଙ୍କ ପଧାନ (୩୫) ଓ ଝିଅ ପୁଷ୍ପ ପଧାନ (୮)। ଉଭୟ ମଧୁପୁର ଅଞ୍ଚଳକୁ ଦଣ୍ଡନାଚ ଦେଖିବାକୁ ଯାଇଥିଲେ। ତେବେ ବିଳମ୍ବିତ ରାତିରେ ଦଣ୍ଡନାଚ ଦେଖି ଫେରିବା ବାଟରେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ପଙ୍କଜିନୀ ଓ କୁଶଙ୍କୁ ହାତୀ ଦଳି ଦେଇଥିଲା। ଫଳରେ ଘଟଣା ସ୍ଥଳରେ ହିଁ ମା ଓ ଝିଅଙ୍କ ମୃତ୍ୟୁ ଘଟିଥିଲା। ବନ୍ତଳା ପୁଲିସ ଘଟଣା ସ୍ଥଳକୁ ଯାଇ ଉଭୟ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ତେବେ ଏନେଇ ସାଂସଦ ରୁଦ୍ର ନାରାୟଣ ପାଣି ଓ ବିଜେପି ନେତା ରାଜୁ ପଲେଇ ପ୍ରମୁଖ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ତୁରନ୍ତ କ୍ଷତିପୂରଣ ପ୍ରଦାନ ପାଇଁ ଡିଏଫ୍ଓଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

### ୫ ବିଭାଗର ୧୧ ପ୍ରସ୍ତାବରେ କ୍ୟାବିନେଟ୍ ମୋହର

# ୩୪୦୦ କୋଟିର 'ଅଟଳ ବସ୍‌ଷ୍ଟାଣ୍ଡ ଯୋଜନା'କୁ ମଞ୍ଜୁରୀ

**ଭୁବନେଶ୍ୱର,୧୦।୪/ଏନ୍ଏନ୍ଏସ୍:**

ରାଜ୍ୟବ୍ୟାପୀ ବସ୍‌ଷ୍ଟାଣ୍ଡଗୁଡ଼ିକର ନିର୍ମାଣ, ଉନ୍ନୟନ, ନବୀକରଣ, କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ଓଡ଼ିଶା ସରକାର 'ଅଟଳ ବସଷ୍ଟାଣ୍ଡ ଯୋଜନା' କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ଏହାଦ୍ୱାରା ରାଜ୍ୟର ୩୧୮ଟି ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରାଯିବ। ଏନେଇ ଆର୍ଥିକ ବର୍ଷ ୨୦୨୬-୨୭ରୁ ୨୦୩୧-୩୨ ପର୍ଯ୍ୟନ୍ତ ମୋଟ୍ ୩,୪୦୦ କୋଟି ବଜେଟ୍ ଅନୁମୋଦନ କରାଯାଇଛି। ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆସିଥିବା ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି।

ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ୫ଟି ବିଭାଗର ମୋଟ୍ ୧୧ ପ୍ରସ୍ତାବ ଉପରେ ମୋହର ଲାଗିଛି। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ଅଟଳ ବସ୍‌ଷ୍ଟାଣ୍ଡଗୁଡ଼ିକ ଓଡ଼ିଶାର ରାଜ୍ୟବ୍ୟାପୀ ଜିଲ୍ଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନ ଏବଂ ଓଡ଼ିଶାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳ ପୌର



ସଂସ୍ଥା (ୟୁଏଇବି)ସ୍ତରରେପ୍ରତିଷ୍ଠା କରାଯିବ। ବସ୍‌ଷ୍ଟାଣ୍ଡ ଗୁଡ଼ିକୁ ତିନୋଟି ଶ୍ରେଣୀ ଅର୍ଥାତ 'କ', 'ଖ' ଓ 'ଗ' ଶ୍ରେଣୀଭୁକ୍ତ କରାଯିବ।

ମୁଖ୍ୟ ଶାସନ ସଚିବ କହିଛନ୍ତି ଯେ, ଅଟଳ ବସଷ୍ଟାଣ୍ଡ ଯୋଜନାର ଲକ୍ଷ୍ୟ ହେଉଛି ରାଜ୍ୟର

**ରାଜ୍ୟର ୩୧୮ ବସ୍‌ଷ୍ଟାଣ୍ଡ୍‌ର କରାଯିବ ଉନ୍ନତୀକରଣ**

ସମସ୍ତ ସାର୍ବଜନୀନ ବସ୍ ଷ୍ଟାଣ୍ଡକୁ 'ଅଟଳ ବସ୍ ଷ୍ଟାଣ୍ଡ' ଯୋଜନାର ପରିଚାଳନାର ଏକ ଛାୟା ତଳେ ଏକୀକୃତ କରିବା, ଯେଉଁଥିରେ ପୂର୍ବ ଯୋଜନା ଏବଂ ରାଜ୍ୟର ସହରାଞ୍ଚଳ ପୌର ସଂସ୍ଥା ଅଧୀନରେ ଥିବା ସମସ୍ତ ବସ୍‌ଷ୍ଟାଣ୍ଡ ଅନ୍ତର୍ଭୁକ୍ତ କରିବ। ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ବସ୍ ଷ୍ଟାଣ୍ଡଗୁଡ଼ିକୁ ସରକାରୀ ଏବଂ ଘରୋଇ ବସ୍ ଅପରେଟରଙ୍କ ଦ୍ୱାରା ସମନ୍ୱିତ ସାର୍ବଜନୀନ ସେବା ଏବଂ ସୁବିଧା ପାଇଁ ବ୍ୟବହାର କରାଯିବା ପାଇଁ ସରକାରୀ ପରିବହନ ଭିତ୍ତିଭୂମି ଭାବରେ ଆନୁଷ୍ଠାନିକ ଭାବରେ ନାମିତ ଏବଂ ଅସୂଚିତ କରାଯିବ।

ଏହାଛଡ଼ା ସେ କହିଛନ୍ତି ଯେ, ଯୋଜନାରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆବଶ୍ୟକତା ଅନୁଯାୟୀ ବସ୍ ଷ୍ଟାଣ୍ଡ ପ୍ରକଳ୍ପଗୁଡ଼ିକର ବିକାଶ, ପୁନଃବିକାଶ କରାଯିବ। ପରିଚାଳନା ଦକ୍ଷତା ଉନ୍ନତ କରିବା, ରାଜସ୍ୱ ବୃଦ୍ଧି କରିବା ସହିତ ସମନ୍ୱିତ ଯୋଜନାର ସାମଗ୍ରିକ ଢାଞ୍ଚାକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। କ୍ୟାବିନେଟ୍ ବୈଠକରେ ୩୪୦୦ କୋଟି ଟଙ୍କାର ଅଟଳ ବସ୍‌ଷ୍ଟାଣ୍ଡ ଯୋଜନାକୁ ମଞ୍ଜୁରୀ ମିଳିଛି। ଖୁବଶୀଘ୍ର ତାହା କାର୍ଯ୍ୟକାରୀ ହେବ ବୋଲି ଶ୍ରୀମତୀ ଗର୍ଗ ସ୍ପଷ୍ଟ କରିଛନ୍ତି।

### କାର୍ଯ୍ୟକ୍ଷମ ହେବ ୧୫ ଉଠା ଜଳସେଚନ ପ୍ରକଳ୍ପ

## ୬୨୯.୨୯ କୋଟିର ଟେଣ୍ଡରକୁ ଅନୁମୋଦନ

**ଭୁବନେଶ୍ୱର,୧୦।୪/ଏନ୍ଏନ୍ଏସ୍:**

ଚାଷ ଉପଯୋଗୀ ଢିପ ଜମିଗୁଡ଼ିକର ଭୌଗୋଳିକ ସ୍ଥିତି ପାଇଁ ପାରମ୍ପରିକ ଜଳସେଚନ ପଦ୍ଧତି ଦ୍ୱାରା ଜଳସେଚିତ କରିବା ସମ୍ଭବପର ହୋଇନଥାଏ। ନଦୀ, ଜଳଭଣ୍ଡାର ଓ କେନାଲରୁ ଜଳ ଉତ୍ତୋଳନ କରାଯାଇ ୨,୬୩,୮୦୧ ହେକ୍ଟର ଜମିଗୁଡିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି। ଏଥିନିମନ୍ତେ ରାଜ୍ୟ ସରକାର ୧୦,୭୫୯ କୋଟି ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରି 'ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ଯୋଜନା' ପ୍ରଣୟନ କରିଛନ୍ତି। ଏହି ଯୋଜନା ଅନ୍ତର୍ଗତ ପ୍ରସ୍ତାବିତ କ୍ଲଷ୍ଟର ୨୭,୩୦,୩୭ ଓ ୩୮ ମାଧ୍ୟମରେ ୧୫ଟି ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାକୁ ଯାଉଛି। ନିର୍ମାଣ କାର୍ଯ୍ୟ ନିମନ୍ତେ ମୋଟ୍ ୬୨୯ କୋଟି,୨୯ ଲକ୍ଷ ୮,୧୪୮ ଟଙ୍କା ଟେଣ୍ଡରକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

**ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପକୁ ଗୁରୁତ୍ୱ**

ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ଶେଷରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଶ୍ରୀମତୀ ଗର୍ଗ କହିଛନ୍ତି ଯେ, ପାର୍ବତୀ ଗିରି ବୃହତ୍ ଉଠା ଜଳସେଚନ ପ୍ରକଳ୍ପକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ହୀରାକୁଦରୁ ଜଳ ଉତ୍ତୋଳନ କରି ଜଳ ଯୋଗାଣ ବ୍ୟବସ୍ଥା ହେବ। ସମ୍ବଲପୁର ଜିଲ୍ଲାର ୬ ହଜାର ୨୧୦ ହେକ୍ଟର ଜମି ଜଳସେଚିତ ହେବ। କେନ୍ଦୁଝର ଜିଲ୍ଲାର କାନପୁର ମୁଖ୍ୟ କେନାଲ, ଆରାଦେଇ ନଦୀ ଏବଂ ମୟୂରଭଞ୍ଜ ଜିଲ୍ଲାର ବାଲିସୁଡ୍ର ନଦୀରୁ ଜଳ ଉତ୍ତୋଳନ କରି ଚାପ ▶▶ ୬

# ବିଶ୍ୱର ପ୍ରଥମ ଗ୍ଲୋବାଲ୍ ୟୁନିଭର୍ସିଟି ଆରମ୍ଭ କଲା ବନ୍‌ତାରା



**ପ୍ରଚଳନ ହେବ ବନ୍ୟପ୍ରାଣୀ ଏବଂ ପଶୁଚିକିତ୍ସା ବିଜ୍ଞାନ ସମ୍ବନ୍ଧିତ ପାଠ୍ୟକ୍ରମ**

**ଏକ ଆଧୁନିକ ଗୁରୁକୁଳ ଏବଂ ଉଦ୍ଦେଶ୍ୟ-ଭିତ୍ତିକ ବିଶ୍ୱବିଦ୍ୟାଳୟ**

**ଛାତ୍ରବୃତ୍ତି ସହ ୟୁଜି ଠାରୁ ଡକ୍ଟରେଟ୍ ପର୍ଯ୍ୟନ୍ତ ଡିଗ୍ରୀ ହାସଲ କରିବାର ମିଳିବ ସୁଯୋଗ**





**ଜାମନଗର(ଗୁଜରାଟ),୧୦।୪/ଏଜେନ୍ସି:**

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଶ୍ୱସ୍ତରୀୟ ବନ୍ୟପ୍ରାଣୀ ସଂରକ୍ଷଣ ସଂଗଠନ 'ବନତାରା', ଗୁଜରାଟର ଜାମନଗରଠାରେ ବନତାରା ୟୁନିଭର୍ସିଟି ପ୍ରତିଷ୍ଠା କରିବାକୁ ଘୋଷଣା କରିଛି। ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ପଶୁ ଚିକିତ୍ସା ବିଜ୍ଞାନ ପାଇଁ ସମର୍ପିତ ଏହା ବିଶ୍ୱର ପ୍ରଥମ ସମନ୍ୱିତ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ହେବ। ଏକ ଆଧୁନିକ ଗୁରୁକୁଳ ଏବଂ ଉଦ୍ଦେଶ୍ୟମୂଳକ ବିଶ୍ୱବିଦ୍ୟାଳୟ ଭାବରେ ପରିକଳ୍ପିତ, ବନତାରା ବିଶ୍ୱବିଦ୍ୟାଳୟର ଭିତ୍ତିଭୂମି ପଶୁ କଲ୍ୟାଣ, ବୈଜ୍ଞାନିକ ପ୍ରଗତି ଏବଂ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ। ଏହି ଅନୁଷ୍ଠାନର ଲକ୍ଷ୍ୟ ପଶୁ ଚିକିତ୍ସା, ସଂରକ୍ଷଣ ଏବଂ ବନ୍ୟପ୍ରାଣୀ ଯତ୍ନ କ୍ଷେତ୍ରରେ ଭବିଷ୍ୟତର ନେତୃତ୍ୱ ପ୍ରସ୍ତୁତ କରିବା। ଏହାର ପାଠ୍ୟକ୍ରମ ଭାରତର ଶତାବ୍ଦୀ ପୁରୁଣା ଜ୍ଞାନ ପରମ୍ପରାକୁ ବ୍ୟବହାର କରି ଶିକ୍ଷାର ଏକ ଉଦ୍ଦେଶ୍ୟମୂଳକ ଏବଂ ଭବିଷ୍ୟତ-ମୁଖୀ ମଡେଲ୍ ପ୍ରସ୍ତୁତ କରିବ। ଏସମ୍ପର୍କରେ ଅନନ୍ତ ଅମ୍ବାନୀ କହିଛନ୍ତି, 'ସଂରକ୍ଷଣର ଭବିଷ୍ୟତ ଏହା ଉପରେ ନିର୍ଭର କରିବ ଯେ ଆମେ କିପରି ଲୋକ ଏବଂ ଅନୁଷ୍ଠାନଗୁଡ଼ିକୁ କରୁଣା, ଜ୍ଞାନ ଏବଂ କୌଶଳ ସହିତ ଜୀବମାନଙ୍କ ସେବା ପାଇଁ ପ୍ରସ୍ତୁତ କରୁଛୁ। ବନତାରା ବିଶ୍ୱବିଦ୍ୟାଳୟର ପରିକଳ୍ପନା ମୋର ସେହି ବ୍ୟକ୍ତିଗତ ଅଭିଜ୍ଞତାରୁ ପ୍ରେରିତ, ଯେତେବେଳେ ମୁଁ ସଙ୍କଟରେ ଥିବା ପଶୁମାନଙ୍କୁ ନିକଟରୁ ଦେଖିଲି ଏବଂ ସେମାନଙ୍କର ଉତ୍ତମ ଯତ୍ନ ପାଇଁ ଅଧିକ ଦକ୍ଷତାର ଆବଶ୍ୟକତା ଅନୁଭବ କରିଥିଲି।'

ହିନ୍ଦୁ ପରମ୍ପରା ଅନୁଯାୟୀ ଅନୁଷ୍ଠିତ ହୋଇଯାଇଥିବା ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଶିକ୍ଷା, ବିଜ୍ଞାନ, ସଂରକ୍ଷଣ ଏବଂ ଜନଜୀବନର ପ୍ରତିନିଧିମାନଙ୍କ ସହ ଅନନ୍ତଙ୍କ ଶିକ୍ଷକ ଏବଂ ପରାମର୍ଶଦାତାମାନେ ମଧ୍ୟ ଯୋଗଦେଇଥିଲେ। ଏହି ସମାରୋହର ମୁଖ୍ୟ ଆକର୍ଷଣ ଥିଲା ମାଟି, ପାଣି ଏବଂ ପଥରର ବିଧିବଦ୍ଧ ସ୍ଥାପନ। ତେବେ ଏହି ଉପାଦାନଗୁଡ଼ିକ ଭାରତର ବିଭିନ୍ନ ଜୈବ ବିବିଧତା-ସମୃଦ୍ଧ ଭୂଦୃଶ୍ୟରୁ ସଂଗ୍ରହ କରାଯାଇଥିଲା, ଯେଉଁଥିରେ ତୃଣଭୂମି, ଜଙ୍ଗଲ, ଆର୍ଦ୍ରଭୂମି, ଶୁଷ୍କ ପରିବେଶ ଏବଂ ଦେଶର ଚତୁର୍ଦ୍ଦିଗ ସହ କେନ୍ଦ୍ରୀୟ ଅଂଶରେ ଅବସ୍ଥିତ ହିମାଳୟ ଏବଂ ଅନ୍ୟାନ୍ୟ ଉଚ୍ଚ-ଉଚ୍ଚତା ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି। ଏହି ଉପାଦାନଗୁଡ଼ିକ ଭାରତର ପ୍ରାକୃତିକ ବିବିଧତା ଏବଂ ଐତିହ୍ୟକୁ ପ୍ରତିଫଳିତ କରେ। ଅନନ୍ତ ଏହି ଅବସରରେ କହିଛନ୍ତି ଯେ, ବନ୍‌ତାରା ବିଶ୍ୱବିଦ୍ୟାଳୟ ଏକ ଏକାକୀ ଶିକ୍ଷାଗତ ଢାଞ୍ଚା ମଧ୍ୟରେ ବିଭିନ୍ନ ବିଷୟକୁ ସମନ୍ୱିତ କରିବ, ଯାହା ବାସ୍ତବ ଜୀବନ ସଂରକ୍ଷଣ କାର୍ଯ୍ୟର ଅଭିଜ୍ଞତା ଉପରେ ଆଧାରିତ। ବନତାରା'ର ଭୂମିଗତ ଅଭିଜ୍ଞତାଗୁଡ଼ିକୁ ଶିକ୍ଷାଗତ କାର୍ଯ୍ୟକ୍ରମ, ବୃତ୍ତିଗତ ତାଲିମ ଏବଂ ବିଶ୍ୱସ୍ତରୀୟ ପ୍ରାସଙ୍ଗିକ ଶିକ୍ଷାଗତ ଢାଞ୍ଚାରେ ଅନୁବାଦିତ କରାଯିବ। କରୁଣା, ବିଜ୍ଞାନ ଏବଂ ସଂରକ୍ଷଣକୁ ସମନ୍ୱିତ କରି, ପ୍ରତିଷ୍ଠାନ ଏପରି ବୃତ୍ତିଗତମାନଙ୍କୁ ପ୍ରସ୍ତୁତ କରିବ ଯେଉଁମାନେ ବନ୍ୟପ୍ରାଣୀ ଏବଂ ପରିବେଶ ବିଜ୍ଞାନ ସହ ଜଡିତ ଜଟିଳ ଚ୍ୟାଲେଞ୍ଜର ମୁକାବିଲା କରିପାରିବେ। ଏହି ବିଶ୍ୱବିଦ୍ୟାଳୟରେ ଅଣ୍ଡର ଗ୍ରାଜୁଏଟ୍, ପୋଷ୍ଟ ଗ୍ରାଜୁଏଟ୍, ଫେଲୋସିପ୍ ଏବଂ ବିଶେଷ ପାଠ୍ୟକ୍ରମ ଉପଲବ୍ଧ ହେବ। ଏଥିରେ ବନ୍ୟପ୍ରାଣୀ ସର୍ଜରୀ, ପୁଷ୍ଟିସାର, ଜେନେଟିକ୍ସ ଏବଂ ସଂରକ୍ଷଣ ନୀତି ଭଳି ବିଷୟ ରହିବ।

ପ୍ରାଚୀନ ନାଳନ୍ଦା ବିଶ୍ୱବିଦ୍ୟାଳୟର ଭାବଧାରାକୁ ସମ୍ମାନ ଜଣାଇ ଏହି ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନରେ ୨ଟି ପ୍ରାଚୀନ ବିଜୋଲିଆ ବାଲୁକା ପଥର ବ୍ୟବହାର କରାଯାଇଛି। ଆଗାମୀ ଦିନରେ ବନ୍‌ତାରାର କ୍ଷମତା ସହିତ ସମନ୍ୱିତ ସ୍ୱତନ୍ତ୍ର କଲେଜ ମଧ୍ୟ ପ୍ରତିଷ୍ଠା କରାଯିବ ଏବଂ ସାମାଜିକ ଏବଂ ଆର୍ଥିକ ଅନଗ୍ରସର ପରିବାରର ଛାତ୍ରଛାତ୍ରୀଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ବୃତ୍ତି ପ୍ରଦାନ କରାଯିବ। ଏହି ଅନୁଷ୍ଠାନ କେବଳ ଶ୍ରେଣୀଗୃହ ମଧ୍ୟରେ ସୀମିତ ନ ରହି ପ୍ରକୃତ କ୍ଷେତ୍ରରେ ସଂରକ୍ଷଣ କାର୍ଯ୍ୟ କରିବା ପାଇଁ ପ୍ରଫେସନାଲମାନଙ୍କୁ ପ୍ରସ୍ତୁତ କରିବ। ବନତାରା ବିଶ୍ୱବିଦ୍ୟାଳୟ କେବଳ ଏକ ଶିକ୍ଷାନୁଷ୍ଠାନ ନୁହେଁ, ବରଂ ବନ୍ୟଜନ୍ତୁଙ୍କୁ ଜ୍ଞାନ ଏବଂ ପ୍ରଶିକ୍ଷିତ ହାତ ମାଧ୍ୟମରେ ସୁରକ୍ଷା ଦେବାର ଏକ ନୂତନ ବିଶ୍ୱାସ।

ଆଜି ଦିନରେ ଅନନ୍ତ ଅମ୍ବାନୀ ନିଜ ୩୧ତମ ଜନ୍ମଦିନ ପାଳନ କରିଛନ୍ତି। ସେ ଜାମନଗର ସ୍ଥିତ ବନତାରା ଦଳ 'ଜୀବ ସେବା'ର ସମସ୍ତ କର୍ମକର୍ତ୍ତା ତଥା ସଦସ୍ୟଙ୍କ ଗହଣରେ ନିଜ ଜନ୍ମଦିନକୁ ପାଳନ କରିଛନ୍ତି। ଏହି ଅବସରରେ ୩,୫୦୦ ଏକର ପରିବ୍ୟାପ୍ତ ଏହି ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ସ୍ୱତନ୍ତ୍ର ପୁଷ୍ଟିସାର ଖାଦ୍ୟ ଏବଂ ଚିକିତ୍ସା ଅଭିଯାନର କେନ୍ଦ୍ର ପାଲଟିଥିଲା।

ସେହିପରି ଦେଶବ୍ୟାପୀ ପଞ୍ଜରାପୋଲ ଗୋଶାଳାରେ ୧ ଲକ୍ଷରୁ ଅଧିକ ଗାଈଙ୍କୁ ପ୍ରଦାନ କରାଯାଇଥିବା ଛପନ ଭୋଗ (୫୬ଟି ଜିନିଷର ଭୋଜି) ଏବଂ ଜାମନଗର ସୁବିଧାରେ ୨୦୦ରୁ ଅଧିକ ଉଦ୍ଧାର ହୋଇଥିବା ହାତୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଫଳ ବୁଫେର ବ୍ୟବସ୍ଥା କରାଯାଇଥିଲା। ଏହାବ୍ୟତୀତ ଜାମନଗରରେ, ପ୍ରାୟ ୩,୦୦୦ ସ୍କୁଲ ପିଲାଙ୍କୁ ଖାଦ୍ୟ ଯୋଗାଣ ଏବଂ ସ୍କୁଲ କିଟ୍ ପ୍ରଦାନ କରାଯିବା ସହ ୩୦ ରୁ ଅଧିକ ସ୍କୁଲକୁ ଶିକ୍ଷାଗତ ସହାୟତା ମଧ୍ୟ ବିସ୍ତାର କରାଯାଇଛି, ଯେଉଁଥିରେ ଗୋଟିଏ ବର୍ଷର ଶିକ୍ଷାଦାନ ସହାୟତା ସାମିଲ୍।

## ବ୍ରହ୍ମପୁର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ

# ନୂତନ କୁଳପତି ଭାବେ ପ୍ରଫେସର ଅସୀମା ସାହୁଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର,୧୦।୪/ଏନ୍ଏନ୍ଏସ୍:** ବ୍ରହ୍ମପୁର ଖଲିକୋଟ ଏକକ ବିଶ୍ୱ ବିଦ୍ୟାଳୟର ତୃତୀୟ ତମ କୁଳପତି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗରେ ପ୍ରଫେସର ଥିବା ଅସୀମା ସାହୁ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ବିଶ୍ୱବିଦ୍ୟାଳୟ କୁଳପତି ଦାୟିତ୍ୱରେ ଥିବା ବ୍ରହ୍ମପୁର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ ଅନୁଷ୍ଠାନିକ ଭାବେ ନୂତନ କୁଳପତି ପ୍ରଫେସର ଶ୍ରୀମତି ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। କୁଳପତି ଭାବେ



ଅସୀମା ସାହୁ ଦାୟିତ୍ୱ ଗ୍ରହଣ କରିବା ପରେ ଏକକ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ହରିହର ମର୍ଦ୍ଦରାଜ ଏବଂ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପରେ ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ନୂତନ କୁଳପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ବିଶ୍ୱବିଦ୍ୟାଳୟର ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ ଏବଂ ଅନ୍ୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ନୂତନ କୁଳପତି କହିଥିଲେ। ଏହା ସହିତ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ସହିତ ଆଲୋଚନା କରି ବିଶ୍ୱବିଦ୍ୟାଳୟର ସମସ୍ୟାକୁ ସମାଧାନ କରିବେ ବୋଲି କୁଳପତି ପ୍ରଫେସର ଅସୀମା ସାହୁ କହିଛନ୍ତି।

# ଜିଲ୍ଲାସ୍ତରୀୟ ସିଏମ୍ କପ୍ ୨୦୨୬ ଉଦ୍‌ଘାଟିତ

**ବ୍ରହ୍ମପୁର,୧୦।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାସ୍ତରୀୟ ସିଏମ କପ୍ ୨୦୨୬ ଦ୍ୱିତୀୟ ସଂସ୍କରଣ ବ୍ରହ୍ମପୁର ସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିଅମ ଠାରେ ଆଜି ଉଦଘାଟନ ହୋଇଯାଇଛି। ଏହି ଉଦଘାଟନ ଦିବସରେ ଫୁଟବଲ ଓ କବାଡି ମ୍ୟାଚ ଉଭୟ ବାଳକ ଓ ବାଳିକା ବର୍ଗରେ ଖେଳା ଯାଇଥିଲା। ଫୁଟବଲର ପ୍ରଥମ ମ୍ୟାଚ ସେଣ୍ଟ ଜାଭିଅର ଓ ସୋଡ଼ାକ ଟାଇଗର ବାଳକ ମଧ୍ୟରେ ଖେଳ ଯାଇଥିଲା। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଯୋଗ ଦେଇଥିଲେ । ସାମ୍ମାନୀତ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ଅବିନାଶ କୁମାର, ମହାନଗର ନିଗମ କମିଶନର ଏ. ଶସ୍ୟା ରେଡି, ଜିଲ୍ଲା କ୍ରୀଡା ଅଧିକାରୀ ତାପସ କୁମାର ସାମଲ ଏବଂ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସଦସ୍ୟ ଓ ବରିଷ୍ଠ ଖେଳାଳି ଏଲ. କେ ରାଓ, ଡି. ଆପା ରାଓ, ବିଜୟ କୁମାର ପଟ୍ଟନାୟକ, କେଦାରନାଥ ଚୌଧୁରୀ, ତାରିଣୀ ସାମନ୍ତରାୟ, ଦୁର୍ଗା ପଟ୍ଟନାୟକ, ଡି.ଡି ଗନ୍ତାୟତ, ଜିଏମ ବାବୁ, ସୀତାରାମ ବେବତ, ପ୍ରମୋଦ ମହାରଣା, ରାଜ ନାରାୟଣ ପାତ୍ର ଓ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘର ଅନ୍ୟାନ୍ୟ ସଦସ୍ୟ ଓ ପୂର୍ବତନ ଖେଳାଳି ମାନେ ମଧ୍ୟ ଉପସ୍ଥିତ ଥିଲେ।

# ବଡ଼ ଓ ସାନ ଭାଇଙ୍କୁ ଆକ୍ରମଣ ଘଟଣା, ମଝିଆଁ ଭାଇ ସସ୍ତ୍ରୀକ ଗିରଫ

**ବୁଗୁଡା,୧୦।୪/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ ଗୋଳିଆ ପଞ୍ଚାୟତ ଅନ୍ତର୍ଗତ ବାଦୁଆ ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ବଡ ଓ ସାନ ଭାଇ ଉଭୟଙ୍କୁ ମରଣାନ୍ତକ ଆକ୍ରମଣକରି ମଝିଆ ଭାଇ ସସ୍ତ୍ରୀକ ଗିରଫ ହୋଇଥିବା ଜଣାଯାଇଛି। ଗିରଫ ଦ୍ୱୟ ହେଲେ ପଞ୍ଚୁ ଓରଫ ପ୍ରଫୁଲ ଗୌଡ(୫୪) ଏବଂ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟା ଗୌଡ(୩୪) । ଗୁରୁତର ଦୁହେଁ ହେଲେ ବଡ ଭାଇ ଧୋବ ଗୌଡ (୫୭) ଓ ସାନ ଭାଇ ଦୁର୍ଯ୍ୟ ଗୌଡ (୫୦)। ଏନେଇ ଥାନାରେ କେସ୍ ନଂ ୧୫୮/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ। ପ୍ରକାଶ ଯେ, ପୂର୍ବରୁ ତିନି ଭାଇଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଶତ୍ରୁତା ରହିଥିବା ବେଳେ ଗତ ଗୁରୁବାର ସନ୍ଧ୍ୟାରେ ପଞ୍ଚୁର ଘର ସମ୍ମୁଖରେ ଧୋବା ଓ ଦୁର୍ଯ୍ୟ କଥାବାର୍ତ୍ତା ହେଉଥିବା ବେଳେ ହଠାତ୍ ପଞ୍ଚୁ ପଛପଟୁ ଆସି ସେ ଦୁଇ ଭାଇଙ୍କୁ ଏକ ଠିଆ କୋଡିରେ ମରଣାନ୍ତକ ଆକ୍ରମଣ କରିଥିଲା। କୋମାରେ ଥିବା ବଡ ଭାଇ ଧୋବାର ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ଅଭିଯୋଗ କ୍ରମେ ପୁଲିସ ଘଟଣାର ତଦନ୍ତ କରି ମଝିଆ ଭାଇ ପଞ୍ଚୁ ଓ ତାଙ୍କର ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଠିଆ କୋଡିଟିକୁ ଜବତ କରିଥିବା ଜଣାଯାଇଛି।

# ସୂର୍ଯ୍ୟନାରାୟଣ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ

**ଆସିକା,୧୦।୪/ଏନ୍ଏନ୍ଏସ୍:** ଭାରତୀୟ ଜନତା ପାର୍ଟିର ରାଜ୍ୟ ସଭାପତି ମନମୋହନ ସାମଲ ନୂତନ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି । ଏହି କମିଟିରେ ରାଜ୍ୟ କାର୍ଯ୍ୟକାରିଣୀକୁ ୭୨ ଜଣ ସଦସ୍ୟଙ୍କୁ ମନୋନୀତ କରାଯାଇଛି। ୩୮ ଜଣ ସ୍ୱତନ୍ତ୍ର ମନୋନୀତ ସଦସ୍ୟ ରହିଥିଲା ବେଳେ ୨୩ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରହିଥିବା ଜଣାପଡିଛି। ଭାରତୀୟ ଜନତା ପାର୍ଟିର ରାଜ୍ୟ କାର୍ଯ୍ୟକାରିଣୀକୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରୂପେ ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ବରିଷ୍ଠ ସୁସଂଗଠକ ତଥା ଦଳର ଶୃଙ୍ଖଳିତ କର୍ମୀ ସୂର୍ଯ୍ୟନାରାୟଣ ଦାଶଙ୍କୁ ମନୋନୀତ କରାଯାଇଥିବାରୁ ଶୁଭେଚ୍ଛୁ ଓ ସମର୍ଥକଙ୍କ ମହଲରେ ଖୁସିର ଲହରୀ ଖେଳିଛି। ଯୁବମୋର୍ଚ୍ଚା ଘୁମୁସର (ଆସିକା) ସାଙ୍ଗଠନିକ ଜିଲ୍ଲାର ବରିଷ୍ଠ ସୁସଂଗଠକ ସୂର୍ଯ୍ୟନାରାୟଣ ଦାଶଙ୍କୁ ନୂତନ ଦାୟିତ୍ୱ ମିଳିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି। ନୂତନ ଗୁରୁଦାୟିତ୍ୱ ମିଳିଥିବାରୁ ଶ୍ରୀ ଦାଶ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ, ବିଜେପି ଘୁମୁସର (ଆସିକା)



ଜିଲ୍ଲା ସାଙ୍ଗଠନିକ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସମେତ ସମସ୍ତ ମନ୍ତ୍ରୀ, ସାଂସଦ, ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ଦାଶ ଦୀର୍ଘ ବର୍ଷ ଧରି ଦଳର ସାଙ୍ଗଠନିକ କାର୍ଯ୍ୟରେ ସକ୍ରିୟ ରହି ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁ ରୂପେ ସଂପାଦନ କରି ଆସୁଥିଲେ। ରାଜ୍ୟ କାର୍ଯ୍ୟକାରିଣୀରେ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ରୂପେ ମନୋନୀତ ବରିଷ୍ଠ ନେତା ତଥା ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପରିଚାଳନା ପରିଷଦର ପୂର୍ବତନ ସଭାପତି ସୂର୍ଯ୍ୟ ନାରାୟଣ ଦାଶଙ୍କୁ ବରିଷ୍ଠ ବିଜେପି ନେତା ନାରାୟଣ ବେହେରା, ରଂଜନ କୁମାର ପଣ୍ଡା, ମହେଶ୍ୱର ବେହେରା, ପ୍ରଶାନ୍ତ କୁମାର ଚର୍ଚ୍ଚି, ଶିଶିର କୁମାର ନାୟକ, ସନ୍ତୋଷ କୁମାର ଗୌଡ, ଦୀପକ କୁମାର ପରିଡା, ସୁଶାନ୍ତ କୁମାର ରାଉତ, ନଳିନୀକାନ୍ତ ବେହେରା, ଦିବାକର ପ୍ରଧାନ, ବିପଦ ଚରଣ ପାତ୍ର, ଶରତ ଚନ୍ଦ୍ର ସ୍ୱାଇଁଙ୍କ ସମେତ ବହୁ ଦଳୀୟ ନେତା ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ଛତ୍ରପୁରରେ 'ଆମେ ଜାଣିବା ଆମ ବଜେଟ୍' କାର୍ଯ୍ୟକ୍ରମ

# ଋଷିକୂଲ୍ୟା ପୁନରୁଦ୍ଧାର, ଜୈବିକ ଚାଷୀଙ୍କୁ ପ୍ରୋତ୍ସାହନ ନେଇ ଆଲୋଚନା

**ଛତ୍ରପୁର,୧୦।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ "ଆମେ ଜାଣିବା ଆମ ବଜେଟ୍' ସମ୍ପର୍କିତ କାର୍ଯ୍ୟକ୍ରମ ଉଚ୍ଚଶିକ୍ଷା ବିଭାଗର କମିଶନର ଏବଂ ଗଞ୍ଜାମ ଜିଲ୍ଲା ସଚିବ ଅରବିନ୍ଦ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବାର୍ଷିକ ବଜେଟ୍ ୨୦୨୬-୨୭ରେ ଆର୍ଥିକ ଦୁର୍ବଳ, ଯୁବକ ଯୁବତୀ, ଅନ୍ନଦାତା ଓ ନାରୀ ଶକ୍ତିକୁ ପ୍ରାଧାନ୍ୟ ଦିଆଯାଇଛି । ଏହା ସହିତ ଏହି ବଜେଟ୍‌ରେ ସମୃଦ୍ଧ ଓଡିଶା ୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନ୍ ଲକ୍ଷ୍ୟ ହାସଲ ପାଇଁ ସୁପରିକଳ୍ପିତ ବ୍ୟବସ୍ଥା କରାଯାଇଛି। ଓଡିଶାର ଅର୍ଥନୀତିର ଆକାର ୯.୮୮ ଲକ୍ଷ କୋଟି ଟଙ୍କା ଏବଂ ୨୦୨୫-୨୬ରେ ଆର୍ଥିକ ଅଭିବୃଦ୍ଧି ହାର ୭.୯ ପ୍ରତିଶତ ବୋଲି ଶ୍ରୀ ଅଗ୍ରୱାଲ ସୂଚନା ଦେଇଥିଲେ । ସରକାର ଓଡିଶାର ଅର୍ଥନୀତିକୁ ୨୦୩୬ ସୁଦ୍ଧା ୫୦୦ ବିଲିୟନ୍ ଡଲାର୍ ଅର୍ଥନୀତି ଏବଂ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ୍ ଡଲାର୍ ଅର୍ଥନୀତିରେ ପରିଣତ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ସେ ସୂଚନା ଦେଇଥିଲେ ।

ଓଡିଶାର ଯୋଗାଯୋଗକୁ ସୁଦୃଢ କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ର ବଜେଟ୍ ୨୦୨୬-୨୭ ରେ ୧୦୯୨୮ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ଷୋଡଶ ଅର୍ଥ କମିଶନ୍ ତାଙ୍କର ଆୱାର୍ଡ ପିରିୟଡ୍ (୨୦୨୬-୨୭ରୁ ୨୦୩୦-୩୧) ମଧ୍ୟରେ କେନ୍ଦ୍ରୀୟ ଟିକସରୁ ରାଜ୍ୟର ଅଂଶ ଭାବେ ୪.୬୨ ଲକ୍ଷ କୋଟି ଟଙ୍କା ଓଡିଶା ପାଇବ ବୋଲି ଆକଳନ କରିଛନ୍ତି । ଯାହାକି ପୂର୍ବ ଆୱାର୍ଡ ପିରିୟଡ୍ ଅର୍ଥ ଠାରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଅଧିକ ବୋଲି ସେ ସୂଚନା ଦେଇଥିଲେ । ଏହା ସହିତ କେଉଁ କ୍ଷେତ୍ରକୁ କେତେ ଅର୍ଥ ଦିଆଯାଇଛି ସେ ସମ୍ପର୍କରେ





କମିଶନର ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାର ସମସ୍ତ ସଂଗଠନର କର୍ମକର୍ତ୍ତା, କ୍ଷେତ୍ର ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଗ୍ରଣୀ ସାମାଜିକ ଓ ବ୍ୟବସାୟିକ ସଂଗଠନର କର୍ମକର୍ତ୍ତା ଯଥା ସୀମାଞ୍ଚଳ ନାହାକ, କେ. ଏଲେୟା, ଡାକ୍ତର ସୁନୀଲ କୋଟା, ସଞ୍ଜିବ ରେଡୀ, ଏ ଟଙ୍କଧର ପ୍ରମୁଖ ଋଷିକୂଲ୍ୟା ପୁନରୁଦ୍ଧାର, ଜଳ ସଂରକ୍ଷଣ ପାଇଁ ବିଭିନ୍ନ ସ୍ଥାନରେ ଆନିକଟ୍, ଜୀବିକା ପାଇଁ ସ୍ଥାନାନ୍ତରଣ ସମସ୍ୟା ରୋକିବା ପାଇଁ ପ୍ରତିବର୍ଷ ୫ ପ୍ରତିଶତ ଜଳସେଚନ ବୃଦ୍ଧି, ଉତ୍ପାଦର ବିକ୍ରିବଟା ପାଇଁ ଉପଯୁକ୍ତ ବ୍ୟବସ୍ଥା, ଜୈବିକ ଚାଷର ପ୍ରୋତ୍ସାହନ, ଆର୍ଯ୍ୟପଲ୍ଲୀ ଠାରେ ପ୍ରସ୍ତାବିତ ଫିସିଂ ହାରବର ଶୀଘ୍ର କାର୍ଯ୍ୟକାରୀ କରିବା, ସମୁଦ୍ରରେ ରାତ୍ରୀ ପେଟ୍ରୋଲିଂ ବୃଦ୍ଧି, ମତ୍ସ୍ୟଜୀବୀଙ୍କ ପାଇଁ ସବୁସମୟରେ ସୁବିଧା ସୁଯୋଗ, ଏମ.କେ.ସି.ଜି. ଭେଷଜ ମହାବିଦ୍ୟାଳୟ ଓ ଜିଲ୍ଲାର ସ୍ୱାସ୍ଥ୍ୟସେବାର ଉନ୍ନତିକରଣ, ହୁମ୍ମା ଠାରେ ଥିବା ୧୭୦୦ ଏକର ଜମିର ସଠିକ୍ ବିନିଯୋଗ, ଯେଉଁ କମ୍ପାନୀ ମାନେ ସରକାରଙ୍କ ପାଖରୁ ଜମି ନେଇ ସଦୁପଯୋଗ କରୁନାହାନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ, ବର୍ଷାଜଳ ସଂରକ୍ଷଣ ପାଇଁ ବ୍ୟବସ୍ଥା, ଛାତ୍ରଛାତ୍ରୀ ମାନଙ୍କ ପାଇଁ ଆଧୁନିକ ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଗଞ୍ଜାମ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମ କମିଶନର ସସ୍ୟ ରେଡ୍ଡୀ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଜିଲ୍ଲାର ସମସ୍ତ ସାମାଜିକ ଓ ବ୍ୟବସାୟୀକ ସଂଗଠନର କର୍ମକର୍ତ୍ତା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଛତ୍ରପୁର,୧୦।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ଅବସରରେ ଆଜି ଜିଲ୍ଲା ସଂସ୍କୃତି ଭବନଠାରେ ଲୋକକଳା ପାଇଁ ଦିନଟିଏ ଓ ପାରମ୍ପରିକ କଳାକାରମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ସାଂସ୍କୃତିକ ଶୋଭାଯାତ୍ରାକୁ ଜିଲ୍ଲପାଳ ଭି. କୀର୍ତ୍ତି ଭାସନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା ପ୍ରମୁଖ ଉଦ୍‌ଘାଟନ କରିଥିଲେ । ଏହି ଶୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଗଞ୍ଜାମର ସମୃଦ୍ଧ ଓ ପୁରାତନ ଲୋକ କଳା ଓ ଲୋକ ସଙ୍ଗୀତର ପ୍ରସାର ପ୍ରଚାର କରିବା ପୂର୍ବକ ଜିଲ୍ଲା ସଂସ୍କୃତି ଭବନ, ଛତ୍ରପୁର ଠାରେ ପହଞ୍ଚିଥିଲା। ଏହାପରେ ସଂସ୍କୃତି ଭବନରେ ଲୋକକଳା ଉପରେ ଆଲୋଚନା ଚକ୍ର ଓ ଜିଲ୍ଲାର ବରିଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଲୋଚନା ଚକ୍ରରେ ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କେଟା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଗଂଜାମର ଲୋକକଳା, ଲୋକ ସଂଗୀତ, ଲୋକସଂସ୍କୃତି ସର୍ବଜନବିଦିତ । ଏହା ଦ୍ୱାରା ଗଞ୍ଜାମ ଏକ ସ୍ୱତନ୍ତ୍ର ପରିଚୟ ପାଇପାରିଛି । ଏସବୁକୁ ବଞ୍ଚାଇବାକୁ ହେଲେ





ଆମକୁ ଉତ୍ତରପିଢ଼ି ସୃଷ୍ଟିକରିବାକୁ ପଡିବ ବୋଲି ସେ କହିଥିଲେ। ଏହି ଅବସରରେ ରାମଲୀଳା ଶ୍ୟାମସୁନ୍ଦର ପାଣିଗ୍ରାହୀ, ପାଲାଗାୟକ ବାଳକୃଷ୍ଣ ନାୟକ, ଗାହଣା ସୁବାସ ଚନ୍ଦ୍ର ଚୌଧୁରୀ, କୃଷ୍ଣଲୀଳା ଜି ହରିବନ୍ଧୁ, ପଶୁମୁଖା ବାଞ୍ଛାନିଧି ଜେନା, ସୁତାକଣ୍ଢେଇ ବୀଭସ ସ୍ୱାଇଁ, ଦାସକାଠିଆ ରବିନାରାୟଣ ଶତପଥୀ, ପ୍ରହ୍ଲାଦ ନାଟକ ବୃନ୍ଦାବନ ଜେନା ଓ ଜନାର୍ଦ୍ଦନ ପ୍ରଧାନ, ଦାଶକାଟିଆ ବାଳକୃଷ୍ଣ ମିଶ୍ର, ଭାରତ ଲୀଳା ସୁରେନ୍ଦ୍ର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥସାରଥୀ ହାଁସଦା, ବିଡ଼ିଓ ବେଗୁନିଆପଡା ସୁନୀଲ ସାମନ୍ତରାୟ, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଜନକ ତରାଇ, ଜିଲ୍ଲା କଳା ସଂସ୍କୃତି ସଂଘର ଉପସଭାପତି ସନ୍ତୋଷ କୁମାର ପାଢ଼ୀ, ବରିଷ୍ଠ ଲୋକ କଳାକାର, ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ବେଗୁନିଆପଡା କଳା ସଂସ୍କୃତି ସଂଘର ଉପସଭାପତି ମହେଶ୍ୱର ବରାଡ଼ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ପୁସ୍ତକ ମେଳା ସହ 'ଆସ କିଣିବା ବହିଟିଏ' ଅଭିଯାନ



**ଫୁଲବାଣୀ,୧୦।୪/ଏନ୍ଏନ୍ଏସ୍:** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଚାଲିଥିବା 'ଓଡ଼ିଶା ପକ୍ଷ - ୨୦୨୬' ଅବସରରେ କନ୍ଧମାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ଭବ୍ୟ ପୁସ୍ତକ ମେଳା ସହ 'ଆସ କିଣିବା ବହିଟିଏ' ଅଭିଯାନର କନ୍ଧମାଳ ଜିଲ୍ଲାପାଳ ଶ୍ରୀ ଦେବଭୂଷଣଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ନିଜେ ପୁସ୍ତକ କ୍ରୟ କରି ଏହି ଅଭିଯାନର ଶୁଭାରମ୍ଭ କରିବା ସହ ସମସ୍ତଙ୍କୁ ବହିଟିଏ କିଣି ପଢ଼ିବା ପାଇଁ ଅନୁରୋଧ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟକୁ ଋଦ୍ଧିମନ୍ତ କରିବା ପାଇଁ ପ୍ରତିଟି ଘରେ ବହି ରହିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ । ଓଡ଼ିଶା ପକ୍ଷ ପାଳନ ସମୟରେ ଆମେ ଆମର ମାତୃଭାଷାର ବହି ପଢ଼ିବା ସହ ଅନ୍ୟମାନଙ୍କୁ ବହି ଉପହାର ଦେବା ପାଇଁ ଅନୁରୋଧ କରିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗର ପାଠକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ, ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପ୍ରବୀଣ କୁମାର ବାଣୁଆ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ ଆଦି ଜିଲ୍ଲାର ବରିଷ୍ଠ ଅଧିକାରୀ ଯୋଗଦେଇଥିଲେ। ଓଡ଼ିଆ କ୍ଲାସିକ୍ ସାହିତ୍ୟଠାରୁ ଆରମ୍ଭ କରି ସାମ୍ପ୍ରତିକ ସମୟର ଶିଶୁ ସାହିତ୍ୟ ପର୍ଯ୍ୟନ୍ତ ଅନେକ ପୁସ୍ତକ ରିହାତି ଦରରେ ଉପଲବ୍ଧ କରାଯାଇଥିଲା । ଅପରାହ୍ନରେ ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ପାଠାଗାର ପରିସରରେ 'ଆସ ବହି ପଢିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କନ୍ଧମାଳ ଜିଲ୍ଲାପାଳ ଶ୍ରୀ ବେଦଭୂଷଣଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀ, ମହାବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଓ ଅଧ୍ୟାପକ ବୃନ୍ଦ ଏକ ସାମୂହିକ ପଠନ ଚକ୍ରରେ ଯୋଗ ଦେଇଥିଲେ। ପାଠାଗାରରେ ଛାତ୍ରଛାତ୍ରୀ ନିଜ ପସନ୍ଦର ଓଡ଼ିଆ ପୁସ୍ତକ ପଢିବା ସହ ସେହି ବିଷୟରେ ପରସ୍ପର ମଧ୍ୟରେ ଆଲୋଚନା କରିଥିଲେ। ଏହାର ଉଦ୍ଦେଶ୍ୟ ଥିଲା ନୂତନ ପିଢ଼ିର ଛାତ୍ରଛାତ୍ରୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ।

# ମେ' ୧୫ରେ ରିଲିଜ୍ ହେବ ଓଡ଼ିଆ ସିନେମା 'ମେହେର ମୁଣ୍ଡା'

## ମା' ତାରାତାରିଣୀଙ୍କ ଆଶୀର୍ବାଦ ନେଲେ ସିନେ କଳାକାର

**ପୁରୁଷୋତ୍ତମପୁର,୧୦।୪/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ତଥା ଦକ୍ଷିଣ ଓଡ଼ିଶାର ତନ୍ତ୍ର ପୀଠ ରୂପେ ପରିଚିତ ମା' ତାରାତାରିଣୀଙ୍କ ଦର୍ଶନ କରିଛନ୍ତି ଓଡିଆ ସିନେ କଳାକାର। ପୂଜାର୍ଚ୍ଚନା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। 'ମେହେର ମୁଣ୍ଡା' ନାମକ ଏକ ସିନେମା ଆସନ୍ତା ମେ ୧୫ ତାରିଖରେ ରିଲିଜ୍ ହେବ। ସିନେମାର ସଫଳ କାମନା କରି ପୂଜାର୍ଚ୍ଚନା କରିଥିଲେ କଳାକାର। 'ମେହେର ମୁଣ୍ଡା' ସିନେମା ନାମକରଣ ଅନେକ



ଯଥାର୍ଥ ରହିଛି ବୋଲି କହିଛନ୍ତି ଏହି ଫିଲ୍ମର ଏକ୍‌ଜିକ୍ୟୁଟିଭ ପ୍ରଡ୍ୟୁସର ସୁଷମା ଦତ୍ତ। ବୁଣାକାରମାନଙ୍କ ଲିଡରଙ୍କ ନାମ ଅନୁସାରେ ଏବଂ ଲକ୍‌ଡାଉନ ସମୟରେ ପଶ୍ଚିମ ଓଡ଼ିଶାର ହସ୍ତତନ୍ତ୍ର ବୁଣାକାରମାନଙ୍କ ଆର୍ଥିକ ତଥା ସଂଘର୍ଷମୟ ଜୀବନର ଘଟଣାକୁ ନେଇ ପ୍ରସ୍ତୁତ ହୋଇଥିବା କାହାଣୀକୁ ଲୋକଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଫିଲ୍ମ ପ୍ରସ୍ତୁତ ହୋଇଥିବା ଅଭିଜ୍ଞ ତଥା ଯୁବ ନିର୍ଦ୍ଦେଶକ ନିକୁଞ୍ଜ ହୋତା ଏବଂ ଯୁବ ପ୍ରଯୋଜକ ରାକେଶ କୁମାର ପାଢ଼ୀ କହିଛନ୍ତି। ସିନେମାରେ ଓଡ଼ିଶା ଜନସାଧାରଣଙ୍କ ହୃଦୟକୁ ଛୁଇଁ ପାରୁଥିବା ଭଳି ସଙ୍ଗୀତ ରଚନା କରିଛନ୍ତି ସଂଗୀତକାର ଅମିତ ଯୁବରାଜ। ସିନେମାରେ ମୁଖ୍ୟ ଅଭିନେତ୍ରୀ ଆଲିନ ଅଙ୍କିତା, ମାର୍କେଟିଙ୍ଗ ହେଡ଼ ସମ୍ବିତ ଜେନା, ମ୍ୟାନେଜର ସନ୍ଦୀପ କୁମାର ବେହେରା ଓ ଉପଦେଷ୍ଟା ସ୍ୱରୂପ ଦାଶ ମା'ଙ୍କଠାରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଛନ୍ତି । ଧୀରେ ଧୀରେ ଯନ୍ତ୍ର ଚାଳିତ ମେସିନରେ ନିର୍ମାଣାଧୀନ ଶାଢ଼ୀ ଏବଂ ହସ୍ତତନ୍ତ ଏବଂ ଲୋକମାନଙ୍କ ଦ୍ୱାରା ହାତରେ ଅରଟ ଦ୍ୱାରା ବୁଣା ଯାଉଥିବା ଶାଢ଼ି ଶିଳ୍ପକୁ ପୁନର୍ଜୀବିତ କରିବା ଲକ୍ଷ୍ୟରେ ଏକ ସଂଘର୍ଷ ମୟ ବାର୍ତ୍ତାକୁ ପ୍ରଚାରିତ କରିବା ଉଦ୍ଦେଶ୍ୟରେ ପାରମ୍ପରିକ କୌଶଳ ସହିତ ଆଧୁନିକ ଟେକ୍ନୋଲୋଜିକୁ ଯୋଡିବା ସହିତ ଗ୍ରାମାଞ୍ଚଳର ଅର୍ଥନୀତିକୁ ଆଗକୁ ବଢେଇବା ଉପରେ ଏହି ଫିଲ୍ମ ନିର୍ମିତ ହୋଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ରିଲିଜ୍ ହେବାକୁ ଥିବା ଫିଲ୍ମ 'ମେହର ମୁଣ୍ଡା'ରେ ଲକଡାଉନ ସମୟରେ ହସ୍ତତନ୍ତ ବୁଣାକାର ପରିବାରଙ୍କ ବ୍ୟବସାୟ କିପରି ପ୍ରଭାବିତ ହୋଇଥିଲା ତାହା ମଧ୍ୟରେ ସେଥିରେ ରହିଥିବା ଜଣାପଡିଛି। ଏହି ସିନେମାର ପ୍ରଯୋଜକ, ନିର୍ଦ୍ଦେଶକ, ସମସ୍ତ କଳାକାର କର୍ମକର୍ତ୍ତାମାନେ ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ତଥା ପୁରୁଷୋତ୍ତମପୁର ତହସିଲଦାର ବିନୋଦ କୁମାର ବେହେରାଙ୍କୁ ସିନେମାର ଲୋଗୋ (ମେହେର ମୁଣ୍ଡା)ର ଅରଟ ଚକ୍ର ସିନେମା ପରିବାର ପକ୍ଷରୁ ସମର୍ପିତ କରିଥିଲେ।

# ଜଗା ପାଳିଲା ୧୧ତମ ଜନ୍ମଦିନ



**ଫୁଲବାଣୀ,୧୦।୪/ଏନ୍ଏନ୍ଏସ୍:** ବହୁ ଚର୍ଚ୍ଚିତ ଯୋଡ଼ା ମୁଣ୍ଡ ଶିଶୁ ଜଗାକୁ ପୂରିଛି ୧୧ ବର୍ଷ। ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ବିଭାଗର ଦୁଇ ନମ୍ବର କ୍ୟାବିନରେ ମା ଓ ଭଉଣୀ ସୁଭଦ୍ରା ସହ ମିଶି କେକ୍ କାଟି ନିଜ ଜନ୍ମଦିନକୁ ପାଳନ କରିଥିଲା ଜଗା । ପରସ୍ପରକୁ କେକ ଖୁଆଇ ଖୁସି ବାଣ୍ଟିଥିଲେ ଭାଇ ଭଉଣୀ। ଶିଶୁ ବିଭାଗର ନର୍ସ ଏବଂ ଏ.ଏନ.ଏମ ମାନେ ମଧ୍ୟ ସାମିଲ ହୋଇ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଜଗା ବର୍ତ୍ତମାନ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ପାଠ ପଢିବାକୁ ଆଗ୍ରହ ପ୍ରକାଶ କରୁଛି। କିନ୍ତୁ ବିଭିନ୍ନ କାରଣରୁ ବିଦ୍ୟାଳୟରେ ନାମଲେଖା ସମ୍ଭବ ହୋଇ ପାରୁନାହିଁ। ଦୁଇ ବର୍ଷ ପରେ ଜଗାର ବୃତାନ୍ତ ଅପରେସନ କରାଯାଇ କୃତ୍ରିମ ଖପୁରୀ ପ୍ରତ୍ୟାରୋପଣ କରାଯିବ ବୋଲି ଡାକ୍ତରମାନେ କହିଛନ୍ତି।

# ଛୁରୀ ଭୁଷି ହତ୍ୟା ଉଦ୍ୟମ: ଜଣେ ଗିରଫ

**ହିଞ୍ଜିଳିକାଟୁ,୧୦।୪/ଏନ୍ଏନ୍ଏସ୍:** ଯାତ୍ରା ଦେଖୁଥିବା ବେଳେ ସାମାନ୍ୟ କଥାକୁ କେନ୍ଦ୍ର କରି ବଚସା ପରେ ଘରକୁ ଯାଇ ଛୁରୀ ଭୁଷି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ହିଞ୍ଜିଳି ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଜଣଙ୍କ ହେଲେ ହିଞ୍ଜିଳି ଥାନା ରାମଚନ୍ଦ୍ରପୁର ଗ୍ରାମର ଭରତ ଦାସ (୨୦)। ଗିରଫ ଯୁବକଙ୍କ ଠାରୁ ଆକ୍ରମଣରେ ବ୍ୟବହୃତ ଛୁରୀକୁ ପୁଲିସ ଜବତ କରିଛି। ଏନେଇ ହିଞ୍ଜିଳି ଥାନାରେ କେସ ନଂ - ୧୯୨/୨୬ ରେ ଏକ ମାମଲା ରୁଜୁ କରି ଗିରଫ ଯୁବକଙ୍କୁ ଶୁକ୍ରବାର ଶେରଗଡ କୋର୍ଟକୁ ଚାଲାଣ କରାଯାଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ହିଞ୍ଜିଳି ଥାନା ତଥା ହିଞ୍ଜିଳିକାଟୁ ପୌରାଞ୍ଚଳ ନୂଆଁଗଡ ଗ୍ରାମର ଶିବ ଦାସ ଓ ତାଙ୍କ ସ୍ତ୍ରୀ ମାମି ଦାସ ବୁଧବାର ରାତିରେ ନିଜ ପୈତୃକ ଗ୍ରାମ ରାମଚନ୍ଦ୍ରପୁର ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇଥିଲେ। ଯାତ୍ରା ସ୍ଥଳରେ କୌଣସି କଥାକୁ କେନ୍ଦ୍ର କରି ମାମି ଓ ଅଞ୍ଚଳର ଭରତଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଶିବ ଓ ମାମି ଦୁହେଁ ଘରକୁ ଫେରି ବାରଣ୍ଡାରେ ବସିଥିବା ବେଳେ ଭରତ ଏକ ଧାରୁଆ ଛୁରୀ ଧରି ଶିବଙ୍କ ଘରକୁ ଆସି ମାମିଙ୍କୁ ଅଶାଳୀନ ବ୍ୟବହାର କରିବା ସହ ଶିବଙ୍କ ପିଠିକୁ ଧାରୁଆ ଛୁରୀରେ ଭୁଷି ହତ୍ୟା ଉଦ୍ୟମ କରିଥିଲେ। ଘଟଣା ସ୍ଥଳରେ ଲୋକଙ୍କ ଭିଡ ଜମିବାରୁ ଘଟଣା ସ୍ଥଳରୁ ଆକ୍ରମଣକାରୀ ଫେରାଇ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଘଟଣା ନେଇ ଆହତଙ୍କ ସ୍ତ୍ରୀ ମାମି ଗୁରୁବାର ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୁଲିସ ରାମଚନ୍ଦ୍ରପୁର ଗ୍ରାମରୁ ଗୁରୁବାର ବିଳମ୍ବିତ ରାତିରେ ଆକ୍ରମଣକାରୀ ଭରତଙ୍କୁ ଗିରଫ କରିଥିବା ଜଣାପଡିଛି।

# ମା' ରତ୍ନମାଳୀ ହାଇସ୍କୁଲ୍‌ରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଆସିକା,୧୦।୪/ଏନ୍ଏନ୍ଏସ୍:** ଓଡିଆ ପକ୍ଷ ୨୦୨୬ ପାଳନର ଦଶମ ଦିବସରେ ଆମ ଲୋକକଳା ଆମ ସ୍ୱାଭିମାନ-ଶିଳ୍ପୀ କଳ୍ପନାକୁ କରେ ବଳିୟାନକୁ ଆଧାର କରି ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆସିକା ବ୍ଲକ ଅନ୍ତର୍ଗତ ହରିଡାପଦର ଗ୍ରାମ ପଞ୍ଚାୟତର ମଣ୍ଡାପଡା ଗ୍ରାମ ମା ରତ୍ନମାଳୀ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ପ୍ରଧାନଶିକ୍ଷକ ତାରା ପ୍ରସାଦ ମିଶ୍ର, ସହକାରୀ ଶିକ୍ଷକ ବି.ଚନ୍ଦ୍ରଶେଖର ରେଡି, ରଶ୍ମିତା ମହାପାତ୍ର, ଗୋବିନ୍ଦ ପରିଡା, ଶଶୀଭୂଷଣ ସାହୁ, ପାଣ୍ଡବେଶ୍ୱର ଜେନା,



ପାଣ୍ଡବ ଗୌଡ ପ୍ରମୁଖ ଯୋଗଦେଇ ଆମ ମାଟିର କଳା ଓ କଳାକାରମାନଙ୍କୁ ଉତ୍ସାହିତ କରିବା ଏବଂ ଓଡିଆ ଅସ୍ମିତାର ଏହି ମହାପର୍ବରେ ସାମିଲ୍ ହେବାକୁ ଆହ୍ୱାନ କରିଥିଲେ। ଓଡିଆ ସଂସ୍କୃତି ଓ ଲୋକକଳା ଅନନ୍ୟ ହୋଇଥିଲା ବେଳେ ବିଶ୍ୱର ଲୋକକଳା ଗଞ୍ଜାମରୁ ଜନ୍ମ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି କହିଥିଲେ। ଗଞ୍ଜାମ ଜିଲ୍ଲାର ଲୋକକଳା ଅତି ପ୍ରାଚୀନ ହୋଇଥିବା ଯୋଗୁଁ କଳାର ଐତିହ୍ୟକୁ ବଜାୟ ରଖିବାକୁ ଆହ୍ୱାନ କରିଥିଲେ। ଗଞ୍ଜାମ ଜିଲ୍ଲାରେ ୬୭ ପ୍ରକାର ଲୋକନାଟ୍ୟ ରହିଥିଲା ବେଳେ ଗଞ୍ଜାମ ଜିଲ୍ଲାର ବାଘନାଚ ଅତି ଆକର୍ଷଣୀୟ ଏବଂ ରାଜ୍ୟ ବାହାରେ ମଧ୍ୟ ଏହା ପ୍ରସିଦ୍ଧିଲାଭ କରିଥିବା ନଜିର୍ ରହିଛି । ଗଞ୍ଜାମ ଜିଲ୍ଲା ଲୋକକଳାର ଗନ୍ତାଘର ହୋଇଥିଲା ବେଳେ ଏହି ଜିଲ୍ଲାର ବିଭିନ୍ନ ଲୋକକଳା ଅତି ପ୍ରାଚୀନ । ଲୋକକଳାକୁ ବଞ୍ଚାଇ ରଖିବା ପାଇଁ ସମସ୍ତ ସ୍ତରରେ ସାମୂହିକ ଭାବେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ଜରୁରୀ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ମଣ୍ଡାପଡା ଗ୍ରାମର ମା ରତ୍ନମାଳୀ ନାମ ସଂକୀର୍ତ୍ତନ ଦଳର ବରିଷ୍ଠ ସଦସ୍ୟ କୋରା ସାହୁ, କାଲୁ ଗୌଡ, କାମରାଜୁ ସାହୁ, ହନୁ ବେହେରା, ଉଜ୍ଜଳ ଖଟେଇ, ମୋଚିରାମ ପ୍ରଧାନ, କାଲୁ ସେଠୀଙ୍କୁ ଏହି ଅବସରରେ ଶିକ୍ଷାନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଲୋକକଳାକୁ ବଞ୍ଚାଇ ରଖିବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷାନୁଷ୍ଠାନର କର୍ମଚାରୀ ମହନ୍ତର ସାହୁ, ବୁଲୁ ସେଠୀ, ଶନି ଜେନା ପ୍ରମୁଖ ସହଯୋଗ କରିଥିଲା ବେଳେ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ବିଜେପିର ନୂଆ ରାଜ୍ୟ କାର୍ଯ୍ୟକାରିଣୀ କମିଟି

**ଭୁବନେଶ୍ୱର,୧୦।୪/ଏନ୍ଏନ୍ଏସ୍:** ଦୀର୍ଘ ଦିନ ପରେ ବିଜେପିର ନୂତନ ରାଜ୍ୟ କାର୍ଯ୍ୟକାରିଣୀ କମିଟି ଘୋଷଣା ହୋଇଛି। ରାଜ୍ୟ ସଭାପତି ମନମୋହନ ସାମଲ ସଦସ୍ୟଙ୍କ ନାମ ତାଲିକା ଘୋଷଣା କରିଛନ୍ତି। କମିଟିରେ ୭୨ ଜଣ ସଦସ୍ୟ ଅଛନ୍ତି। ଏଥିସହ ୩୮ ଜଣ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ୨୩ ଜଣ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରହିଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ୩ ଜଣ କେନ୍ଦ୍ରମନ୍ତ୍ରୀ, ରାଜ୍ୟ କ୍ୟାବିନେଟ୍‌ର ମନ୍ତ୍ରୀ, ସାଂସଦ, ପୂର୍ବତନ ମନ୍ତ୍ରୀମାନେ ଏହି ତାଲିକାରେ ସ୍ଥାନ ପାଇଛନ୍ତି। ବିଜେଡି ଛାଡି ବିଜେପିରେ ମିଶିଥିବା କେତେକ ନେତାଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ସାମିଲ କରାଯାଇଛି।

ସୂଚନାନୁଯାୟୀ କଟକ ଜିଲ୍ଲାରୁ ୭ ଜଣ, ଭୁବନେଶ୍ୱରରୁ ୩, ଖୋର୍ଦ୍ଧାରୁ ୨, ଜଗତସିଂହପୁରରୁ ୨, ଯାଜପୁରରୁ ୨ ଓ କେନ୍ଦ୍ରାପଡ଼ାରୁ ୨ ଜଣ ସଦସ୍ୟ ଅଛନ୍ତି। ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ବହୁ ପୂର୍ବତନ ମନ୍ତ୍ରୀ, ପୂର୍ବତନ ସାଂସଦ ଓ ପୂର୍ବତନ ବିଧାୟକମାନେ ସ୍ଥାନ ପାଇଛନ୍ତି। ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପ ମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ତିନି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ ଓ ଜୁଏଲ୍ ଓରାମଙ୍କୁ କାର୍ଯ୍ୟକାରିଣୀରେ ସ୍ଥାନ ମିଳିଛି। ଦଳର ସମସ୍ତ ସାଂସଦ, ବିଧାୟକ, ଜିଲ୍ଲା ପ୍ରଭାରୀ, ଜିଲ୍ଲା ସଭାପତି, ରାଜ୍ୟ ମୁଖପାତ୍ର, ବିଭିନ୍ନ ସେଲର ରାଜ୍ୟ ଆବାହକ ସେଲ୍ ପ୍ରଭାରୀଙ୍କୁ ରାଜ୍ୟ କାର୍ଯ୍ୟକାରିଣୀର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ଭାବେ ସାମିଲ କରାଯାଇଛି।

ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲା

# ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ

**ଅନୁଗୁଳ,୧୦।୪ /ଏନ୍ଏନ୍ଏସ୍:** ଅନୁଗୁଳ ଜିଲ୍ଲାରେ ଘଟିଥିବା ଜଣେ ୪ ବର୍ଷର ନାବାଳିକାଙ୍କୁ ଦୁଷ୍କର୍ମ ଓ ହତ୍ୟା କରିବା ଭଳି ସମ୍ବେଦନଶୀଳ ମାମଲାର ଚୂଡାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅନୁଗୁଳ ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ବିଚାରପତି ବିଚାରପତି ସୋମ୍ୟା ପ୍ରିୟଦର୍ଶିନୀ।ଅଭିଯୁକ୍ତ ବାବୁଲା ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଫା ୧୩୭(୨), ୧୦୩(୧), ୬୫(୨) ଏବଂ ୨୩୮(କ) ସହିତ ପକ୍ସୋ ଆକ୍ଟର ଧାରା ୬ ଅନୁଯାୟୀ ଅଭିଯୁକ୍ତଙ୍କୁ ଦଣ୍ଡିତ କରାଯାଇଛି। ମାମଲାର ବିବରଣୀ ଅନୁଯାୟୀ ଗତ ୨୦୨୫ ମାର୍ଚ୍ଚ ୧୩ ତାରିଖରେ ଇଣ୍ଡଷ୍ଟ୍ରିଆଲ ଥାନା ଅଞ୍ଚଳରେ ଜଣେ ନାବାଳିକା ନିଜ ଘର ସମ୍ମୁଖରେ ଖେଳୁଥିବା ସମୟରେ ହଠାତ ନିଖୋଜ ହୋଇଯାଇଥିଲେ। ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଖୋଜାଖୋଜି କରାଯିବା ପରେ ମାର୍ଚ୍ଚ ୧୫ ତାରିଖରେ ନିକଟସ୍ଥ ଏକ ମହୁଲ ଗଛ ମୂଳରୁ ଶିଶୁ କନ୍ୟାର ମୃତଦେହ ଉଦ୍ଧାର କରାଯାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ନାବାଳିକାଙ୍କୁ ଦୁଷ୍କର୍ମ କରାଯିବା ସହ ଗଳା ଚିପି ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ଅନୁଗୁଳ ଏସପି ରାହୁଲ ଜୈନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଜୋରଦାର କରାଯାଇଥିଲା। ଇଣ୍ଡଷ୍ଟ୍ରିଆଲ ଥାନା ଆଇଆଇସି ଏବଂ ଡିଏସପି ଯୋଗେଶ୍ୱରୀ ବେହେରାଙ୍କ ନେତୃତ୍ୱରେ ପୁଲିସ ଘଟଣାର ତୁରନ୍ତ ଅଭିଯୁକ୍ତ ବାବୁଲା ଜେନାଙ୍କୁ ଗିରଫ କରିଥିଲା। ବୈଜ୍ଞାନିକ ଏବଂ ଫୋରେନସିକ୍ ପ୍ରମାଣ ସଂଗ୍ରହ, ଡିଏନଏ ନମୁନା ପରୀକ୍ଷା ଏବଂ ସଠିକ ସମୟରେ ପୋଲିସର ଚାର୍ଜସିଟ୍ ଦାଖଲ ଯୋଗୁଁ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ପୁଲିସ ସଫଳ ହୋଇପାରିଥିଲା। ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ କ୍ଷେତ୍ରରେ ଓଡ଼ିଶା ପୋଲିସର 'ଶୂନ୍ୟ ସହନଶୀଳତା' ନୀତି ଏବଂ ପ୍ରଶାସନିକ ସମନ୍ୱୟ ଯୋଗୁଁ ପୀଡ଼ିତାଙ୍କ ପରିବାରକୁ ଖୁବ୍ କମ ସମୟ ମଧ୍ୟରେ ନ୍ୟାୟ ମିଳିପାରିଛି। ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଅନୁଗୁଳ ଏସପି ଏବଂ ତଦନ୍ତକାରୀ ଅଧିକାରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ସହ ନୂତନ ଭାରତୀୟ ଆଇନ କାର୍ଯ୍ୟକାରୀ ହେବାପରେ ଦ୍ରୁତ ତଦନ୍ତ ଓ କମ ସମୟ ମଧ୍ୟରେ ଦୋଷୀ ସାବ୍ୟସ୍ତ ହାର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଥିବାରୁ ସନ୍ତୋଷବ୍ୟକ୍ତ କରିଛନ୍ତି।

୨୧୩୬ ସ୍ଥାନରେ ଯାଞ୍ଚ୍

# ୪୬୯୧ ସିଲିଣ୍ଡର୍ ଜବତ

**ଭୁବନେଶ୍ୱର,୧୦।୪/ଏନ୍ଏନ୍ଏସ୍:** ରାଜ୍ୟରେ ଏଲ୍‌ପିଜି ଗ୍ୟାସ୍ ଯୋଗାଣ ସ୍ଥିତି ସ୍ୱାଭାବିକ ରହିଛି। ମାତ୍ର କୌଣସି କାରଣ ନଥାଇ କିଛି ଅସାଧୁ ବ୍ୟକ୍ତି ବେଆଇନ ଭାବରେ ଗ୍ୟାସ୍ ସିଲିଣ୍ଡର ମହଜୁଦ ରଖୁଥିବାବେଳେ ଯୋଗାଣ ବିଭାଗ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଭିନ୍ନ ଜିଲ୍ଲାରେ ଯୋଗାଣ ବିଭାଗ ଅଧିକାରୀମାନେ ଟିମ ମାନ ଗଠନ କରି ଯାଞ୍ଚ କରୁଛନ୍ତି । ଏହି ଟିମ ଗୁଡିକ ଦୈନିକ ଭାବେ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ପ୍ରଦାନ କରୁଛନ୍ତି। ପ୍ରତ୍ୟେକ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କ ତତ୍ତ୍ୱବଧାନରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରୁଛନ୍ତି। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଆଜି ପର୍ଯ୍ୟନ୍ତ ରାଜ୍ୟର ୩୦ଟି ଯାକ ଜିଲ୍ଲାର ୨୧୩୬ଟି ସ୍ଥାନରେ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ଗ୍ୟାସ ଏଜେନ୍ସି ଓ ଅନ୍ୟ ସ୍ଥାନ ରହିଛି। ଏହି ସବୁ ସ୍ଥାନରୁ ୪୬୯୧ ସିଲିଣ୍ଡର ଜବତ କରାଯାଇଛି। ଏତଦବ୍ୟତୀତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଅଧିନିୟମ ଅନୁଯାୟୀ ବିଭିନ୍ନ ଜିଲ୍ଲାପାଳଙ୍କ କୋର୍ଟରେ ୩୬୦ ମାମଲା ରୁଜୁ କରାଯିବା ସହ ବିଭିନ୍ନ ଥାନାରେ ୩୧ଟି ଏଫଆଇଆର ଦାଖଲ କରାଯାଇଛି। ଏପରିକି କଳାବଜାରୀ ଓ ବେଆଇନ୍ ସିଲିଣ୍ଡର ଗଛିତ ରଖିଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କୁ ସାଂସଦଙ୍କ ଚିଠି

# ମେଟ୍ରୋ ପ୍ରକଳ୍ପ ସମ୍ପର୍କରେ ପୁନଃବିଚାର କରାଯାଉ

## 'କିଛି ପ୍ରକଳ୍ପ ଲାଭ ପାଇଁ ନୁହେଁ ବରଂ ଲୋକଙ୍କ ହିତ ପାଇଁ କରାଯାଏ'





**ଭୁବନେଶ୍ୱର,୧୦।୪ /ଏନ୍ଏନ୍ଏସ୍:** ମେଟ୍ରୋ ରେଳ ପ୍ରକଳ୍ପକୁ ନେଇ ରାଜନୀତି ତୀବ୍ର ହୋଇଥିଲା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏହି ମର୍ମରେ ଚିଠି ଦେଇ ବିବାଦକୁ ଆହୁରି ତାଜା କରି ଦେଇଛନ୍ତି। ଜନସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପ୍ରକଳ୍ପ ବନ୍ଦ ନିଷ୍ପତ୍ତି ଉପରେ ପୁନଃବିଚାର କରିବାକୁ ଅପରାଜିତା ଚିଠି ଲେଖିଛନ୍ତି। ପାଞ୍ଚ ପୃଷ୍ଠା ସମ୍ବଳିତ ଚିଠିରେ ଅପରାଜିତା ଲେଖିଛନ୍ତି ଯେ, କିଛି ପ୍ରକଳ୍ପ ଲାଭ ପାଇଁ ନୁହେଁ ବରଂ ଜନସାଧାରଣଙ୍କ ହିତ ପାଇଁ କରାଯାଏ। ଅପରାଜିତାଙ୍କ ପୂର୍ବରୁ ସାଂସଦ ସମ୍ବିତ ପାତ୍ର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। ଜୟପୁର ପାଣ୍ଟି ମଡେଲରେ ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କରିବାକୁ କହିଥିଲେ।

ପ୍ରକାଶ ଯେ ଅପରାଜିତା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଏହି ପ୍ରକଳ୍ପ କେବଳ ଭୁବନେଶ୍ୱର ନୁହେଁ, ବରଂ କଟକ, ଜଟଣୀ ଏବଂ ଖୋର୍ଦ୍ଧା ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ବଡ଼ ପରିବର୍ତ୍ତନ ଆଣିବାର କ୍ଷମତା ରଖୁଥିଲା। ଏହା ହଠାତ୍ ବନ୍ଦ ହୋଇଯିବା ଫଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହି ପ୍ରକଳ୍ପ ବାବଦରେ ରାଜ୍ୟ କୋଷାଗାରରୁ ପ୍ରାୟ ୨୭୪ କୋଟି ଟଙ୍କା ଖର୍ଚ୍ଚ ହୋଇସାରିଛି। ଯଦି ଏବେ ଏହାକୁ ବନ୍ଦ କରାଯାଏ ଏବଂ ଭବିଷ୍ୟତରେ ପୁଣି ଆରମ୍ଭ କରାଯାଏ, ତେବେ ଏହାର ନିର୍ମାଣ ଖର୍ଚ୍ଚ ୨ ରୁ ୪ ଗୁଣ ବୃଦ୍ଧି ପାଇବ। ଲିଙ୍ଗରାଜ ମନ୍ଦିର, ଧଉଳି ଏବଂ ନନ୍ଦନକାନନ ଭଳି ପ୍ରମୁଖ ପର୍ଯ୍ୟଟନ ସ୍ଥଳୀକୁ ସହଜ ଯୋଗାଯୋଗ ପାଇଁ ମେଟ୍ରୋ ଏକ ଆଧୁନିକ ମାଧ୍ୟମ ହୋଇଥାନ୍ତା। ଲାଭ-କ୍ଷତିକୁ ନଦେଖି ବୃହତ୍ତର ଜନସ୍ୱାର୍ଥ ଏବଂ ପରିବେଶ ଅନୁକୂଳ ପରିବହନ ବ୍ୟବସ୍ଥା ପାଇଁ ଏହି ପ୍ରକଳ୍ପକୁ ପୁନର୍ଜୀବିତ କରିବାକୁ ସେ ଦାବି କରିଛନ୍ତି। ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବା ଦିଗରେ ମେଟ୍ରୋ ରେଳ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ ଆଶା ପ୍ରକଟ କରିଛନ୍ତି।

୭୯ତମ ସ୍ୱାଧୀନତା ଦିବସରେ ରାଷ୍ଟ୍ରପତି ଦେଶରେ ବଢୁଥିବା ନଗର ଏବଂ ମେଟ୍ରୋ ପ୍ରକଳ୍ପ ଉପରେ ଉଦ୍‌ବୋଧନ ଦେଇଥିବା ବେଳେ ତାଙ୍କ ନିଜସ୍ୱ ରାଜ୍ୟ ଓଡ଼ିଶା ଏଥିରୁ ବାଦ୍ ପଡ଼ିବ କି ବୋଲି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ପ୍ରଶ୍ନ କରିଛନ୍ତି। ସାଂସଦ ଭାବେ ଏହି ପ୍ରକଳ୍ପ ପାଇଁ ସମସ୍ତ ସହଯୋଗ ରହିବ ବୋଲି କହି କ୍ୟାବିନେଟ୍ ବୈଠକ ନିଷ୍ପତ୍ତିର ପୁନଃବିଚାର କରିବାକୁ ଅନୁରୋଧ କରିଛନ୍ତି।

ଏହି ପ୍ରକଳ୍ପ ପର୍ଯ୍ୟଟନର ବିକାଶ ଓ ନିବେଶକୁ ଆକୃଷ୍ଟ କରିବାରେ ସହାୟକ ହେବ। ସେଥିପାଇଁ କେନ୍ଦ୍ର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ଅନୁଦାନ ଯୋଗାଡ଼ କରିବାରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ। ନିଷ୍ପତ୍ତି ପ୍ରତ୍ୟାହାର କରି ମେଟ୍ରୋ କାର୍ଯ୍ୟ ଆଗକୁ ବଢ଼ାଇବାକୁ ସେ ଚିଠି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି।

### 'ବାତିଲ୍ ହୋଇନି, ସାମୟିକ ଭାବେ ସ୍ଥଗିତ ରହିଛି'



ମେଟ୍ରୋ ପ୍ରକଳ୍ପ ବାତିଲ୍ ହୋଇନି, ସାମୟିକ ଭାବେ ସ୍ଥଗିତ ରହିଛି। ମେଟ୍ରୋ ପ୍ରକଳ୍ପକୁ ନେଇ ସ୍ପଷ୍ଟୀକରଣ ରଖି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏହା କହିଛନ୍ତି। ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ଯେ ଭୁବନେଶ୍ୱର ମେଟ୍ରୋ କର୍ପୋରେସନ ବନ୍ଦ ହୋଇନି, ଅଫିସ ଚାଲୁ ରହିଛି। ମେଟ୍ରୋ ପ୍ରକଳ୍ପ ପ୍ରସଙ୍ଗ ମୁଖ୍ୟମନ୍ତ୍ରୀଙ୍କ ବିଚାରାଧୀନ ରହିଛି। ଆନ୍ତଃମନ୍ତ୍ରୀସ୍ତରୀୟ କମିଟି ଗଠନ ହୋଇଛି। ପୂର୍ବ ସରକାର ଗ୍ରାଉଣ୍ଡ ସ୍ଥିତି ନପରଖି ମେଟ୍ରୋ ପ୍ରକଳ୍ପ ଘୋଷଣା କରିଥିଲେ। ଏମିତିକି କେନ୍ଦ୍ରୀୟ ସହଯୋଗ ନେଇନଥିଲେ। ଏବେ ଯାହାବି ହେବ କେନ୍ଦ୍ରୀୟ ସହାୟତା ନେଇ କରାଯିବ। ତେବେ ଆଗକୁ ପ୍ରକଳ୍ପ ଜାରି ରହିବ ନା ବନ୍ଦ ହେବ ସେନେଇ ମନ୍ତ୍ରୀ କୌଣସି ସ୍ପଷ୍ଟୀକରଣ ଦେଇନାହାଁନ୍ତି।

କଲେଜ ଓ ବିଶ୍ୱବିଦ୍ୟାଳୟ ପାଇଁ 'ଆଦର୍ଶ ଆଚରଣ ବିଧି' ପ୍ରସ୍ତୁତ

# ବିନା ଅନୁମତିରେ ରାଜନୈତିକ ସଭାକୁ ନା

**ଭୁବନେଶ୍ୱର,୧୦।୪ /ଏନ୍ଏନ୍ଏସ୍:** ରାଜ୍ୟର ସମସ୍ତ ସରକାରୀ ଓ ବେସରକାରୀ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟରେ ଶୈକ୍ଷିକ ବାତାବରଣକୁ ସୁଧାରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ପ୍ରଥମଥର ପାଇଁ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟକ୍ଷଙ୍କ ନିମନ୍ତେ ୧୧ପୃଷ୍ଠା ବିଶିଷ୍ଟ 'ଆଦର୍ଶ ଆଚରଣ ବିଧି' ପ୍ରସ୍ତୁତ ହୋଇଛି। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ସହ କ୍ୟାମ୍ପସରେ ଶୃଙ୍ଖଳା ରକ୍ଷା କରିବା ପାଇଁ ସରକାର ଏହି ଐତହାସିକ ନିଷ୍ପତ୍ତି ନେଇଛନ୍ତି। ଏଣିକି କେବଳ ପାଠପଢ଼ା ନୁହେଁ ବରଂ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ସାଧୁତା ଓ ପାରସ୍ପରିକ ସମ୍ମାନ ବଜାୟ ରଖିବା ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ହେବ। ପୂର୍ବ ଅନୁମତି ବିନା ଶିକ୍ଷାନୁଷ୍ଠାନ ପରିସରରେ(କ୍ୟାମ୍ପସ) ଅନଧିକୃତ ଆନ୍ଦୋଳନ ଓ ହରତାଳ ନିଷେଧ କରାଯିବା ସହ ବାହ୍ୟ ହସ୍ତକ୍ଷେପ ଓ ଅସାମାଜିକ କାର୍ଯ୍ୟକଳାପରୁ ମୁକ୍ତ ରଖିବା ଏବଂ ମାସକ ମଧ୍ୟରେ 'ତମାଖୁମୁକ୍ତ' କରିବାକୁ ଏହି କଡ଼ା ନିୟମାବଳୀ ପ୍ରସ୍ତୁତ ହୋଇଛି। ଏସବୁ ସମେତ ଶିକ୍ଷାନୁଷ୍ଠାନ କ୍ୟାମ୍ପସରେ ବିନା ଅନୁମତିରେ କୌଣସି ରାଜନୈତିକ ସଭା କରିବାକୁ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏଣିକି କ୍ୟାମ୍ପସ ମଧ୍ୟରେ ଶୃଙ୍ଖଳା ଭାଙ୍ଗିଲେ କିମ୍ବା କୌଣସି ନିୟମ ଉଲ୍ଲଙ୍ଘନ କଲେ ବହିଷ୍କାର ଭଳି କଠୋର ଦଣ୍ଡ ମିଳିବ ବୋଲି ସରକାର ସ୍ପଷ୍ଟ କରିବା ସହ ଏହି ୧୧ପୃଷ୍ଠା ବିଶିଷ୍ଟ 'ଆଦର୍ଶ ଆଚରଣ ବିଧି'(ମଡେଲ କୋଡ୍ ଅଫ୍ କଣ୍ଡକ୍ଟ)କୁ ଶିକ୍ଷାନୁଷ୍ଠାନର ପ୍ରୋସପେକ୍ଟସ୍, ହ୍ୟାଣ୍ଡବୁକ୍ ଓ ୱେବସାଇଟରେ ସାମିଲ କରି ଏହାର ଅନୁପାଳନ ସୁନିଶ୍ଚିତ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ନୂଆ ଆଚରଣ ବିଧିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସମସ୍ତ କଲେଜ ଅଧ୍ୟକ୍ଷ ଓ ବିଶ୍ୱବିଦ୍ୟାଳୟ କୁଳପତିମାନଙ୍କୁ ଆଜି ଉଚ୍ଚଶିକ୍ଷା ବିଭାଗ ଚିଠି ଲେଖିଛି।

ତେବେ ଏହି ନିୟମରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଶ୍ରେଣୀଗୃହରେ ନିୟମିତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯାଇଛି ଓ ଏଥିରେ ଅବହେଳାକୁ ଗମ୍ଭୀର ଶୃଙ୍ଖଳାଗତ ତ୍ରୁଟି ଭାବେ ବିବେଚନା କରାଯିବ। ଯଦି କୌଣସି ଛାତ୍ରଛାତ୍ରୀ କ୍ରମାଗତ ଭାବେ ଅନୁପସ୍ଥିତ ରହନ୍ତି, ତେବେ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଅଭିଭାବକଙ୍କୁ ତୁରନ୍ତ ଫୋନ୍ କଲ୍, ଏସଏମଏସ୍ କିମ୍ବା ଆପ୍ ମାଧ୍ୟମରେ ଅବଗତ କରାଯିବ। ରାଗିଂ, ନିଶାଦ୍ରବ୍ୟ ସେବନ, ଯୌନ ଉତ୍ପୀଡ଼ନ ଓ ଅଶ୍ଳୀଳ ଆଚରଣକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ଶିକ୍ଷାନୁଷ୍ଠାନର ସମ୍ପତ୍ତି ନଷ୍ଟ କଲେ ସମ୍ପୂର୍ଣ୍ଣ କ୍ଷତିପୂରଣ ଆଦାୟ କରାଯିବ ଓ କ୍ଷତିପୂରଣ ନଦେଲେ କିମ୍ବା

### ଶ୍ରେଣୀଗୃହରେ ନିୟମିତ ଉପସ୍ଥାନ ବାଧ୍ୟତାମୂଳକ

ଗୁରୁତର ଅଶାନ୍ତି ସୃଷ୍ଟି କଲେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କୁ ସାମୟିକ କିମ୍ବା ସ୍ଥାୟୀ ଭାବେ ବହିଷ୍କାର କରାଯିବ। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଛାତ୍ରଛାତ୍ରୀ ପରିଚୟ ପତ୍ର (ଆଇ କାର୍ଡ) ପିନ୍ଧିବା ଓ ଅଭିଭାବକଙ୍କ ସଠିକ୍ ଫୋନ୍ ନମ୍ବର ଡାଟାବେସରେ ଦେବାକୁ ବାଧ୍ୟ।

ସେହିପରି ଅଧ୍ୟାପକମାନଙ୍କୁ କେବଳ ଶିକ୍ଷାଦାନ ନୁହେଁ ବରଂ ଜଣେ ପରାମର୍ଶଦାତା ବା 'ମେଣ୍ଟର' ଭାବେ କାର୍ଯ୍ୟ କରିବାକୁ କୁହାଯାଇଛି। ନିଜ ପଦବୀର ଦୁରୁପଯୋଗ କରି ଛାତ୍ରଛାତ୍ରୀଙ୍କୁ ଦୁର୍ବ୍ୟବହାର କିମ୍ବା ପକ୍ଷପାତିତା କରିବା ଏକ ଗମ୍ଭୀର ଅପରାଧ ଭାବେ ଗଣ୍ୟ ହେବ। ସେମାନେ ନିଜର ପଦବୀକୁ ବ୍ୟବହାର କରି କୌଣସି ଛାତ୍ରଛାତ୍ରୀଙ୍କୁ ମାନସିକ ଚାପ ଦେବା କିମ୍ବା ପରୀକ୍ଷା ନମ୍ବରକୁ ନେଇ ଭୟଭୀତ କରିପାରିବେ ନାହିଁ । ଶିକ୍ଷକମାନେ ପ୍ରତ୍ୟେକ ଛାତ୍ରଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ କୌଣସି ଜାତି, ଧର୍ମ କିମ୍ବା ଲିଙ୍ଗ ଆଧାରରେ ପକ୍ଷପାତିତା କରିପାରିବେ ନାହିଁ।

# ରାଜ୍ୟବ୍ୟାପୀ ପାଳିତ ହେବ ବିଜୁ ବାବୁଙ୍କ ତିରୋଧାନ ଦିବସ

**ଭୁବନେଶ୍ୱର,୧୦।୪ /ଏନ୍ଏନ୍ଏସ୍:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସ ପ୍ରତିବର୍ଷ ପରି ବିଜୁ ଜନତା ଦଳ ତରଫରୁ ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ପାଳିତ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି ।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଦଳର ଭୁବନେଶ୍ୱର ଜିଲ୍ଲା ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସଦସ୍ୟ ସୁଲତା ଦେଓ, ଯୁବ ସଭାପତି ଚିନ୍ମୟ ସାହୁ ଓ ଛାତ୍ର ସଭାନେତ୍ରୀ ଇପ୍ସିତା ସାହୁ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ତିରୋଧାନ ଦିବସ ଅବସରରେ ଦଳ ତରଫରୁ ହେବାକୁ ଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ଶ୍ରୀ ମିଶ୍ର କହିଥିଲେ, ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ଏହି ପ୍ରବାଦ ପୁରୁଷ ଦିବସ କାର୍ଯ୍ୟକ୍ରମ କରିବାକୁ ଦଳ ତରଫରୁ ସ୍ଥାନୀୟ ନେତୃତ୍ୱଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କାର୍ଯ୍ୟକ୍ରମର ରୂପରେଖ କ୍ଷେତ୍ରୀୟସ୍ତରରେ ନିଷ୍ପତ୍ତି ନେବାକୁ କୁହାଯାଇଥିବା ବେଳେ ତିଳ ତର୍ପଣ, ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଅସହାୟ ବା ରୋଗୀଙ୍କୁ ଫଳ ବଣ୍ଟନ, ରକ୍ତଦାନ ଶିବିର ଇତ୍ୟାଦି ଆୟୋଜନ କରାଯିବାର କାର୍ଯ୍ୟକ୍ରମ ରହିଛି। ଏହାଛଡ଼ା ସ୍ୱାଧୀନତା ସଂଗ୍ରାମ ତଥା ଆଧୁନିକ ଓଡିଶା ନିର୍ମାଣରେ ବିଜୁ ବାବୁଙ୍କ ଭୂମିକା ଶୀର୍ଷକରେ ଏକ ବୌଦ୍ଧିକ ଆଲୋଚନାଚକ୍ର ଆୟୋଜନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଦଳର ଛାମୁଆ ସଂଗଠନର ନେତୃବୃନ୍ଦ ମାନେ ସହଯୋଗ କରିବେ। ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନରେ ମଧ୍ୟ ଭୁବନେଶ୍ୱର ଜିଲ୍ଲା ବିଜେଡି ତରଫରୁ ପ୍ରତିବର୍ଷ ପରି ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ସକାଳେ ବିନ୍ଦୁ ସାଗର ଠାରେ ତିଳ ତର୍ପଣ କାର୍ଯ୍ୟକ୍ରମ ହେବ। ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କାର୍ଯ୍ୟକ୍ରମ ହେବ। ଶଙ୍ଖ ଭବନ୍ ଠାରେ ଆଲୋଚନା କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ଭୁବନେଶ୍ୱର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା ସୂଚନା ଦେଇଥିଲେ।




ମହିଳାଙ୍କ ସୁରକ୍ଷା ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା

# ନାରୀ ସୁରକ୍ଷା, ସଶକ୍ତିକରଣକୁ ଗୁରୁତ୍ୱ

**ଭୁବନେଶ୍ୱର,୧୦।୪ /ଏନ୍ଏନ୍ଏସ୍:** ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଜାତୀୟ ମହିଳା ଆୟୋଗ କମିଶନର ଅଧ୍ୟକ୍ଷା ବିଜୟା ରହାଟକରଙ୍କ ଉପସ୍ଥିତିରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ନାରୀ ସୁରକ୍ଷା, ସେମାନଙ୍କ ନିରାପତ୍ତା ଓ ସଶକ୍ତିକରଣ କ୍ଷେତ୍ରରେ ଓଡ଼ିଶା ସରକାରଙ୍କ ଜାରି ରହିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଗୃହ, ଶିଳ୍ପ ଓ ସୂଚନା ଓ ଲୋକ ସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆଙ୍କ ସମେତ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମିଶନ ଶକ୍ତି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଉଚ୍ଚ ଶିକ୍ଷା, ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ଓ ସଂଖ୍ୟାଲଘୁ କଲ୍ୟାଣ ବିଭାଗର ସଚିବମାନେ ଉପସ୍ଥିତ ଥିଲେ। ଏଥି ସହିତ, ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲାସ୍ତରର ଅଧିକାରୀମାନେ ଭିଡିଓ କନଫରେନ୍ସିଂ ମାଧ୍ୟମରେ ବୈଠକରେ ଅଂଶଗ୍ରହଣ କରିଥିଲେ। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ, ମିଶନ ଶକ୍ତି ବିଭାଗ ଓ ଗୃହ ବିଭାଗ ପକ୍ଷରୁ ମହିଳା ସଶକ୍ତିକରଣ ଓ ସୁରକ୍ଷା ପ୍ରତି ଓଡ଼ିଶାର ସମଗ୍ରିକ ଓ ସମନ୍ୱିତ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଉପସ୍ଥାପନ କରାଯାଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ, ମହିଳା ସଶକ୍ତିକରଣ ଓ ସୁରକ୍ଷା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଓଡ଼ିଶା ସରକାରଙ୍କ ପ୍ରମୁଖ ପଦକ୍ଷେପ, ସଫଳତା ନେଇ ଆଲୋକପାତ କରିଥିଲେ। 'ସୁଭଦ୍ରା', 'ଲଖପତି ଦିଦି', 'ମିଶନ ଶକ୍ତି କାଫେ', 'ପୋଷଣ', କ୍ରେଚ୍ ସେବା, ' ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା, ମହିଳା କେନ୍ଦ୍ରିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ବିଭିନ୍ନ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଅନ୍ୟାନ୍ୟ ମହିଳା କେନ୍ଦ୍ରିକ କାର୍ଯ୍ୟକ୍ରମ, ସେଥିରେ ମହିଳାମାନଙ୍କର ଅଧିକାର ଓ ସୁବିଧା ଉପଲବ୍ଧ ହେଉଥିବା ନେଇ ସୂଚନା ଦେଇଥିଲେ। ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା ରହାଟକର ନାରୀମାନଙ୍କ ସୁରକ୍ଷା ଓ ନିରାପତ୍ତା ସୁନିଶ୍ଚିତ କରିବାରେ ଓଡ଼ିଶା ସରକାରଙ୍କ ପ୍ରତିଷ୍ଠାନଗତ ବିଭିନ୍ନ ବ୍ୟବସ୍ଥା ଓ ଆଗୁଆ ପଦକ୍ଷେପମାନଙ୍କୁ ପ୍ରଶଂସା କରିଥିଲେ। ସେ ମିଶନ ଶକ୍ତି ଅଧୀନରେ 'ସୁଭଦ୍ରା' ଯୋଜନା ଏବଂ ମିଶନ ଶକ୍ତି ମାଧ୍ୟମରେ 'ଲଖପତି ଦିଦି' ପଦକ୍ଷେପର ସଫଳତାକୁ ମଧ୍ୟ ପ୍ରଶଂଶା କରିଥିଲେ ଏବଂ ଏହା ମହିଳାମାନଙ୍କ ଆର୍ଥିକ ସ୍ୱାଧୀନତା ଓ ନେତୃତ୍ୱକୁ ପ୍ରୋତ୍ସାହିତ କରିବାରେ କିପରି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଉଛି, ସେ ସମ୍ପର୍କରେ ଆଲୋଚନା କରିଥିଲେ। ୟୁଏନ୍‌ଏଫ୍‌ପିଏ ସହଯୋଗରେ ବିକଶିତ 'ଶକ୍ତି ଆପ୍', ଯାହା ପ୍ରଯୁକ୍ତିଭିତ୍ତିକ ପ୍ରୟାସରେ ଲିଙ୍ଗଭିତ୍ତିକ ହିଂସା ମାମଲାଗୁଡ଼ିକ ସମନ୍ୱିତ ପ୍ରତିକ୍ରିୟା ଓ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରୁଛି ଏବଂ ଏପରି ବ୍ୟବସ୍ଥାଗୁଡ଼ିକୁ ଆହୁରି ସୁଦୃଢ଼ କରିବାର ଆବଶ୍ୟକତା ସମ୍ପର୍କରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ।

ସେ କିଶୋରୀ ଓ ଯୁବତୀମାନଙ୍କ ସଶକ୍ତିକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା 'ଅଦ୍ୱିକା' କାର୍ଯ୍ୟକ୍ରମ ଏବଂ ଉଚ୍ଚ ଶିକ୍ଷା ବିଭାଗର 'ଶକ୍ତିଶୀ' ପରି ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଥିଲେ। ସେ ମାନବ ଚାଲାଣ ଏବଂ ଅନ୍ୟାନ୍ୟ ଲିଙ୍ଗଭିତ୍ତିକ ହିଂସା ସମ୍ବନ୍ଧୀୟ ପଡ଼ିରହିଥିବା ମାମଲାଗୁଡ଼ିକର ଶୀଘ୍ର ସମାଧାନର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହା ଫଳରେ ସମୟୋପଯୁକ୍ତ ନ୍ୟାୟ ସୁନିଶ୍ଚିତ ହେବ ଏବଂ ଏଥିପାଇଁ ସମସ୍ତ ସ୍ତରରେ ପ୍ରତିକ୍ରିୟା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରି ପରାମର୍ଶ ଦେଇଥିଲେ। ସେ ମଧ୍ୟ "ପୋଶ" ଆଇନ ଓ ଅନ୍ୟାନ୍ୟ ମହିଳା ସୁରକ୍ଷା ସମ୍ବନ୍ଧୀୟ ଆଇନର ଦୃଢ଼ କାର୍ଯ୍ୟାନ୍ୱୟନ ସହିତ ରାଜ୍ୟ ଓ ଜିଲ୍ଲା ସ୍ତରରେ ବିଭାଗ ମଧ୍ୟରେ ସମନ୍ୱୟକୁ ଅବ୍ୟାହତ ରଖିବାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଥିଲେ। ସେ ଆହୁରି ମଧ୍ୟ "ତେରେ ମେରେ ସପ୍ନେ" ନାମକ ବିବାହ ପୂର୍ବ ଯୋଗାଯୋଗ କେନ୍ଦ୍ର ( ପ୍ରି ମାରିଟାଲ କମ୍ୟୁନିକେସନ ସେଣ୍ଟର) ପ୍ରତ୍ୟେକ ଜିଲ୍ଲାରେ ଜିଲ୍ଲାପାଳମାନଙ୍କ ନେତୃତ୍ୱରେ ସ୍ଥାପିତ କରାଯିବା ଉଚିତ ବୋଲି ମଧ୍ୟ ଉଲ୍ଲେଖ କରିଥିଲେ, ଯାହା ଏକ ସମନ୍ୱିତ ଓ ସୁସ୍ଥ ପରିବାରିକ ଜୀବନକୁ ପ୍ରୋତ୍ସାହନ ଦେବ। ଏହି ବୈଠକ ଓଡ଼ିଶାର ପ୍ରତ୍ୟେକ ମହିଳା ସୁରକ୍ଷିତ, ସମ୍ମାନର ଓ ସୁଯୋଗର ସହିତ ସହ ବଂଚିବା ଓ ଜୀବିକା ନିର୍ବାହ କରିବାରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି।

## ଓଡ଼ିଆ ପକ୍ଷରେ ଟିପିସିଓଡିଏଲ୍‌ର 'ଆସ ବହିଟିଏ କିଣିବା' ଅଭିଯାନ



**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ଟାଟା ପାୱାର ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ 'ଓଡ଼ିଆ ପକ୍ଷ' ପାଳନ ଅବସରରେ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟର୍‌ଠାରେ 'ଆସ ବହିଟିଏ କିଣିବା' ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ସମୃଦ୍ଧ ସାହିତ୍ୟିକ ଐତିହ୍ୟ ସହ କର୍ମଚାରୀମାନଙ୍କୁ ପୁଣି ଥରେ ଯୋଡ଼ିବା ଉଦ୍ଦେଶ୍ୟରେ 'ଆମ ଓଡ଼ିଶା' ସହଯୋଗରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏହି ପ୍ରଦର୍ଶନୀରେ ଓଡ଼ିଶାର ଇତିହାସ, ସଂସ୍କୃତି ଏବଂ ବିଶିଷ୍ଟ ବ୍ୟକ୍ତିମାନଙ୍କ ଜୀବନୀ ଉପରେ ଆଧାରିତ ବହୁ ଉପାଦେୟ ପୁସ୍ତକ ସ୍ଥାନ ପାଇଥିଲା। ଏପ୍ରିଲ ୧ ରୁ ୧୪ ତାରିଖ ପର୍ଯ୍ୟନ୍ତ ଚାଲୁଥିବା ଏହି 'ଓଡ଼ିଆ ପକ୍ଷ' କାର୍ଯ୍ୟକ୍ରମ ମଧ୍ୟରେ ଖଡ଼ିଛୁଆଁ ଦିବସ, ପାରମ୍ପରିକ ପୋଷାକ ପରିଧାନ ଦିବସ ଏବଂ ଓଡ଼ିଆ ନାମଫଳକ ଦିବସ ଭଳି ବିଭିନ୍ନ ବିଷୟଭିତ୍ତିକ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ କରାଯାଇଛି। ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ ଓଡ଼ିଶାର ଜୀବନ୍ତ ସଂସ୍କୃତି ଓ ସାହିତ୍ୟିକ ଐତିହ୍ୟ ପାଳନ କରି ଆମେ ଗର୍ବିତ। ଏହି ଅଭିଯାନ ଆମକୁ ନିଜ ଭାଷା ଓ ପରମ୍ପରା ପ୍ରତି ଆଦର ସୃଷ୍ଟି କରିବାରେ ସହାୟକ ହେଉଛି। କାର୍ଯ୍ୟକ୍ରମରେ ସିଓଓ ଦୁଷ୍ୟନ୍ତ ତ୍ୟାଗୀଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ସାରସ୍ୱତ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍ ସଭାପତି ତଥା ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି ରାଜ୍ୟ ସଂଯୋଜକ ରଶ୍ମିରଞ୍ଜନ କାନୁନଗୋ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ରୋଜାଲିନ ପାଟଶାଣୀ, ଗୁପ୍ତା ଇଭେଣ୍ଟ୍ ମ୍ୟାନେଜମେଣ୍ଟର ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ ଓ ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା, ରେଡ୍‌କ୍ରସର ପୂର୍ବତନ ସମ୍ପାଦିକା କଳ୍ପନା ଦାସ ଏବଂ ସମାଜସେବୀ ରବି ସାମଲ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ପ୍ରଦର୍ଶନୀ ବୁଲି ଦେଖିବା ସହ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ।

## ୧୩ରେ ମଶାଲ୍ ଶୋଭାଯାତ୍ରା

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ରାଜଧାନୀର ଗୌରବମୟ ପାରମ୍ପରିକତାକୁ ସ୍ମରଣ କରି ଆସନ୍ତା ୧୩ ତାରିଖରେ ପାଳିତ ହେବାକୁ ଯାଉଥିବା ରାଜଧାନୀ ପ୍ରତିଷ୍ଠା ଦିବସ ଅବସରରେ 'ମଶାଲ ୱାରିଅର୍ସ-ଓଡ଼ିଶା' ପକ୍ଷରୁ ଏକ ଗରିମାମୟ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ଏହି ମଶାଲ ଶୋଭାଯାତ୍ରା ଆସନ୍ତା ୧୩ ତାରିଖ ସକାଳ ୫ଟାରେ ଶ୍ରୀ ଲିଙ୍ଗରାଜ ମନ୍ଦିରଠାରୁ ଆରମ୍ଭ ହେବ। ତେବେ ଲିଙ୍ଗରାଜ ମନ୍ଦିରଠାରୁ ବଡେଇବାଙ୍କ ଛକ, ଶିଶୁଭବନ ଛକ, ରାଜମହଲ ଛକ, ମାଷ୍ଟର କ୍ୟାଣ୍ଟିନ ଛକ, ଲୋୟର ପିଏମ୍‌ଜି ଛକ ହୋଇ ରାଜଧାନୀ ପ୍ରତିଷ୍ଠା ଉତ୍ସବ ମଞ୍ଚରେ ପହଞ୍ଚିବ। ଯାତ୍ରାଟି ସକାଳ ୬ଟା ୩୦ ମିନିଟ୍ ସମୟରେ ରାଜଧାନୀ ପ୍ରତିଷ୍ଠା ଉତ୍ସବ ସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଧାରିତ ହୋଇଛି। ଏହି ଶୋଭାଯାତ୍ରାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ଯୁବବର୍ଗ ଓ ସମାଜର ବିଭିନ୍ନ ଶ୍ରେଣୀର ନାଗରିକମାନେ ଭାଗ ନେବେ।

### 'ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୬' ଉଦ୍‌ଘାଟିତ

# ୨୨ ରାଜ୍ୟ ଓ ୧୦ ଦେଶର ବିଭିନ୍ନ ଉତ୍ପାଦ ପ୍ରଦର୍ଶିତ

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ଜନତା ମଇଦାନଠାରେ 'ତ୍ରୟୋଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳା-୨୦୨୬' ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି ବୃହତ ପ୍ରଦର୍ଶନୀ ବ୍ୟବସାୟୀ ଓ ଗ୍ରାହକମାନଙ୍କ ମଧ୍ୟରେ ଏକ ସେତୁ ସଦୃଶ କାର୍ଯ୍ୟ କରୁଛି। ଚଳିତ ବର୍ଷ ଏହି ମେଳାରେ ଭାରତର ୨୨ଟି ରାଜ୍ୟ ସମେତ ବିଶ୍ୱର ୧୦ଟି ପ୍ରମୁଖ ଦେଶ ଅଂଶଗ୍ରହଣ କରିଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ମଧ୍ୟରେ ଆୟୋଜିତ ଏହି ମେଳାରେ ୧ ଲକ୍ଷରୁ ଅଧିକ ଜାତୀୟ ଓ



ଅନ୍ତର୍ଜାତୀୟ ସାମଗ୍ରୀ ପ୍ରଦର୍ଶିତ ହେଉଛି। ଏଠାରେ କାଶ୍ମୀରର ସୂକ୍ଷ୍ମ କାରୁକାର୍ଯ୍ୟ ଭରା ଆସବାବପତ୍ରଠାରୁ ଆରମ୍ଭ କରି ଆଫଗାନିସ୍ତାନର ୧୦୦ ପ୍ରକାରର ଶୁଖିଲା ଫଳ (ଡ୍ରାଏ ଫ୍ରୁଟ୍‌ସ), ବାଂଲାଦେଶର ଜମଦାନୀ ଶାଢ଼ୀ, ଇରାନର ଖଜୁରୀ ଓ ଅଳଙ୍କାର, ଦୁବାଇର ଅତର ଏବଂ ଥାଇଲାଣ୍ଡର ଜୋତା ଓ ପୋଷାକ ଆଦି ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଛି। ଏହାବ୍ୟତୀତ କୋରିଆର ସୌନ୍ଦର୍ଯ୍ୟ ପ୍ରସାଧନ ସାମଗ୍ରୀ, ସିଙ୍ଗାପୁରର ବିଭିନ୍ନ ସାମଗ୍ରୀ, ମାଲୟେସିଆର ଫାଉଣ୍ଟେନ ଏବଂ ଭାଗଲପୁର, ବନାରସ ଓ ଓଡ଼ିଶାର ହସ୍ତତନ୍ତ ସାମଗ୍ରୀ ପରିଦର୍ଶକଙ୍କୁ ଆକର୍ଷିତ କରୁଛି। ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆସିଥିବା ଚମଡ଼ା ଜିନିଷ, ଆର୍ଟିକ କଂସା ଓ ପିତଳ ସାମଗ୍ରୀ ଏବଂ ବିଭିନ୍ନ ପଥରର ଗହଣା ମଧ୍ୟ ଏହି ମେଳାର ଶୋଭା ବଢ଼ାଉଛି। ଗ୍ରାହକମାନଙ୍କ ପାଇଁ ଖାଦ୍ୟ ଜୋନ୍‌ରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନର ବ୍ୟବସ୍ଥା କରାଯାଇଥିବା ବେଳେ 'ଚମ୍ପାରନ ମଟନ' ମେଳାର ମୁଖ୍ୟ ଖାଦ୍ୟ ଆକର୍ଷଣ ସାଜିଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ କୁମାର ଗୁପ୍ତା ଓ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଆୟୋଜିତ ଏହି ୧୧ ଦିନିଆ ମେଳାରେ ପ୍ରାୟ ୫ ଲକ୍ଷରୁ ଅଧିକ ପରିଦର୍ଶକ ସାମିଲ ହେବାର ଲକ୍ଷ୍ୟ ରଖାଯାଇଛି। ଏହି ପ୍ଲାଟଫର୍ମ ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅତୁଳନୀୟ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ଗୁପ୍ତା ଆଶା ପ୍ରକାଶ କରିଛନ୍ତି।

### ଓଡ଼ିଆ ସାହିତ୍ୟ ସମାରୋହର ଦ୍ୱିତୀୟ ଦିବସ

## 'ଶାଣିତ ଶବ୍ଦପ୍ରୟୋଗରେ କବି ଯଦୁମଣି ଅତୁଳନୀୟ'

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ଶାଣିତ କଟାକ୍ଷ ସହ ଟାଣୁଆ ଶବ୍ଦ ପ୍ରୟୋଗରେ ଧୁରନ୍ଧର ଥିଲେ ଉତ୍କଳଘଣ୍ଟ ଯଦୁମଣି ମହାପାତ୍ର। ଓଡ଼ିଆ ସାହିତ୍ୟରେ ରୀତିଯୁଗର ଶେଷଭାଗର କବି ଯଦୁମଣିଙ୍କ ଅମର ସୃଷ୍ଟି ହେଉଛି ରାଘବବିଳାସ ଓ ପ୍ରବନ୍ଧପୂର୍ଣ୍ଣଚନ୍ଦ୍ର ବୋଲି ମତ ପ୍ରକାଶ ପାଇଛି। ଗତକାଲି ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ 'ଭୁବନେଶ୍ୱର ଭଞ୍ଜଭାରତୀ' ପକ୍ଷରୁ ଗୀତଗୋବିନ୍ଦ ସଦନ ଆୟୋଜିତ ହେଉଥିବା ତ୍ରିଦିବସୀୟ ଓଡ଼ିଆ ସାହିତ୍ୟ ସମାରୋହର 'ଉତ୍କଳଘଣ୍ଟ' ଶୀର୍ଷକ ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ସ୍ଥାବର ସମ୍ପତ୍ତି ଆବେଦନ ନ୍ୟାୟାଧିକରଣର ଅଧକ୍ଷ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ ଆଧୁନିକ ଓଡ଼ିଶାରେ କବି ଯଦୁମଣିଙ୍କ ହାସ୍ୟରସର ଅନୁଶୀଳନ, ଚିନ୍ତନ ଓ ଚର୍ଚ୍ଚାର ଉପାଦେୟତା ସମ୍ପର୍କରେ ବକ୍ତବ୍ୟ ରଖି ଭୁବନେଶ୍ୱର ଭଞ୍ଜଭାରତୀର ଏହି ସାଧୁ ଉଦ୍ୟମର ଭୂୟସୀ ପ୍ରଶଂସା କରିଥିଲେ।




ସେହିପରି ବରେଣ୍ୟ ଅତିଥି ତଥା ବିଶିଷ୍ଟ ନାଟ୍ୟକାର ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯଦମଣି ସାହିତ୍ୟସୃଷ୍ଟିର କାଳଜୟୀ ପ୍ରଭାବ ଉପରେ ବକ୍ତବ୍ୟ ରଖି ଅନୁଷ୍ଠାନର ସମୃଦ୍ଧି କାମନା କରିଥିଲେ। ସଭାର ବରେଣ୍ୟବକ୍ତା ତଥା ପରିଚିତ ଘୋଷକ ପ୍ରଫେସର ଜୟକୃଷ୍ଣ ଦାସ କବି ଯଦୁମଣିଙ୍କ ସାହିତ୍ୟରେ ହାସ୍ୟରସାତ୍ମକ ଶାବ୍ଦିକ ବୈଶିଷ୍ଟ୍ୟର ଅବତାରଣା କରିଥିଲେ। ସଭାର ସଭାପତି ଓ ମୁଖ୍ୟ ଆଲୋଚକ ତଥା ଭଞ୍ଜଭାରତୀର ସଭାପତି ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ଉତ୍କଳଘଣ୍ଟ ଯଦୁମଣିଙ୍କ ରଚନାରେ ଶରଣାଗତିର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲେ। ପ୍ରାରମ୍ଭରେ 'ନାଦବ୍ରହ୍ମ' ପକ୍ଷରୁ ବିଶିଷ୍ଟ କଣ୍ଠଶିଳ୍ପିନୀ ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁର ଓ ସାଥୀଙ୍କ ଦ୍ୱାରା ଯଦୁମଣିସଙ୍ଗୀତ ପରିବେଷିତ ହୋଇଥିଲା। ଭଞ୍ଜଭାରତୀର ସମ୍ପାଦିକା ଶୁଭଶ୍ରୀ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିବା ବେଳେ କୋଷାଧକ୍ଷା ଶୈଳଜା ମିଶ୍ର ସଂଯୋଜନା ଓ ସଦସ୍ୟ ଦିଲ୍ଲୀପ ଦାସ ଧନ୍ୟବାଦ୍ ଦେଇଥିଲେ। ଉପସଭାପତି ସୁରେଶ୍ୱର ପାଣିଗ୍ରାହୀ, ମାଳତୀ ତ୍ରିପାଠୀ, ଉତ୍କଳଲକ୍ଷ୍ମୀ ମିଶ୍ର, ଡକ୍ଟର ନୀଳମାଧବ ପ୍ରଧାନ, ଅସୀମା ତ୍ରିପାଠୀ, ଗିରିଜାପ୍ରସାଦ ମିଶ୍ର, ବିନାୟକ ରଥ, ସନ୍ତୋଷ ବେହେରା, ଆଶୁତୋଷ ମହାସୁଆର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବହୁସଂଖ୍ୟାରେ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଏହି ସମାରୋହ ଆଗାମୀ ଏପ୍ରିଲ ୧୧ ତାରିଖ ଯାଏଁ ଚାଲିବ।

## ୨,୬୯୧ ମେଗାୱାଟ୍ ଚାହିଦା ପୂରଣ ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବିଦ୍ୟୁତ୍ ନେଟଓ୍ୱର୍କ ସୁଦୃଢ଼

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ଗ୍ରୀଷ୍ମ ଋତୁ ପାଇଁ ଆକଳିତ ୨,୬୯୧ ମେଗାୱାଟର ପିକ୍ ବିଦ୍ୟୁତ ଡିମାଣ୍ଡ ପୂରଣ ପାଇଁ ନିଜର ନେଟଓ୍ୱର୍କକୁ ସୁଦୃଢ଼ କରିଛି। କମ୍ପାନୀ ପକ୍ଷରୁ ୧୫୩ ଏମ୍‌ଭିଏ ନେଟଓ୍ୱର୍କ କ୍ଷମତା ବୃଦ୍ଧି କରାଯାଇଛି, ରିଅଲ-ଟାଇମ୍ ଗ୍ରୀଡ୍ ମନିଟରିଂ ବ୍ୟବସ୍ଥାକୁ ଉନ୍ନତ କରାଯାଇଛି ଏବଂ ନିଜର ସେବା ଯୋଗାଣ ଅଞ୍ଚଳ ମଧ୍ୟରେ ଭରସାଯୋଗ୍ୟ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ୯,୦୦୦ରୁ ଅଧିକ କ୍ଷେତ୍ର କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଭୁବନେଶ୍ୱରସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ୍ ଟେକ୍ନୋଲୋଜି ସେଣ୍ଟର ଗ୍ରୀଷ୍ମକାଳୀନ ପିକ ଡିମାଣ୍ଡ ସମୟରେ ବିତରଣ ନେଟଓ୍ୱର୍କ ପରିଚାଳନାର କେନ୍ଦ୍ର ବିନ୍ଦୁ ଭାବେ କାର୍ଯ୍ୟ କରେ। ଇଣ୍ଟିଗ୍ରେଟେଡ୍ ସୁପରଭାଇଜରୀ କଣ୍ଟ୍ରୋଲ ଆଣ୍ଡ ଡାଟା ଆକ୍ୱିଜିସନ୍ (ସ୍କାଡା) ଏବଂ ଆଡଭାନ୍ସଡ ଡିଷ୍ଟ୍ରିବ୍ୟୁସନ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଏଡ଼ିଏମଏସ) ପ୍ଲାଟଫର୍ମ ମାଧ୍ୟମରେ ଅପରେଟର୍‌ମାନେ ଲୋଡ୍ ଫ୍ଲୋ ପରିଚାଳନା କରିବା ଏବଂ ଯୋଗାଣରେ ବ୍ୟାଘାତ ସମୟରେ ତୁରନ୍ତ ସମାଧାନ ପାଇଁ ୩୩ କେଭି ଫିଡର୍, ପ୍ରାଇମେରୀ ସବ୍‌ଷ୍ଟେସନ ଏବଂ ୧୧ କେଭି ଫିଡରଗୁଡ଼ିକୁ ରିଅଲ-ଟାଇମରେ କ୍ରମାଗତ ଭାବେ ନିରୀକ୍ଷଣ କରନ୍ତି। ଏହି ବ୍ୟବସ୍ଥା ଦ୍ୱାରା ବିଦ୍ୟୁତ ତ୍ରୁଟିକୁ ତୁରନ୍ତ ଚିହ୍ନଟ କରାଯାଇପାରିବ, ଦୂର ସ୍ଥାନରୁ ସୁଇଚିଂ କରାଯାଇପାରିବ ଏବଂ ସର୍ବାଧିକ ଚାହିଦା ସମୟରେ ବିଦ୍ୟୁତ ଭାରର ସଠିକ୍ ପରିଚାଳନା କରାଯାଇପାରିବ। କାଳବୈଶାଖୀ ଝଡ଼ ସମୟରେ ବିଦ୍ୟୁତ ସେବା ବାଧାପ୍ରାପ୍ତ ହେବାର ଆଶଙ୍କାକୁ ଦୃଷ୍ଟିରେ ରଖି ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। କମ୍ପାନୀର ବିଜନେସ୍ କଣ୍ଟିନ୍ୟୁଟି ଆଣ୍ଡ ଡିଜାଷ୍ଟର ମ୍ୟାନେଜମେଣ୍ଟ ପ୍ଲାନ ଅନୁସାରେ ଉପଯୁକ୍ତ ମାନବ ସମ୍ବଳ ଓ ସମସ୍ତ ଯାନ୍ତ୍ରିକ ଉପକରଣକୁ ବିଭିନ୍ନ ସ୍ଥାନରେ ମୁତୟନ କରାଯାଇଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

## ବନାଞ୍ଚଳରେ ଦକ୍ଷତା ବିକାଶ ତାଲିମ୍

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ଓଡ଼ିଶାର ଦୁର୍ଗମ ତଥା ବନାଞ୍ଚଳରେ ବସବାସ କରୁଥିବା ପରିବାରର ବେରୋଜଗାର ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳ ତଥା ରୋଜଗାରକ୍ଷମ କରିବା ପାଇଁ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଏବଂ ବନ ବିଭାଗ (କେନ୍ଦୁପତ୍ର)ର ମିଳିତ ପ୍ରୟାସରେ ଚାଲୁଥିବା ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ସଫଳତା ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲ୍ଲାରେ। ବଲାଙ୍ଗୀର ଜିଲ୍ଲାର ବନ୍ଧପଡ଼ା ବନଖଣ୍ଡର ୨୮ ଜଣ ଯୁବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ସଫଳତାର ସହ ପ୍ରଶିକ୍ଷଣ ଶେଷ କରିବା ପରେ ସେମାନଙ୍କୁ ନିଯୁକ୍ତି ସୁଯୋଗ ମିଳିଛି। ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ କର୍ଣ୍ଣାଟକର ହୋସୁରଠାରେ ଥିବା ପ୍ରତିଷ୍ଠିତ ଟିଭିଏସ ମୋଟର୍ସ କମ୍ପାନୀରେ ଇଲେକ୍ଟ୍ରିସିଆନ୍ ଚାକିରି ପାଇଁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଅନ୍ୟ ୯ ଜଣଙ୍କୁ ସ୍ଥାନୀୟ ଅଞ୍ଚଳରେ କେତେକ ଘରୋଇ ସଂସ୍ଥାରେ ମଧ୍ୟ ନିଯୁକ୍ତି ସୁଯୋଗ ପ୍ରଦାନ କରାଯାଉଛି। ଆସିଷ୍ଟାଣ୍ଟ ଇଲେକ୍ଟ୍ରିସିଆନ୍ ଟ୍ରେଡ୍‌ରେ ସଫଳତାର ସହ ୨ ମାସର ତାଲିମ୍ ଶେଷ କରିବା ପରେ ବଲାଙ୍ଗୀର ବନଖଣ୍ଡ ଅଧିକାରୀଙ୍କ ତରଫରୁ ପ୍ରଶିକ୍ଷାର୍ଥୀମାନଙ୍କୁ ଏହି ନିଯୁକ୍ତି ପ୍ରଦାନ କରାଯାଇଥିଲା। ଯୁବକମାନଙ୍କ ଏହି ସଫଳତାକୁ ନେଇ ସେମାନଙ୍କ ପରିବାର ଲୋକେ ଖୁସି ପ୍ରକଟ କରିବା ସହ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ପରିକ୍ରମା ପ୍ରକଳ୍ପ ପଥରରେ ନେତାଙ୍କ ଘର ନିର୍ମାଣ ଅଭିଯୋଗ

**ଟାଙ୍ଗୀ,୧୦।୪/ଏନ୍‌ଏନ୍‌ଏସ୍:** ଶ୍ରୀଜଗନ୍ନାଥ ପରିକ୍ରମା ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ ମୂଲ୍ୟବାନ ପଥର ହରିଲୁଟ୍ ହେଉଥିବା ଅଭିଯୋଗ ହୋଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତସ୍ଥିତ ମାଣ୍ଡୁକା ପାହାଡ଼ର ଏହି ପଥରକୁ କିଛି ପ୍ରଭାବଶାଳୀ ନେତା ନିଜ ବାସଭବନ ନିର୍ମାଣରେ ବ୍ୟବହାର କରୁଥିବା ଅଭିଯୋଗ କରି ବିଜେପି ପକ୍ଷରୁ ଟାଙ୍ଗୀ ଥାନାରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ବିଜେଡି ସରକାର ସମୟରେ ୨୦୨୦-୨୧ ମସିହାରୁ ଏହି ପାହାଡ଼ରୁ ପଥର ଉତ୍ତୋଳନ କାର୍ଯ୍ୟ ଜାରି ରହିଛି। ବିଜେପି ଜିଲ୍ଲା ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଥାନା ଅଧିକାରୀ ଡକ୍ଟର ବିକାଶ କୁମାର ସେଠୀଙ୍କୁ ଭେଟି ଏହାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି। କେଉଁ ପ୍ରକଳ୍ପକୁ କେତେ ପରିମାଣର ପଥର ଯାଇଛି ଏବଂ ଏଥିରେ ଖଣି ବିଭାଗର ଭୂମିକା କ'ଣ, ତାହା ସ୍ପଷ୍ଟ କରିବାକୁ ନେତାମାନେ ଦାବି କରିଛନ୍ତି। ଏହି ଅବସରରେ ସମରେନ୍ଦ୍ର ଷଡ଼ଙ୍ଗୀ, ରାଜକିଶୋର ନାୟକ, ଅଜୟ ସ୍ୱାଇଁ, ଭରତ ସାହୁ, ଅନନ୍ତ ପାତ୍ର, ଶାନ୍ତନୁ ମହାନ୍ତି, ଶଶିକାନ୍ତ ମହାନ୍ତି, ମନୋଜ ବିଶ୍ୱାଳ, ଆଶୀର୍ବାଦ କାନୁନଗୋ, ବିଷ୍ଣୁ ପ୍ରସାଦ ରାଉତ, ଅମିତ୍ ସିଙ୍କୁ, ସୁଧାଂଶୁ ଶେଖର ସାହୁ, ଗଣେଶ୍ୱର ବେହେରା, କମଲେଶ ସାହୁ ଓ ଲାଲା ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ନ୍ୟୁରୋସର୍ଜନ୍ ପ୍ରଫେସର୍ ସୁରେଶ୍ୱର ମହାନ୍ତିଙ୍କ ପରଲୋକ

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ବିଶିଷ୍ଟ ନ୍ୟୁରୋସର୍ଜନ ଓ ଶିକ୍ଷାବିତ୍ ପ୍ରଫେସର (ଡାକ୍ତର) ସୁରେଶ୍ୱର ମହାନ୍ତିଙ୍କର ଶୁକ୍ରବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ପ୍ରଥମ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ହୋଇଥିବା ବେଳେ ଦୀର୍ଘ ଦିନ ଧରି ସେ ଅସୁସ୍ଥ ଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଏକମାତ୍ର ଝିଅ ଥିଲେ। ସ୍ୱର୍ଗତ ମହାନ୍ତି ଭାରତ ସମେତ ବିଦେଶର ବିଭିନ୍ନ ଖ୍ୟାତି ସମ୍ପନ୍ନ ଡାକ୍ତରୀ ଅନୁଷ୍ଠାନ ଗୁଡ଼ିକରେ କାର୍ଯ୍ୟ କରିଥିଲେ। କଟକ ସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜରୁ ଏମ୍‌ବିବିଏସ୍ ଉପାଧି ଲାଭ କରିବା ପରେ ପ୍ରଫେସର (ଡାକ୍ତର) ମହାନ୍ତି ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ (ଏମ୍ସ), ନୂଆଦିଲ୍ଲୀରୁ ନ୍ୟୁରୋସର୍ଜରୀରେ ଏମ୍‌ସିଏଚ୍ ଶିକ୍ଷା ଗ୍ରହଣ କରିଥିଲେ। ପ୍ରଫେସର ମହାନ୍ତି ବନାରସ ହିନ୍ଦୁ ୟୁନିଭର୍ସିଟି (ବିଏଚ୍‌ୟୁ) ଅନ୍ତର୍ଗତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍‌ର ନ୍ୟୁରୋସର୍ଜରୀ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ସମ୍ପୃକ୍ତ ଅନୁଷ୍ଠାନର ନିର୍ଦ୍ଦେଶକର ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ବିଏଚ୍‌ୟୁରୁ ଅବସର ଗ୍ରହଣ କରିବା ପରେ ସେ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରି ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପ୍ରତିଷ୍ଠା ନିମନ୍ତେ ସହଯୋଗ କରିଥିଲେ ଏବଂ ତାଙ୍କୁ ଏହାର ପ୍ରତିଷ୍ଠାତା ଅଧକ୍ଷ ଭାବେ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଜଣେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ଶିକ୍ଷାବିତ ପ୍ରଫେସର (ଡାକ୍ତର) ମହାନ୍ତି ଦେଶ ଏବଂ ବିଦେଶର ସମ୍ମାନଜନକ ଡାକ୍ତରୀ ଶିକ୍ଷାନୁଷ୍ଠାନରେ କାର୍ଯ୍ୟ କରିଥିବା ବେଳେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପ୍ରତିଷ୍ଠାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ତାଙ୍କ ମୃତ୍ୟୁରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଗଭୀର ଶୋକ ପ୍ରକାଶ କରିବା ସହ ତାଙ୍କର ଅମରଆତ୍ମାର ସଦ୍‌ଗତି କାମନା କରିଛନ୍ତି। ନ୍ୟୁରୋଲଜିକାଲ୍ ସୋସାଇଟି ଅଫ୍ ଇଣ୍ଡିଆ ମଧ୍ୟ ପ୍ରଫେସର ମହାନ୍ତିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛି। ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ରେ ଶୁକ୍ରବାର ତାଙ୍କ ମରଶରୀରକୁ ଶେଷ ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବିଶିଷ୍ଟ ନ୍ୟୁରୋସର୍ଜନ ତଥା ସୋଆର ପୂର୍ବତନ କୁଳପତି ଓ ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପ୍ରଫେସର (ଡାକ୍ତର) ଅଶୋକ ମହାପାତ୍ର, ମେଡିକାଲ୍ ସୁପରିଟେଣ୍ଡେଣ୍ଟ୍ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାରଙ୍କ ସମେତ ସିନିୟର ପ୍ରଫେସର, ଡାକ୍ତର, ବରିଷ୍ଠ କର୍ମକର୍ତ୍ତା ଓ ହସ୍ପିଟାଲ୍‌ର କର୍ମଚାରୀମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମହାନ୍ତିଙ୍କୁ ହସ୍ପିଟାଲ୍ ପକ୍ଷରୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।



## ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଆରମ୍ଭ

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତା ଓ ଓଡ଼ିଆ ମହୋତ୍ସବର ୫ ଦିନିଆ ଉଦ୍‌ଯାପନୀ ଉତ୍ସବର ପ୍ରଥମ ସଂଧ୍ୟା ଆରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ସୌମ୍ୟ ରଞ୍ଜନ ପଟ୍ଟନାୟକ, ପ୍ରମୁଖ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଓ ସୁବକ୍ତା ଦାଶ ବେନ୍‌ହୁର୍, ସମ୍ମାନିତ ଅତିଥି ଭାବେ ୨୦୦୭ର ଶ୍ରେଷ୍ଠ ଓଡିଆଣୀ ବାସନ୍ତୀ ପଟ୍ଟନାୟକ, ୨୦୨୫ର ରୀତା ଶଙ୍ଖୁଆ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଡକ୍ଟର ସୁଷମା ମିଶ୍ରଙ୍କୁ ଓଡ଼ିଆ ମହୋତ୍ସବ ସମ୍ମାନ ୨୦୨୬ରେ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। ସଂଭାବନାର ଅଧକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଂଧ୍ୟା ଆରମ୍ଭରେ ପ୍ରାରମ୍ଭିକ ସୂଚନା ଦେଇଥିଲେ ସଂଭାବନାର ସମ୍ପାଦକ ଦେବ ପ୍ରସାଦ ପରିଜା। ପିଠା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଉତ୍ସାହୀ ଓଡ଼ିଆଣୀମାନଙ୍କ ଗହଣରେ ଅନୁଷ୍ଠିତ ଉତ୍ସବରେ ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତିଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଅନୁଷ୍ଠିତ ଓଡ଼ିଆଣୀ ପ୍ରତିଯୋଗିତା ବିଚାରକ ଭାବେ ଉପସ୍ଥିତ ଥିଲେ ଓଡ଼ିଆ ପାରମ୍ପରିକ ଖାଦ୍ୟ ବିଶାରଦ ସୁଶାନ୍ତ କୁମାର ଚଇନି ଓ ସମ୍ବିତ୍ ସୁମନ। ସେହିଭଳି ଓଡିଆଣୀମାନଙ୍କ ମଧ୍ୟରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଦଳଗତ ଆଲୋଚନାରେ ବିଚାରକ ଥିଲେ ଡକ୍ଟର ସଂଘମିତ୍ରା ମହାପାତ୍ର, ଡକ୍ଟର ଦେବାଶିଷ ମହାପାତ୍ର ଓ ଡକ୍ଟର ନିରୂପମା ମହାପାତ୍ର। ଏହି ଅବସରରେ ସଂଗୀତ ଶିଳ୍ପୀ ଦିଲ୍ଲୀପ ମହାନ୍ତି, ଆଶିଷ ଦତ୍ତ, ସିଦ୍ଧାନ୍ତ ଶତପଥି ଓ ଅନ୍ୟମାନେ ଓଡ଼ିଆ ସଂଗୀତ ପରିବେଷଣ କରିଥିଲେ। ସଂଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ରାଜଶ୍ରୀ ଶତପଥି, ପ୍ରଫୁଲ୍ଲ ଦେ, ମୀନା ପାଣିଗ୍ରାହୀ, ରଶ୍ମି ସାହୁ, ସୌଦାମିନୀ ସାମଲ, ସୌଭାଗ୍ୟଲକ୍ଷ୍ମୀ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

### ଜାତୀୟ ବିଦ୍ୟାଳୟ ସମୂହ ରଗ୍‌ବୀ ଚାମ୍ପିଅନ୍‌ସିପ୍ ଉଦ୍‌ଯାପିତ

## ୧୪ ବର୍ଷରୁ କମ୍ ପ୍ରତିଯୋଗିତାରେ ଉଭୟ ବର୍ଗରେ ଓଡ଼ିଶା ଚାମ୍ପିଅନ୍

**ଭୁବନେଶ୍ୱର,୧୦।୪/ଏନ୍‌ଏନ୍‌ଏସ୍:** ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ରଗବୀ ଚାମ୍ପିଅନସିପ୍ ୨୦୨୫-୨୬ର ୧୪ ବର୍ଷରୁ କମ୍ ବର୍ଗରେ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡ଼ିଶା ବିଜୟୀ ହୋଇଛି ଏବଂ ଏଥିସହ ୫ ଦିନ ଧରି ଚାଲିଥିଲା ଜାତୀୟସ୍ତରୀୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ୧୪ ବର୍ଷରୁ କମ୍ ଉଭୟ ବର୍ଗରେ ବିହାର ରନର୍ସଅପ୍ ହୋଇଥିବା ବେଳେ ମହାରାଷ୍ଟ୍ର ତୃତୀୟ ସ୍ଥାନ ଅଧିକାର କରିଛି। କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ଉପସ୍ଥିତ ବିଜୟୀ ଦଳକୁ ପୁରସ୍କୃତ କରିବା ସହ ଆଗାମୀ ଭବିଷ୍ୟତ ପାଇଁ ଶୁଭକାମନା ଜଣାଇଛନ୍ତି। ଏଥିସହ ଯୁବ ଖେଳାଳିମାନଙ୍କର ଶୃଙ୍ଖଳା ଓ ଉତ୍ସାହକୁ ପ୍ରଶଂସା କରିଥିଲେ। ସେ କହିଛନ୍ତି ଯେ ଏପରି ମଞ୍ଚ କେବଳ କ୍ରୀଡ଼ା ପ୍ରତିଭାକୁ ଚିହ୍ନଟ କରିବାରେ ସୁଯୋଗ ଦେବ ନାହିଁ ବରଂ ଶିଶୁମାନଙ୍କ ମଧ୍ୟରେ ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସହନଶୀଳତାକୁ ମଜଭୁତ କରିବ। ଏହାସହ ଏଭଳି ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଆୟୋଜନକୁ ପ୍ରଶଂସା କରିଥିଲେ। ବିଭାଗର କମିଶନର ତଥା ଶାସନ ସଚିବ ଡ଼ା. ଏନ୍. ତିରୁମାଲା ନାୟକ ଖେଳାଳିମାନଙ୍କର ସମର୍ପଣ ଓ କ୍ରୀଡ଼ା ମନୋଭାବକୁ ପ୍ରଶଂସା କରିଥିଲେ। ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ବିରେନ୍ଦ୍ର କରକରା ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ବିଦ୍ୟାଳୟସ୍ତରରେ କ୍ରୀଡା ସଂସ୍କୃତିକୁ ସୁଦୃଢ଼ କରିବାରେ ବିଭାଗର ପ୍ରୟାସକୁ ଉଲ୍ଲେଖ କରିଥିଲେ। ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର ବିଦ୍ୟାଳୟ କ୍ରୀଡାର ବ୍ୟକ୍ତିତ୍ୱ ଗଠନରେ ଭୂମିକା ଉପରେ ଆଲୋକପାତ କରିଥିଲେ ଏବଂ ଚାମ୍ପିଅନ୍‌ସିପ୍ ସଫଳ ଆୟୋଜନ ପାଇଁ ସମସ୍ତ ଅଂଶୀଦାରଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଟୁର୍ଣ୍ଣାମେଣ୍ଟ ପର୍ଯ୍ୟବେକ୍ଷକ ଅରବିନ୍ଦ ଯାଦବ ଓଡ଼ିଶାର ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ। ପରିଶେଷରେ ସହକାରୀ ନିର୍ଦ୍ଦେଶକ (ପିଇଟି) ଜ୍ୟୋତି ପ୍ରସାଦ ପରିଡ଼ା ଧନ୍ୟବାଦ୍ ଦେଇଥିଲେ।

### ପତଞ୍ଜଳିର ଆଉ ଏକ ଐତିହାସିକ ସଫଳତା

## କ୍ରମାଗତ ଦ୍ୱିତୀୟ ଥର 'ଡକ୍ଟର ପି.ଡି. ସେଠୀ ଜାତୀୟ ପୁରସ୍କାର'

**ଅଁଳା ମଞ୍ଜି ତେଲର ଗବେଷଣା ପାଇଁ ମିଳିଲା ଶ୍ରେଷ୍ଠ ମାନ୍ୟତା**

**ହରିଦ୍ୱାର,୧୦।୪/ଏନ୍‌ଏନ୍‌ଏସ୍:** ବୈଜ୍ଞାନିକ ଉତ୍କର୍ଷତା ଓ ନବସୃଜନ କ୍ଷେତ୍ରରେ ପତଞ୍ଜଳି ଅନୁସନ୍ଧାନ ସଂସ୍ଥାନ ପୁଣି ଏକ ଐତିହାସିକ ସଫଳତା ହାସଲ କରି ସମଗ୍ର ଦେଶ ପାଇଁ ଗର୍ବ ଆଣିଦେଇଛି। ସଂସ୍ଥାନକୁ ବେସରକାରୀ ଶିଳ୍ପ ବର୍ଗରେ 'ଡକ୍ଟର ପି.ଡି. ସେଠୀ ଜାତୀୟ ବିଶ୍ଳେଷଣାତ୍ମକ ରସାୟନ ବିଜ୍ଞାନ ପୁରସ୍କାର-୨୦୨୫'ରେ ପ୍ରଥମ ସ୍ଥାନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ମଧ ପତଞ୍ଜଳିକୁ ଏହି ଶ୍ରେଷ୍ଠ ସମ୍ମାନ ମିଳିଥିଲା। ଅଁଳା ମଞ୍ଜିରୁ ବାହାରୁଥିବା ତେଳର ସୂକ୍ଷ୍ମ ଗୁଣ ଏବଂ ଶରୀରରେ ଜୀବାଣୁ ନାଶ କରିବାର କ୍ଷମତା ଉପରେ କରାଯାଇଥିବା ଅଭୁତପୂର୍ବ ଗବେଷଣା ପାଇଁ ସଂସ୍ଥାନକୁ ଏହି ସ୍ୱୀକୃତି ପ୍ରଦାନ କରାଯାଇଛି। ଏହି ସଫଳତା ଅବସରରେ ଆଚାର୍ଯ୍ୟ ବାଲକ୍ରିଷ୍ଣ କହିଛନ୍ତି ଯେ ଏହି ସମ୍ମାନ କେବଳ ଏକ ପୁରସ୍କାର ନୁହେଁ, ବରଂ ପତଞ୍ଜଳିର ବୈଜ୍ଞାନିକମାନଙ୍କ ବର୍ଷ ବର୍ଷର ନିରନ୍ତର ପରିଶ୍ରମ, ନିଷ୍ଠା ଓ ଉନ୍ନତ ବୈଜ୍ଞାନିକ ଚିନ୍ତାଧାରାର ଫଳ। ଏହା ପ୍ରତ୍ୟେକ ବୈଜ୍ଞାନିକଙ୍କ ବିଜୟ, ଯିଏ ବିଶ୍ୱକୁ ସୁରକ୍ଷିତ ଏବଂ ପ୍ରଭାବଶାଳୀ ଆୟୁର୍ବେଦିକ ସମାଧାନ ଦେବା ପାଇଁ ସଂକଳ୍ପବଦ୍ଧ। ପତଞ୍ଜଳିର ମୁଖ୍ୟ ବୈଜ୍ଞାନିକ ଡକ୍ଟର ଅନୁରାଗ ବାର୍ଷ୍ଣେୟ ସୂଚନା ଦେଇଛନ୍ତି ଯେ ଏହି ପୁରସ୍କାର ଦେଶରେ ଗବେଷଣା କ୍ଷେତ୍ରରେ ଦିଆଯାଉଥିବା ଏକ ଅତ୍ୟନ୍ତ ସମ୍ମାନଜନକ ପଦକ। ଆମଳା ଉପରେ ହୋଇଥିବା ଏହି ଗବେଷଣା ପାଇଁ ପୂର୍ବରୁ ଭାରତୀୟ ଶିଳ୍ପ ପରିସଂଘ ଏବଂ ଆନ୍ତର୍ଜାତୀୟ ସ୍ତରର ଅଗ୍ରଣୀ ବିଜ୍ଞାନ ପ୍ରକାଶନ ସଂସ୍ଥାମାନଙ୍କ ପକ୍ଷରୁ ମଧ୍ୟ ଉଚ୍ଚ ପ୍ରଶଂସା ମିଳିସାରିଛି। ବିଶ୍ୱ ସ୍ତରୀୟ ପତ୍ରିକା 'ଆପ୍ଲାଏଡ୍ ଫୁଡ୍ ରିସର୍ଚ୍ଚ' ମଧ୍ୟ ଏହି ଗବେଷଣାକୁ ନିଜ ସଂସ୍କରଣରେ ସ୍ଥାନ ଦେଇଛି। ପତଞ୍ଜଳିର ଏହି ସଫଳତା ଆୟୁର୍ବେଦକୁ ବିଜ୍ଞାନ ସମ୍ମତ ଭାବେ ବିଶ୍ୱ ଦରବାରରେ ସ୍ଥାପିତ କରିବାରେ ଏକ ନୂତନ ମାଇଲଖୁଣ୍ଟ ସଦୃଶ ହୋଇଛି।



ନିତିଦିନ NITIDIN



# ଶେଷ ହେଲା ରାମଗାଥା ଅଭିନୟ



**ଚାନ୍ଦୋଲ,୧୦।୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଅନ୍ତର୍ଗତ ବିଭିନ୍ନ ରଘୁନାଥଜିଉ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରମ ନବମୀ ଠାରୁ ଅନୁଷ୍ଠିତ ହୋଇଆସୁଥିବା ରାମଗାଥା ଅଭିନୟ ଉତ୍ସବ ଶେଷ ହୋଇଯାଇଛି । ନବଦିନ ବ୍ୟାପୀ ଅନୁଷ୍ଠିତ ଏହି ରାମଗାଥା ଅଭିନୟରେ ଗ୍ରାମର କଳାକାରମାନଙ୍କ ଦ୍ୱାରା ସମ୍ପୂର୍ଣ୍ଣ ରାମାୟଣକୁ ଅଭିନୟ ମାଧ୍ୟମରେ ପ୍ରଦର୍ଶିତ ହୋଇଥିବା ବେଳେ ଏହାକୁ ଉପଭୋଗ କରିବା ପାଇଁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା । ଏହି ଅବସରରେ ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ପବିତ୍ରପଡ଼ା, ଦାନପୁର ପଞ୍ଚାୟତର କେଶରପୁର ଓ ନରସିଂହପୁର, ଯଅଁାବାରିମୂଳ ପଞ୍ଚାୟତର ଅର୍ତାମୂଳ ଗ୍ରାମରେ ଅନୁଷ୍ଠିତ ହୋଇଆସୁଥିବା ରାମଗାଥା ଅଭିନୟ ଶେଷ ହୋଇଛି । ଏହି ଅବସରରେ ରାମଙ୍କ ରାଜ୍ୟାଭିଷେକ ଉତ୍ସବରେ ଶହଶହ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ । କେତେକ ସ୍ଥାନରେ ରାବଣପୋଡ଼ି ଉତ୍ସବ ମଧ୍ୟ ଧୁମଧାମ୍‌ରେ ଅନୁଷ୍ଠିତ ହୋଇଥିଲା ।

# ଓଡ଼ିଆ ପକ୍ଷର ଲୋକକଳା ପାଇଁ ଦିନଟିଏ



**ରାଜକନିକା,୧୦।୪/ଏନ୍‌ଏନ୍‌ଏସ୍:** ରାଜକନିକା ବ୍ଲକ୍ କଳା ସଂସ୍କୃତି ସଂଘର ପଞ୍ଜିକୃତ କଳାକାରମାନଙ୍କୁ ଆଜି ବ୍ଲକ୍ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଓଡ଼ିଶା ସରକାରଙ୍କ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଜାରି ରହିଥିବା ଓଡ଼ିଆ ପକ୍ଷର ଦଶମ ଦିବସରେ ଆଜି ୨୦୧୧ ମସିହାରୁ ବ୍ଲକ୍‌ରେ ଗଠିତ ବ୍ଲକ୍ କଳା ସଂସ୍କୃତି ସଂଘର କଳାକାରିତା ସହ ଜୀବିକା ଅର୍ଜନରେ ସହାୟକ ହେବା ସହ ଲୋକକଳା ବଞ୍ଚାଇ ରଖିବାରେ କଳାକାରମାନଙ୍କ ଭୂମିକାକୁ ପ୍ରଶଂସା କରାଯାଇଛି । ବ୍ଲକ୍ ପ୍ରକଳ୍ପ ସଂଯୋଜକ ବୁଦ୍ଧଦେବ ମୃତ୍ୟୁଞ୍ଜୟ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ଏବିଡିଓ ଅଜୟ କୁମାର ବେହେରା, ଜିପିଓ ମାନସ ସାହୁ ପ୍ରମୁଖ କଳାର ପୂଜାରୀମାନଙ୍କୁ ପ୍ରମାଣପତ୍ର, ଉତ୍ତରୀୟ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମ ଧାରାକୁ ବଜାୟ ରଖିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପନ୍ଦର ଦିନ ପର୍ଯ୍ୟନ୍ତ ଧରି ପ୍ରତି ବ୍ଲକଗୁମାନଙ୍କର କଳାକାରମାନଙ୍କୁ ନେଇ ବୁଡି ଯାଉଥିବା କଳାର ବିକାଶ ଲାଗି ଆଜି ରାଜକନିକା ବ୍ଲକ୍ ତରଫରୁ ରାଜକନିକା ମିଶନ ଶକ୍ତି ଗୃହରେ କଳାକାରମାନଙ୍କୁ ଡାକି ରାଜକନିକା ବିଡିଓ କୈଳାସ ଚନ୍ଦ୍ର ମହାଳିକ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ଆଜି ସମ୍ବର୍ଦ୍ଧିତ ହୋଇଥିବା କଳାକାରମାନଙ୍କ ମଧ୍ୟରେ ରବି ନାରାୟଣ ମିଶ୍ର, ବସନ୍ତ ରାୟ, ଜଗଦୀଶ ମହାନ୍ତି, ସୁକାନ୍ତ ଦାଶ, ଗୌରହରି ସାମଲ, ରତିକାନ୍ତ ରାୟ, ସୁବଳ ଦାସ, ହରେକୃଷ୍ଣ ବାରିକ, ସାବିତ୍ରୀ ମାହୁନ୍ତ, ରଞ୍ଜିତା, ସଦାନନ୍ଦ ଶତପଥି, ସୁରେଶ ଦାଶ ପ୍ରମୁଖଙ୍କୁ ଅତିଥିମାନେ ଉତ୍ସାହିତ କରିଥିଲେ । ଗାୟିକା ରଞ୍ଜିତ ବେହେରା ପାଲା ପରିବେଷଣ, କନିକା କଂସ ତାଙ୍କର ଅଭିନୟ କଳା ପରିବେଷଣ କରିଥିଲେ । ଓଡ଼ିଆ ପକ୍ଷ ପାଇଁ ଆସନ୍ତା ୧୩ ତାରିଖରେ ବ୍ଲକ୍ ମିଶନ ଶକ୍ତି କାଫେରେ ଆମ ଖାଦ୍ୟ ଆମ ରୁଚି ସହ ୧୪ ତାରିଖରେ ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ପାଳନ କରାଯିବ ବୋଲି ସୂଚନା ମିଳିଛି ।

# ୬ଦଫା ଦାବି ନେଇ ଜଗନ୍ନାଥ ଜିଏମ୍ ଅଫିସ୍ ପରିସରରେ ଗଣଧାରଣା



**ତାଳଚେର,୧୦।୪/ଏନ୍‌ଏନ୍‌ଏସ୍:** ଅଫିସ୍ କାଣ୍ଟିନ୍, ମାଟ୍ଟରୁ ଥିବା କଥା ଅନୁଯାୟୀ ରବିବାର ଏବଂ ସରକାରୀ ଛୁଟି ଦିନରେ ଜିଏମ ୟୁନିଟ୍‌ଏବଂ ସେଣ୍ଟ୍ରାଲ୍ ଷ୍ଟୋର୍ (ଜଗନ୍ନାଥ ଏରିଆ)ର ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରାଯାଉ, ସମାୟନୁବର୍ତ୍ତିତା ଅନୁସାରେ ପଦୋନ୍ନତି ଏବଂ କ୍ୟାଡର୍ ଚେଞ୍ଜ, ଦୁଇଚକିଆ ଓ ଚାରିଚକିଆ ଯାନ ପାଇଁ ପାର୍କିଂସ୍ଥଳୀ ନିର୍ମାଣ, ଜିଏମ ଅଫିସ୍ ସମ୍ମୁଖରେ ପୂଜାମଣ୍ଡପ ନିର୍ମାଣ, ସ୍ଥାନାନ୍ତରିତ ରୋଗୀଙ୍କ ଚିକିତ୍ସା ବିଲର ଠିକ ସମୟରେ ପରିଶୋଧ କରାଯାଉ କୁନେଇ ୬ଦଫା ଦାବିରେ ଆଜି ସକାଳ ୧୦ଘଟିକା ସମୟରୁ ଏଆଇଏନ୍‌ଟିୟୁସି ଓ ଏଚ୍‌ଏମ୍‌ଏସ୍ ମିଳିତ ଭାବେ ଶତାଧିକ ଶ୍ରମିକ ଗଣଧାରଣାରେ ବସିଥିଲେ । ସେମାନେ ପୂର୍ବରୁ ଏସମ୍ପର୍କରେ ଉଚ୍ଚପଦାଧିକାରୀଙ୍କ ସହ ଆଲୋଚନା କରାଯାଇଥିଲେ ମଧ୍ୟ ଫଳ କିଛି ନମିଳିବାରୁ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ବୋଲି ଏଚଏମଏସ୍ ସମ୍ପାଦକ ଜେସି ମିଶ୍ର ଓ ଏଆଇଏନଟିୟୁସି ବିଜୟ ଦାସ ପ୍ରେସ୍ ମାଧ୍ୟରେ ସୂଚନା ପ୍ରଦାନ କରିଛନ୍ତି । ଏହାର କପି ନିର୍ଦ୍ଦେଶକ (ଏଚ୍‌ଆର୍) ବୁର୍ଲା, ଜେନେରୋଲ ମ୍ୟାନେଜର (ଏଚ୍‌ଆର୍ /ଆଇଆର୍), ଜେନେରାଲ ମ୍ୟାନେଜର (ଏଚ୍‌ଆର୍ /ଏଚ୍‌ଆର୍‌ଏମ୍) ଏମ୍‌ସିଏଲ୍ ଜଗନ୍ନାଥକୁ ପ୍ରଦାନ କରିଛନ୍ତି ।

# ଅଟଳ ବସ୍‌ଷ୍ଟାଣ୍ଡ ଲୋକାର୍ପଣର ୩ ମାସ ପରେ ବି ଖୋଲୁନି ଫାଟକ

## ନାହିଁ ନଥିବା ଅସୁବିଧାରେ ବସ୍ ଯାତ୍ରୀ

**ପରଜଙ୍ଗ,୧୦।୪/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗରେ ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ନିର୍ମିତ ହୋଇଥିବା ଅଟଳ ବସଷ୍ଟାଣ୍ଡ ଗତ ଜାନୁଆରୀ ମାସ ୧୨ ତାରିଖରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନାଙ୍କ ଉପସ୍ଥିତିରେ ମୂଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ ହୋଇଥଲା । ଏଥି ମଧ୍ୟରେ ଦିର୍ଘ ୩ ମାସ ବିତି ଯାଇଥିଲେ ସୁଦ୍ଧା ଫାଟକରେ ସର୍ବଦା ତାଲା ପଡିଛି । ଉଠା ଦୋକାନୀ ଓ ମାର୍କେଟ କମ୍ପ୍ଲେକ୍ସ ଭଙ୍ଗାଜାଇ ନୂତନ ବସଷ୍ଟାଣ୍ଡ ନିର୍ମିତ ହୋଇଛି । ହେଲେ କାମରେ ଆସୁନାହିଁ ନୂତନ ଅଟଳ ବସଷ୍ଟାଣ୍ଡ । ବସ୍‌ଯାତ୍ରୀମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଖରାରେ କେଉଁଠି ଟିକେ ଛିଡ଼ା ହେବାକୁ ସ୍ଥାନ ନାହିଁ । ପାଣି ଟୋପେ ପିଇବାକୁ ହେଲେ ଦୋକାନରୁ ପାଣି ବୋତଲ କିଣିବାକୁ ପଡୁଛି । ଶୌଚାଳୟ ପାଇଁ କୌଣସି ସୁବିଧା ନାହିଁ । ଏଥିପାଇଁ ମହିଳା ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶୌଚାଳୟ ଯିବା ପାଇଁ ଲଜ୍ୟାର ବଶବର୍ତ୍ତୀ ହେବାକୁ ପଡୁଛି । ଖବରରୁ ଜଣାପଡ଼ିଛି ବସଷ୍ଟାଣ୍ଡ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି । ବସ ଓ ବସ ଯାତ୍ରୀଙ୍କ ପାଇଁ ଏହି ନୂତନ ବସଷ୍ଟାଣ୍ଡ ନିର୍ମିତ ହୋଇଥିଲେ ମଧ୍ୟ କାହିଁକି ଫାଟକ ବନ୍ଦ କରାଯାଇଛି , ଯାତ୍ରୀମାନଙ୍କ ସୁବିଧା ପାଇଁ କାର୍ଯ୍ୟକାରୀ ହେଉନାହିଁ । ଖରା ଦିନରେ ଯାତ୍ରୀମାନେ ନାନାପ୍ରକାର ଅସୁବିଧାର ସମ୍ମୁଖୀନ ହୋଇ ଅସନ୍ତୋଷ ପ୍ରକାଶ ବ୍ୟକ୍ତ କରିଛନ୍ତି । ଯଥାଶୀଘ୍ର ନୂତନ ଅଟଳ ବସଷ୍ଟାଣ୍ଡଟି କାର୍ଯ୍ୟକାରୀ କରାଇବାକୁ ସ୍ଥାନୀୟ ବିଧାୟକ ଓ ଜିଲ୍ଲା ପରିବହନ ବିଭାଗ ଏବଂ ପ୍ରାଶାସନିକ ଅଧିକାରୀଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଓ ବସ୍‌ଯାତ୍ରୀ ଦାବି ଜଣାଇଛନ୍ତି ।



# ରଙ୍ଗାରଙ୍ଗ ପରିବେଶରେ କୁଜଙ୍ଗ ମହୋତ୍ସବ ଉଦ୍‌ଘାଟିତ

**ପାରାଦୀପ,୧୦।୪/ଏନ୍‌ଏନ୍‌ଏସ୍:** କୁଜଙ୍ଗ ମାଟିର ଗୌରବମୟ ଐତିହ୍ୟ, ପରମ୍ପରା, ସଂସ୍କୃତି, କଳା ଓ ସାହିତ୍ୟକୁ ଉଜ୍ଜୀବିତ କରିବା ତଥା ମହାନ ମୁକ୍ତିସଂଗ୍ରାମୀ 'କୁଜଙ୍ଗର ଗାନ୍ଧୀ' ଭାବରେ ପରିଚିତ ନାରାୟଣ ବୀରବର ସାମନ୍ତଙ୍କ ସ୍ମୃତିକୁ ସମ୍ମାନ ଜଣାଇ ଉଦ୍‌ଘାଟିତ ହୋଇଯାଇଛି 'କୁଜଙ୍ଗ ମହୋତ୍ସବ ୨୦୨୬' । ଉଦ୍‌ଘାଟନ ସମାରୋହରେ ଗ୍ରାମ୍ୟ ଉନ୍ନୟନ, ପାନୀୟଜଳ ଓ ପଞ୍ଚାୟତିରାଜ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଜଗତସିଂହପୁର ସାଂସଦ ଡଃ. ବିଭୁ ପ୍ରସାଦ ତରାଇଙ୍କ ସହ ଯୋଗ ଦେଇଥିଲେ ପାରାଦୀପ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ଧାନ, ପାନ ଓ ମୀନକୁ ନେଇ ଗର୍ବ କରୁଥିବା 'କୁଜଙ୍ଗ' ମାଟି ହେଉଛି ତ୍ୟାଗ, ବୀରତ୍ୱ ଓ ସ୍ୱାଭିମାନର ମାଟି । ବ୍ରିଟିଶ୍ ଶାସନର ଅତ୍ୟାଚାର ବିରୁଦ୍ଧରେ ଲବଣ ସତ୍ୟାଗ୍ରହ ଠାରୁ ଆରମ୍ଭ କରି ଅସହଯୋଗ ଆନ୍ଦୋଳନ, ଭୂଦାନ ଆନ୍ଦୋଳନ, ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ଏହି ମାଟିର ବରପୁତ୍ର ନାରାୟଣ ବୀରବର ସାମନ୍ତଙ୍କ ଅବଦାନ ଅବର୍ଣ୍ଣନୀୟ । ପାରାଦୀପ ବନ୍ଦରର ପରିକଳ୍ପନା କରିବା, ସମାଜରୁ ଅସ୍ପୃଶ୍ୟତା ଓ ଦାରିଦ୍ର୍ୟ ଦୂରୀକରଣ, ସ୍ୱଦେଶୀ ସାମଗ୍ରୀର ବ୍ୟବହାର ଏବଂ ଶିକ୍ଷାର ପ୍ରସାର ପାଇଁ ନାରାୟଣ ବୀରବର ସାମନ୍ତଙ୍କ ବଳିଷ୍ଠ ଉଦ୍ୟମକୁ ଓଡ଼ିଶାବାସୀ କେବେ ଭୁଲିପାରିବେ ନାହିଁ । ଏହି କୁଜଙ୍ଗ ଅଞ୍ଚଳର ଗର୍ବ ଓ ଗୌରବ ପରମଭକ୍ତ ବିଶର ମହାନ୍ତି ଯେଉଁଭଳି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଣି କୁଞ୍ଜବିହାରୀ କ୍ଷେତ୍ରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ସୃଷ୍ଟି କରିଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବ୍ରହ୍ମକୁ କଳାପାହାଡ କବଳରୁ ଉଦ୍ଧାର କରି ସେ ଭକ୍ତିର ଯେଉଁ ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି ତାହାର ବର୍ଣ୍ଣନା କରିଥିଲେ ଶିଳ୍ପମନ୍ତ୍ରୀ ଓ ସାଂସଦ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ମାର୍ଗଦର୍ଶନ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଢ ନେତୃତ୍ୱରେ ରାଜ୍ୟରେ ଲୋକଙ୍କ ସରକାର ଓଡ଼ିଆ ଅସ୍ମିତାର ସୁରକ୍ଷା, ଗରିବଙ୍କ କଲ୍ୟାଣ, ଯୁବବର୍ଗଙ୍କ ପାଇଁ ଅପାର ସୁଯୋଗ ସୃଷ୍ଟି, କୃଷି ଓ କୃଷକଙ୍କ ଉତ୍‌ଥାନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାର ରୂପାନ୍ତରିକରଣ, ମହିଳା ସଶକ୍ତିକରଣ, ଜନଜାତିଙ୍କ ଉନ୍ନତି, ମଧ୍ୟବିତ୍ତଙ୍କୁ ପ୍ରାଧାନ୍ୟ, ଉଦ୍ୟମିତାକୁ ପ୍ରୋତ୍ସାହନ, ସ୍ୱଦେଶୀ ଉତ୍ପାଦନ କେନ୍ଦ୍ର ସ୍ଥାପନ, ଦ୍ରୁତ ସହରୀକରଣ ଏବଂ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ସହିତ ଓଡିଶାକୁ ଦେଶର ଏକ ଅଗ୍ରଣୀ ଶିଳ୍ପୋନ୍ନତ ରାଜ୍ୟରେ ପରିଣତ କରିବା ପାଇଁ ପ୍ରୟାସ ଜାରି ରଖିବା ସହିତ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡିଶା' ଏବଂ ୨୦୪୭ ସୁଦ୍ଧା 'ବିକଶିତ ଓଡିଶା' ଗଠନ ଆମର ସଂକଳ୍ପ ବୋଲି କହିଥିଲେ ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ।



# ଗହୀରମଥାର ମାଦେଳୀ ମୁହାଁଣରେ ଲାଗିଛି ମୃତ ତିମି

**ରାଜନଗର,୧୦।୪/ଏନ୍‌ଏନ୍‌ଏସ୍:** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ମାଦେଳୀ ମୁହାଣ ନିକଟରେ ଏକ ବିରାଟକାୟ ମୃତ ତିମିକୁ ଦେଖିବାକୁ ମିଳିଛି । ପ୍ରାୟ ୩୩ଫୁଟ ଲମ୍ବ ନୀଳ ତିମି ପ୍ରଜାତିର ଏହି ମାଈ ତିମିଟି ସମୁଦ୍ରକୂଳରେ ଲାଗିଛି । ତିନିଦିନ ହେବ ମୃତ ତିମିକୁ ଦେଖିବାକୁ ମିଳୁଛି । ଏହି ତିମି କିପରି ଓ କେବେଠୁ ମୃତ୍ୟୁବରଣ କଲାଣି ଜଣାପଡିନାହିଁ । ରାଜନଗର ବ୍ଲକ୍ ପ୍ରାଣୀ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ଜେନା ପହଞ୍ଚି ବ୍ୟବଚ୍ଛେଦ କରିବା ସହିତ ନମୁନା ସଂଗ୍ରହ କରିଛନ୍ତି । ଭାରତୀୟ ପ୍ରାଣୀ ବିଜ୍ଞାନ ଗବେଷଣାଗାର ଗୋପାଳପୁରକୁ ପଠାଯିବ ବୋଲି ଗହୀରମଥା ରେଞ୍ଜ୍ ଅଫିସର କପିଳେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।



# ବିପଦକୁ ଆମନ୍ତ୍ରଣ କରୁଛି ମଲାଗଛ

## କାଟିବା ପାଇଁ ଅଞ୍ଚଳବାସୀଙ୍କ ଦାବି

**ଚାନ୍ଦୋଲ,୧୦।୪/ଏନ୍‌ଏନ୍‌ଏସ୍:** ଡେରାବିଶ ବ୍ଲକ୍ ଅନ୍ତର୍ଗତ କଟକ-ଚାନ୍ଦବାଲି ରାଜରାସ୍ତାରୁ ବାହାରିଥିବା ଖରିଦାସାହି-ଦାନପୁର ସେତୁ ରାସ୍ତା କଡ଼ରେ ରହିଥିବା ଦୁଇ ଦୁଇଟି ମଲା ଏବେ ବିପଦକୁ ଆମନ୍ତ୍ରଣ କରୁଛି । ଏହି ରାସ୍ତାଟି ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଅଧୀନରେ ରହିଥିବା ବେଳେ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଡେରାବିଶ ସମେତ ପଡ଼ୋଶୀ ଗରଦପୁର ଓ ମାର୍ଶାଘାଇ ବ୍ଲକ୍‌ର ହଜାର ହଜାର ଜନସାଧାରଣ ଯାତାୟତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏଥିସହିତ ଦୈନିକ ହଜାର ହଜାର ସ୍କୁଲ୍ ଓ କଲେଜ୍ ଛାତ୍ରଛାତ୍ରୀମାନେ ମଧ୍ୟ ଏହି ରାସ୍ତାଦେଇ ଚଳପ୍ରଚଳ କରିଥାନ୍ତି । ଏହି ରାସ୍ତାର ଦାନପୁର ଲକ୍ ଉପରେ ଗୋଟିଏ ବଡ଼



ଚାଖୁଣ୍ଡା ଗଛ ସମ୍ପୂର୍ଣ୍ଣ ମରିଯାଇଥିବା ବେଳେ ଏଠାରୁ ପାଖାପାଖି ୩୦୦ ମିଟିର ଦୂରରେ ଦାନପୁର ଗ୍ରାମ ରାସ୍ତା କଡ଼ରେ ଥିବା ଏକ ବଡ଼ ଶିମିଳିଗଛ ମଧ୍ୟ ମରିଯାଇଥିବା ଦେଖିବାକୁ ମିଳିଛି । ଏପରିକି ସାମାନ୍ୟ ପବନ ହେଲେ ଏହି ମଛ ଗଛର ଛୋଟ ବଡ଼ ଡାଳ ଭାଙ୍ଗି ରାସ୍ତା ଉପରେ ପଡୁଛି । ସୌଭାଗ୍ୟକୁ ଏହି ଡାଳ ପଡ଼ିବା ସମୟରେ କୌଣସି ଲୋକ ଆହାତ ହୋଇନଥିଲେ ମଧ୍ୟ ଉକ୍ତ ଦୁଇ ମଲା ଗଛରେ ରହିଥିବା ବଡ଼ ବଡ଼ ଡାଳ ଏବଂ ଗଛର ଗଣ୍ଡି କେତେବେଳେ ଭାଙ୍ଗି ପଡ଼ି କୌଣସି ଅଘଟଣ ନଘାଇବ ତାହା କହିହେବ ନାହିଁ । ତେଣୁ ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ଏହି ମଲା ଗଛ ଦୁଇଟିକୁ କାଟିବାର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ଜିଲ୍ଲା କୋର୍ଟ ପରିସରରେ ଜଳଛତ୍ର ଉଦ୍‌ଘାଟନ



**କେନ୍ଦ୍ରାପଡ଼ା,୧୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଜଳଛତ୍ର ଉଦ୍‌ଘାଟନ ହୋଇଯାଇଛି । ଜିଲ୍ଲା ଏବଂ ଜିଲ୍ଲା ବାହାରୁ ଆସୁଥିବା ଜନସାଧାରଣଙ୍କ ହିତ ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ଆନୁକୁଲ୍ୟରେ ଗ୍ରୀଷ୍ମରୁ ରକ୍ଷା ପାଇବା ପାଇଁ ଜଳଛତ୍ରର ବ୍ୟବସ୍ଥା କରାଯାଇଛି । ଏହାକୁ ଭାରପ୍ରାପ୍ତ ମାନ୍ୟବର ଜିଲ୍ଲା ଓ ଦୌରାଜଜ୍ ପ୍ରଜ୍ଞା ପରମିତା ରାଉଳ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତ୍ରି ବିକ୍ରମ କେଶରୀ ଚିନାରା, ପରିବାର ଅଦାଲତ୍ ଜର୍ଜ ମାନ୍ୟବର ଦେବାଶିଷ ପଣ୍ଡାଙ୍କ ସମେତ ସମସ୍ତ ବିଚାରପତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଉଦ୍‌ଘାଟନ ସମୟରେ କୋର୍ଟକୁ ଆସୁଥିବା ଶତାଧିକ ଜନସାଧାରଣ ଥଣ୍ଡାପାଣି ଓ ଦହିପାଣି ପାନ କରିଥିଲେ ।

# ପିଏମ୍‌ଶ୍ରୀ ନୋଡାଲ୍ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ରାଜକନିକା,୧୦।୪/ଏନ୍‌ଏନ୍‌ଏସ୍:** ରାଜକନିକା ବ୍ଲକ୍ ଅନ୍ତର୍ଗତ ଜୟନଗର ପିଏମ୍‌ଶ୍ରୀ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ଜୟନଗରର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ରତିକାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ରାଉତ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର, ସମ୍ମାନୀୟ ଅତିଥି ଭାବେ ବିଇଓ ରତିକାନ୍ତ ସେନାପତି, ବିଦ୍ୟାଳୟ ଆଲୁମିନ କମିଟି ସଭାପତି ହରଗୋବିନ୍ଦ ମଲ୍ଲୁଆଳ, ସମ୍ପାଦକ ଡ. ଫକୀର ଚନ୍ଦ୍ର ପ୍ରଧାନ, ପରିଚାଳନା କମିଟି ସଭାପତି ସୁରେଶ ଚନ୍ଦ୍ର ରାଉତ, ଓଷ୍ଟା ବ୍ଲକ୍ ସମ୍ପାଦକ ଅରବିନ୍ଦ ନାୟକ, ସିଆର୍‌ସିସି ବିଚିତ୍ର କୁମାର ନାଥ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଫକୀର ମୋହନ ନାୟକ, ସମାଜସେବୀ ପ୍ରଦୀପ୍ତ ପଲାଇ ପ୍ରମୁଖ ଯୋଗଦେଇ ଗୁରୁ ଛାତ୍ର ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ସଞ୍ଜୟ କୁମାର ବିଶ୍ୱାଳ ଅତିଥି ପରିଚୟ, ଅଳକା ମଞ୍ଜରୀ ମହାନ୍ତି ବାର୍ଷିକ ବିବରଣୀ ପାଠ ଓ ଶିକ୍ଷୟିତ୍ରୀ ନୀଳିମା ପଡ଼ିହାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅତିଥିମାନେ ବିଭିନ୍ନ ବିଭାଗର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



# ଜିଲ୍ଲାପାଳଙ୍କୁ ଭେଟିଲେ ଓକିଲ ସଂଘ ସଭାପତି ଓ ସମ୍ପାଦକ



**କେନ୍ଦ୍ରାପଡା,୧୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ପରେ ନବ ନିର୍ବାଚିତ ହୋଇଥିବା ଓକିଲ ସଂଘ ଜିଲ୍ଲା ସଭାପତି ରବିନାରାୟଣ ମହାନ୍ତି, ସମ୍ପାଦକ ନିହାର ରଞ୍ଜନ ମହାପାତ୍ର, ଉପସଭାପତି ନୃସିଂହ ଚରଣ ରାଉତ, ଜିଲ୍ଲାପାଳ ରଘୁରାମ୍ ଆର୍ ଆୟରଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇବା ସହ ଓକିଲ ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଆଲୋଚନା ସମୟରେ ବରିଷ୍ଠ ଆଇନ୍‌ଜୀବୀ ହରି ପ୍ରସାଦ କର, ପ୍ରାର୍ଥ ଚକ୍ରବର୍ତ୍ତୀ, ମମତାମୟୀ ସାମଲ, ରମାକାନ୍ତ କାନୁନ୍‌ଗୋ, ନିରଞ୍ଜନ ବଳ ପ୍ରମୁଖ ଉପସ୍ଥିତ ଥିଲେ ।

# ହନୁମାନ ଜୟନ୍ତୀ ଶୋଭାଯାତ୍ରା ପାଇଁ ସମନ୍ୱୟ ବୈଠକ

**କେନ୍ଦ୍ରାପଡ଼ା,୧୦।୪/ଏନ୍‌ଏନ୍‌ଏସ୍:** ଆସନ୍ତା ହନୁମାନ ଜୟନ୍ତୀ ଶୋଭାଯାତ୍ରା ସମ୍ପର୍କରେ ଜିଲ୍ଲାପାଳ ରଘୁରାମ ଆର.ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଅତିରିକ୍ତ ଆରକ୍ଷୀ ଅଧିକାରୀ ସୁଧାକର ସାହୁ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ଡିଏସପି ଲକ୍ଷ୍ମୀ ନାରାୟଣ ତିୱାରୀ, ସଦର ଥାନା ଅଧିକାରୀ ଶୁଭେନ୍ଦୁ ସାହୁଙ୍କ ସମେତ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାମାନେ



ଉପସ୍ଥିତ ଥିଲେ । ଶୋଭାଯାତ୍ରାକୁ ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଏବଂ ସୁସଂଗଠିତ ଭାବେ ପାଳନ କରିବା ପାଇଁ ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ରୁଟ୍ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ଭିଡ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କ ସୁରକ୍ଷା ବିଷୟରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଆଇନଶୃଙ୍ଖଳା ରକ୍ଷା ଓ ସମସ୍ତ ବିଭାଗମାନଙ୍କ ମଧ୍ୟରେ ସୁଦୃଢ଼ ସମନ୍ୱୟ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଶୋଭାଯାତ୍ରା ଇଚ୍ଛାପୁର ମାଉସୀମା ମନ୍ଦିରରୁ ବାହାରି ତିନିମୁହାଣୀ ରାମମନ୍ଦିର ପର୍ଯ୍ୟନ୍ତ ଆସିବାକୁ ନିର୍ଦ୍ଧାରିତ ହୋଇଛି । ଆୟୋଜକମାନଙ୍କୁ ପ୍ରଶାସନଙ୍କ ସହଯୋଗ କରି ସମସ୍ତ ନିୟମକୁ ଅନୁସରଣ କରିବାକୁ ପରାମର୍ଶ ଦିଆଯାଇଥିଲା । ଶୋଭାଯାତ୍ରାକୁ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ ଘଟିକା ମଧ୍ୟରେ ସମାପ୍ତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସମସ୍ତଙ୍କୁ ଏହି ପର୍ବକୁ ଶାନ୍ତିପୂର୍ଣ୍ଣ ଓ ସମନ୍ୱୟମୂଳକ ଭାବେ ପାଳନ କରିବା ପାଇଁ ଅନୁରୋଧ କରାଯାଇଛି ।

# ୮୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ

**ଜଗତସିଂହପୁର,୧୦।୪/ଏନ୍‌ଏନ୍‌ଏସ୍:** ବାଲିକୁଦା ଅବକାରୀ ଥାନା ପକ୍ଷରୁ ଅସିଳୋ ଛକରେ ଚଢାଉ କରାଯାଇ ୮୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯିବା ସହ ଅଭିଯୁକ୍ତ ବିଶ୍ୱଜିତ ସାହୁଙ୍କୁ ଗିରଫ କରାଯାଇଛି । ଗୁରୁବାର ଦିନ ଜଗତସିଂହପୁର ଅବକାରୀ ରେଞ୍ଜ ଇନ୍ସପେକ୍ଟର ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ବିଶେଷ ସୂତ୍ରକୁ ଆଧାର କରି ଅସିଳୋ ଛକଠାରେ ଚଢାଉ କରି ବ୍ରାଉନ୍‌ସୁଗର ବିକ୍ରି କରିବାକୁ ଆସିଥିବା ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୂଳସାହି ଗ୍ରାମର ମାୟାଧର ସାହୁଙ୍କ ପୁଅ ବିଶ୍ୱଜିତ ସାହୁ (୩୧) ଙ୍କଠାରୁ ୮୨ ଗ୍ରାମ୍‌ର ବ୍ରାଉନ୍‌ସୁଗର ସହ ଏକ ବଜାଜ ପଲସର ମୋଟରସାଇକେଲ (ଓଡି-୧୩-ୱାଇ-୨୧୫୩) ଓ ଏକ ମୋବାଇଲ ଫୋନ୍



ଜବତ କରିବା ସହ ତାଙ୍କୁ ଗିରଫ କରାଯାଇଛି । ଅପରାହ୍ନରେ ଅଭିଯୁକ୍ତଙ୍କୁ କୋର୍ଟଚାଲଣ କରାଯାଇ ହାଜତ୍‌କୁ ପଠାଇ ଦିଆଯାଇଛି । ଏହି ଚଢାଉରେ କନ୍‌ଷ୍ଟେବଲ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ପ୍ରତିମା ଜେନା, ଶୁଭଶ୍ରୀ ବିଶ୍ୱାଳ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ । ଜିଲ୍ଲାରେ ଦିନକୁ ଦିନ ବ୍ରାଉନ୍‌ସୁଗର କାରବାର ବଢି ଚାଲିଥିବା ବେଳେ ଏବଂ ସମଗ୍ର ରାଜ୍ୟରେ ସ୍ପେଶାଲ ଡ୍ରାଇଭ ଚାଲିଥିବା ବେଳେ ଏହା ନିଶ୍ଚିତ ଭାବେ ଜଗତସିଂହପୁର ଅବକାରୀ ବିଭାଗ ପାଇଁ ବଡ ସଫଳତା । ଅବକାରୀ ଅଧିକ୍ଷକ ଅନିତା ପ୍ରଧାନ ବାଲିକୁଦା ଅବକାରୀ ଥାନାକୁ ପ୍ରଶଂସା କରିବା ସହ ଆଗାମୀ ଦିନମାନଙ୍କରେ ଚଢାଉକୁ ଜୋରଦାର କରିବା ପାଇଁ ଉତ୍ସାହିତ କରିଛନ୍ତି ।

**ନିତି ଭାରତୀ** | ଶକ୍ତି ଶାରୀରିକ ସାମର୍ଥ୍ୟରୁ ନୁହେଁ, ଅଦମ୍ୟ ଇଚ୍ଛାଶକ୍ତିରୁ ଆସିଥାଏ। - ମହାତ୍ମା ଗାନ୍ଧୀ

NITIDIN
ନିତିଦିନ
ଶନିବାର, ୧୧ ଏପ୍ରିଲ ୨୦୨୬

# ଛେନାପୋଡ଼: ଓଡ଼ିଶାର ନିଜସ୍ୱ ସ୍ୱତନ୍ତ୍ର ମିଠା



ଜୟନ୍ତ ପଟ୍ଟନାୟକ

୧୯୬୪ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁ ଓଡ଼ିଶାର ଅନୁଗୁଳ (ଅଧୁନା) ଜିଲ୍ଲାର ଟିକରପଡ଼ାକୁ ଆସିଥିଲେ କନ୍ୟା ଇନ୍ଦିରା (ଭାରତର ତୃତୀୟ ତଥା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ)ଙ୍କ ସହ ଏକ ଜଳସେଚନ ପ୍ରକଳ୍ପର ଶିଳାନ୍ୟାସ ସକାଶେ। ସେଠାରେ ଓଡ଼ିଶାର ପ୍ରବାଦ ପୁରୁଷ ବିଜୁବାବୁ ନେହରୁଙ୍କୁ ନୟାଗଡ଼ରେ ପ୍ରସ୍ତୁତ ଓଡ଼ିଶାର ନିଜସ୍ୱ ସ୍ୱତନ୍ତ୍ର ମିଠା ଛେନାପୋଡ଼ ଦେଇଥିଲେ, ଯାହାକୁ ଖାଇ ନେହରୁ ଓ ଇନ୍ଦିରା ତାହାର ଭୂୟସୀ ପ୍ରଶଂସା କରିବା ସହ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ପଚାରି ବୁଝିଥିଲେ। ଭାରତର ବିଖ୍ୟାତ ସେଫ୍ ରଣବୀର ସିଂ ଦ୍ୱାରା ଏକ ଟିଭି ଶୋ'ରେ ଏହି ଛେନାପୋଡ଼ର ଢେର୍ ପ୍ରଶଂସା କରିଛନ୍ତି। ଏହି 'ଛେନାପୋଡ଼'ର ଏକ ସୁନ୍ଦର କାହାଣୀ ଅଛି। ସ୍ୱାଧୀନତା ପୂର୍ବର କଥା। ୧୯୪୫ ମସିହା। ସେତେବେଳେ ସବୁଆଡ଼େ କାଠ ଚୁଲିର ପ୍ରଚଳନ ଥିଲା। ନୟାଗଡ଼ ଦଶପଲ୍ଲା ସାତପାଟଣାର ଜଣେ ଜଳଖିଆ ଦୋକାନୀ ସୁଦର୍ଶନ ସାହୁ ଦୋକାନରେ ବିଭିନ୍ନ ମିଠା ମଧ୍ୟ ପ୍ରସ୍ତୁତ କରୁଥିଲେ। ଦିନେ ରାତିରେ ଦୋକାନ ବନ୍ଦ କରିବା ପୂର୍ବରୁ ସେ ଦେଖିଲେ କିଛି ଛେନା ବଳି ପଡ଼ିଛି। ନଷ୍ଟ ହୋଇଯିବା ଆଶଙ୍କାରେ ସିଏ ସେଥିରେ କିଛି ଚିନି ଓ ଚାଉଳ ଚୁନା (ଗୁଣ୍ଡ) ମିଶାଇ ଡେକ୍‌ଚିରେ ପୂରାଇ ଚୁଲି ଉପରେ ରଖି ଶୋଇଗଲେ। ସକାଳେ ଉଠିଲା ବେଳକୁ ବାହାରେ ଟାଣୁଆ, କିନ୍ତୁ ଭିତରେ ନରମ ଓ ସ୍ୱାଦିଷ୍ଟ ଏକ ମିଠା ପ୍ରସ୍ତୁତ ହୋଇ ଯାଇଛି, ଯାହାର ନାମ ଦେଲେ ସୁଦର୍ଶନ ସାହୁ 'ଛେନାପୋଡ଼'(ଛେନା ପୋଡ଼ା ଯାଇଥିବାରୁ)। ଦିନସାରା କାମ ହେତୁରୁ ଜଳୁଥିବା କାଠ ଚୁଲିର ରଡ଼ ନିଆଁ ଧାସରେ ସେକି ହୋଇ (ବେକଡ୍) ପ୍ରସ୍ତୁତ ହୋଇ ଯାଇଥିଲା ଏହି ଆକସ୍ମିକ ମିଠା। ଏହି ମିଠାର ଉଦ୍ଭାବକ ବା ଜନକ ଭାବେ ସୁଦର୍ଶନଙ୍କ ଜନ୍ମଦିନ ୧୧ ଏପ୍ରିଲକୁ ପାଳନ କରାଯାଉଛି 'ବିଶ୍ୱ ଛେନାପୋଡ଼ ଦିବସ' ଭାବେ। ସୁଦର୍ଶନଙ୍କ ଜନ୍ମ ୧୧ ଏପ୍ରିଲ ୧୯୩୧ ମସିହାରେ।

ପରବର୍ତ୍ତୀ ସମୟରେ ୧୯୪୭ରେ ସୁଦର୍ଶନ ନୟାଗଡ଼ ଚାଲିଆସି କଚେରୀ ବଜାରଠାରେ ତାଙ୍କ ଦୋକାନରେ ବିଭିନ୍ନ ଜଳଖିଆ, ମିଠା ସହିତ ଛେନାପୋଡ଼ ପ୍ରସ୍ତୁତ କରୁଥିଲେ। ସୁଜି, ଛେନା, ଚିନି/ଗୁଡ଼ ସହ କାଜୁ, କିସ୍‌ମିସ୍ ଓ ଗୁଜୁରାତି ଗୁଣ୍ଡ ମିଶାଯାଇ ଛେନାପୋଡ଼ ପ୍ରସ୍ତୁତ ହୁଏ। ଆଜିକାଲି ଏଥିରେ ଅନେକ ପରୀକ୍ଷା ନିରୀକ୍ଷା ମଧ୍ୟ କରାଯାଉଛି। ନୟାଗଡ଼ ଅଞ୍ଚଳ ଅଦ୍ୟାବଧି ଛେନାପୋଡ଼ର ଅନ୍ତର୍ଜାତୀୟ ଭାବେ ପ୍ରସିଦ୍ଧି ଲାଭ କରିଛି। ନୟାଗଡ଼ ପାଖାପାଖି ଅଞ୍ଚଳରେ ଅନେକ ଗ୍ରାମରେ ଗୋପାଳକମାନେ ଛେନା କରି ଛେନାପୋଡ଼ ପ୍ରସ୍ତୁତ କରୁଛନ୍ତି। ପ୍ରତ୍ୟହ ଏହି ଅଞ୍ଚଳରୁ ଓଡ଼ିଶାର ଅନେକ ବଡ଼ ସହରକୁ ପ୍ରାୟ ୪୦ କ୍ୱିଣ୍ଟାଲ ଛେନାପୋଡ଼ ପଠାଯାଉଛି। ମାତ୍ର ଏହି ମିଠାରେ ମଧ୍ୟ କିଛି ଗଡ଼ବଡ଼ ଆରମ୍ଭ ହେଲାଣି ବୋଲି ଖୋଦ୍ ସୁଦର୍ଶନଙ୍କ ପୁଅ ସୁମନ ସାହୁ ଅଭିଯୋଗ କରିଛନ୍ତି। କିଛି ଅସାଧୁ ବ୍ୟବସାୟୀ ଶସ୍ତା କ୍ଷୀର ପାଉଡରରୁ ଛେନା ପ୍ରସ୍ତୁତ କରି ଶସ୍ତାରେ ଛେନାପୋଡ଼ ବିକୁଛନ୍ତି, ଯାହା ଏହି ମିଠାର ଭବିଷ୍ୟତ ପଥରେ ଅନ୍ତରାୟ ହୋଇପାରେ। ଖୁସିର କଥା, କିଛି ଆଗ୍ରହୀ ଯୁବଗୋଷ୍ଠୀ ସ୍ଥାନୀୟ ପ୍ରଶାସନ ସହ ମିଳିମିଶି ଛେନାପୋଡ଼ ନିମନ୍ତେ ଜିଆଇ ଟ୍ୟାଗ୍ (ଜିଓଗ୍ରାଫିକାଲ ଇଣ୍ଡେକ୍ସ ବା ଭୌଗୋଳିକ ମାନକ) ହାସଲ କରିବା ସକାଶେ ଚେଷ୍ଟା ଜାରି ରଖିଛନ୍ତି। ନୟାଗଡ଼ର ସ୍ୱେଚ୍ଛାସେବୀ ସଂସ୍ଥା 'ହେଲ୍ପିଙ୍ଗ୍ ହାଣ୍ଡସ୍ ଫାଉଣ୍ଡେସନ' ଏ ଦିଗରେ ଅଗ୍ରଣୀ ଭୂମିକା ନେଇ ୨୦୨୨ ରୁ ଏହି ଦିବସ ପାଳନ କରି ଆସୁଛନ୍ତି। ଅଧୁନା ଛେନାପୋଡ଼ ରାଜ୍ୟ/ଦେଶର ସୀମା ସରହଦ ପାର ହୋଇ ବିଦେଶରେ ପହଞ୍ଚି ଗଲାଣି। ଏହାର ଆଦୃତି ବଢ଼ି ବଢ଼ି ଚାଲିଛି। ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ଏହାର ପ୍ରଚଳନ ହେଲାଣି। ବର୍ତ୍ତମାନ ଦେଶର ରାଷ୍ଟ୍ରପତି ଆମ ରାଜ୍ୟର ମହାମହିମ ଦ୍ରୌପଦୀ ମୁର୍ମୁ। ତେଣୁ ସାଧାରଣରେ ଓଡ଼ିଶାର ପ୍ରସିଦ୍ଧ ମିଠା ଭାବେ ଏହା ରାଷ୍ଟ୍ରପତି ଭବନରେ ଆସ୍ଥାନ ଜମାଇବା କଥା। ମାତ୍ର ପୂର୍ବରୁ ମଧ୍ୟ ଏହା ରାଷ୍ଟ୍ରପତି ଭବନରେ ପହଞ୍ଚି ସାରିଛି। ଦେଶର ପ୍ରାୟ ସମସ୍ତ ନେତୃବୃନ୍ଦ, ବିଦେଶୀ ଅତିଥିଗଣ, କ୍ରୀଡ଼ା ଏବଂ ଚିତ୍ର ତାରକାମାନଙ୍କର ଏହା ପସନ୍ଦର ମିଠା। ଓଡ଼ିଶା ଏଥିପାଇଁ ଗର୍ବିତ। ଅନେକ ବିଦେଶୀ ଗଣମାଧ୍ୟମ ମଧ୍ୟ ଏ ସମ୍ପର୍କରେ ସ୍ୱତନ୍ତ୍ର ଆଲେଖ୍ୟ ପ୍ରଚାର ପ୍ରସାର କରିଛନ୍ତି। ଆଜିକାର ବିଜ୍ଞାପନ ଓ ଡିଜିଟାଲ ଯୁଗରେ ଫୁଡ୍ ଫୁଡ୍, ଗୁଡ୍ ଫୁଡ୍, ଲାଇଭ୍ ଫୁଡ୍, ଜି ଜେଷ୍ଟ୍ ଆଦି ଚ୍ୟାନେଲ୍/ କାର୍ଯ୍ୟକ୍ରମ ସୌଜନ୍ୟରୁ ଏହା ବିଦେଶୀମାନଙ୍କର ଚାହିଦା ମିଠାରେ ପରିଣତ ହୋଇ ସାରିଲାଣି।

ଆମ ଓଡ଼ିଆଙ୍କର ଆରାଧ୍ୟ ପ୍ରଭୁ ଜଗନ୍ନାଥ ଯେପରି ବଡ଼ଖିଆ ଭାବରେ ପ୍ରସିଦ୍ଧ, ଆମେ ଓଡ଼ିଆମାନେ ସେହିପରି ବିଭିନ୍ନ ପ୍ରକାର ଖଜା, ପିଠା, ମିଠା, କ୍ଷୀରି ପୁରୀ ପ୍ରସ୍ତୁତିରେ ବିଖ୍ୟାତ। ଏସବୁର ମୂଳାଧାର ସେଇ କଳାଠାକୁର ଚକାନୟନ ଜଗନ୍ନାଥ, ସିଏ ଛପନ ଭୋଗୀ। ସେଇ ୫୬ ଭୋଗରେ କେତେ ପ୍ରକାର ଯେ ସୁସ୍ୱାଦୁ ପିଠା/ ମିଠା/ ବ୍ୟଞ୍ଜନ ପ୍ରସ୍ତୁତ ହୁଏ, ତା'ର ହିସାବ ରଖିବା ଦୁଃସାଧ୍ୟ। ପୁରୀର ଏକ ମଠ, ଗୌର ବିହାର (ମାତା ମଠ ବା ଗୁପ୍ତ ବୃନ୍ଦାବନ)ରେ ମାର୍ଗଶିର ଶୁକ୍ଳ ଦ୍ୱାଦଶୀ ବା ବ୍ୟଞ୍ଜନ ଦ୍ୱାଦଶୀରେ ପ୍ରଭୁଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଥିଲା ୮୫୧ ପ୍ରକାର ବ୍ୟଞ୍ଜନ (୨୦୨୪), ଯାହା ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହା ଅବିଶ୍ୱସନୀୟ ହେଲେ ମଧ୍ୟ ନିରାଟ ସତ୍ୟ। ଆଉ ଏହି ୫୬ ଭୋଗର ଏକ ଛୋଟ କାହାଣୀ କହୁଛି। ପୁଣ୍ୟ ମହାକାର୍ତ୍ତିକ ମାସର ଅମାବାସ୍ୟା ପର ଦିନ ଗୋବର୍ଦ୍ଧନ ପୂଜା। ଦ୍ୱାପର ଯୁଗରେ ପ୍ରକୃତିର ପୂଜା ସକାଶେ ପ୍ରଭୁ




ବାଳକୃଷ୍ଣ ଗୋପବାସୀମାନଙ୍କୁ ବର୍ଷାର କାରଣ ଗୋବର୍ଦ୍ଧନ ପର୍ବତକୁ ପୂଜା କରିବାକୁ ପ୍ରବର୍ତ୍ତାଇଲେ। ଆପଣମାନେ ନିଶ୍ଚୟ ପିଲାଦିନେ ପଢ଼ିଥିବେ ପାହାଡ଼/ ପର୍ବତରେ ବାଧା ପାଇ ମେଘ ବୃଷ୍ଟି କରାଏ। କିନ୍ତୁ ସେଠା (ଗୋପ)ରେ ନଟଖଟିଆ ପ୍ରଭୁ ଶ୍ରୀକୃଷ୍ଣ ଦେବରାଜ ଇନ୍ଦ୍ରଙ୍କ ଗର୍ବ ଗଞ୍ଜନ ପାଇଁ ଏ ପ୍ରକାର ପୂଜାର ଆୟୋଜନ କରିଥିଲେ। ଏଥିରେ ରାଗିଯାଇ ଗର୍ବୀ ଇନ୍ଦ୍ର ପ୍ରଭୁଙ୍କୁ ଗୋପାଳ ବାଳକ ଭାବେ ହେୟଜ୍ଞାନ କରି ତାଙ୍କ ଅଧୀନରେ ଥିବା ଚାରି ମେଘ ଓ ପବନ ଦେବତାଙ୍କୁ ଗୋପରେ ପ୍ରଳୟ ରଚନା କରିବାକୁ ଆଜ୍ଞା ଦେଲେ। ସାତ ଦିନ କାଳ ଅବିରତ ବର୍ଷା ତୋଫାନ ଅସମ୍ଭାଳ କରିଦେଲା, ମାତ୍ର ବାଳଗୋପାଳ କୃଷ୍ଣ ନିଜ ବାମ ହାତର କାଣୀ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଟେକି ଧରିଲେ ଏବଂ ସମସ୍ତ ଗୋପବାସୀ ଗାଈ ଗୋଠ ସହ ତା'ରି ତଳେ ଆରାମରେ ଆଶ୍ରୟ ନେଲେ। ଏହା ପରେ ଇନ୍ଦ୍ର ନିଜର ଭୁଲ୍ ବୁଝିପାରି ପ୍ରଭୁଙ୍କ ଶରଣାଗତ ହେଲେ: 'ଇନ୍ଦ୍ର ହାରିଣ ଶରଣ ପଶିଲା/ ଗୋପେ ଗୋବିନ୍ଦ ନାମ ଦେଇଗଲା।' ସେଇ ସାତ ଦିନ ଗୋବର୍ଦ୍ଧନ ଧାରଣ କରିଥିବାରୁ ପ୍ରଭୁ ଶ୍ରୀକୃଷ୍ଣ କିଛି ଖାଇ ନଥିଲେ। ତେଣୁ ଗୋପବାସୀ ଶ୍ରଦ୍ଧାରେ ପ୍ରଭୁଙ୍କୁ ନାନାଦି ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ଖୁଆଇଲେ। ପ୍ରଭୁ ଦିନକୁ ୮ ଥର ଖାଆନ୍ତି, ଗୁଣନ ୭ ଦିନ = ୫୬। ତେଣୁ ପ୍ରଭୁ ଶ୍ରୀକୃଷ୍ଣ ୫୬ ଭୋଗୀ ଏବଂ ସେଇ ଧାରାରେ ପରବର୍ତ୍ତୀ ରୂପ (ଅବତାର) ଜଗତର ନାଥ ଜଗନ୍ନାଥ ସ୍ୱାମୀ ମଧ୍ୟ ଛପନ ଭୋଗୀ। ଆଉ ନୀଳାଚଳ ନାଥଙ୍କ ଅନୁଗାମୀ ଓଡ଼ିଆ ବା ସେଥିରୁ ବାଦ୍ ଯିବେ କେମିତି ?

ଆମ ପ୍ରଭୁଙ୍କ ଭଳି ଓଡ଼ିଆ ଜାତି ମଧ୍ୟ ଖାଦ୍ୟପ୍ରିୟ। ଆପଣ ଲକ୍ଷ୍ୟ କରିଥିବେ, ଓଡ଼ିଶାରେ କିଛି ବାଟ ବ୍ୟବଧାନରେ ଖାଦ୍ୟର ଢାଞ୍ଚା ବା ପ୍ରକାର ଭେଦ ବଦଳି ଯାଏ। ସେଇ କ୍ରମରେ ଦେଖିଲେ ଓଡ଼ିଶାର କେତେକ ପ୍ରଖ୍ୟାତ ଆଞ୍ଚଳିକ ଖାଦ୍ୟ ଭାବରେ ଢେଙ୍କାନାଳର ବିରି ବରା, ଭଦ୍ରକର ପାଳୁଅ ଲଡୁ, କେନ୍ଦ୍ରାପଡ଼ାର ରସାବଳୀ, ପୁରୀର ମହାପ୍ରସାଦ ଓ ଖଜା, କଟକର ଦହିବରା ଆଳୁଦମ୍, ବ୍ରହ୍ମପୁରର ମୁଆଁ ଓ ସ୍ୱାଦିଷ୍ଟ ଦକ୍ଷିଣୀ ଜଳଖିଆ, ଭୁବନେଶ୍ୱରର କୋରା ଖଇ, ନୟାଗଡ଼ର ଛେନାପୋଡ଼ ଇତ୍ୟାଦି। ଏହିସବୁ ପ୍ରସଙ୍ଗ ୧୯୮୧ରେ ମୁକ୍ତିଲାଭ କରିଥିବା ଓଡ଼ିଆ ଚଳଚ୍ଚିତ୍ର 'ଅକ୍ଷୟ ତୃତୀୟା'ର ଏକ ଗୀତରେ ଚିତ୍ରାୟିତ ହୋଇଥିଲା ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ତାନ୍‌ସେନ୍ ସିଂହଙ୍କ ସ୍ୱରରେ, 'ହୋ ଆସ କିଏ ଖାଇବ ହୋ ଆମ ରାଜା ବାବୁର ଖାନା...। ଏଥିରେ ଗୋଟିଏ ଧାଡ଼ି ଉଲ୍ଲେଖ ଥିଲା ଭୁଲ୍‌ରେ 'ବୋଲଗଡ଼ର ଛେନାପୋଡ଼' ପରବର୍ତ୍ତୀ ମୁହୂର୍ତ୍ତରେ ଯାହା ସଂଶୋଧିତ ହୋଇ ଯାଇଛି 'ନୟାଗଡ଼ର ଛେନାପୋଡ଼...'।

ସଠିକ୍ ସ୍ଥାନକୁ ସଠିକ୍ ମର୍ଯ୍ୟାଦା ଦିଆଯାଇଛି। କିନ୍ତୁ 'ବୋଲଗଡ଼' ମାଟିର ସନ୍ତାନ ଭାବରେ ଏ ଲେଖକ ଆନନ୍ଦିତ ଯେ ଭୁଲ୍‌ରେ ହେଉ ବରଂ ମୋ ଗାଁର ନାଁଟା ତ ପଡ଼ିଲା। ତେଣିକି କିଛି ମୁହୂର୍ତ୍ତ ପାଇଁ ହେଉ ପଛେ। ଏପ୍ରିଲ ୧୧- ଛେନାପୋଡ଼ ଦିବସ ପାଳନର ସାଧୁ ଉଦ୍ଦେଶ୍ୟ ସଫଳ ହେଉ। ଆମ ରାଜ୍ୟ ବିଶ୍ୱପ୍ରସିଦ୍ଧି ଲାଭ କରୁ- ପ୍ରଭୁ ନୀଳାଚଳିଆଙ୍କ ପଦ୍ମପାଦରେ ଏତିକି କାମନା। ଜୟ ଜଗନ୍ନାଥ, ଜୟ ଉତ୍କଳ।

**ମୋ: ୯୦୯୦୧୯୦୦୬୯**

# ତୃଷ୍ଣା



ବିଜୟ ଦାସ

ଯଦିଓ ଶୋଷର ଅନ୍ୟ ନାମ ତୃଷ୍ଣା, ଅନ୍ୟ ଅର୍ଥରେ ବ୍ୟବହୃତ ହୁଏ ପ୍ରତୀକାତ୍ମକ ଭାବେ। ପ୍ରଥମତଃ ଶୋଷର ହିଁ ବିଭିନ୍ନ ଦିଗ। ଯେପରିକି କାମନା, ବାସନା, ଲୋଭ ଇତ୍ୟାଦି। ଶୋଷ, ତୃଷ୍ଣା ଓ ପିପାସା ଇତ୍ୟାଦି ପ୍ରତିଶବ୍ଦ ହେଉଛି ପାନ କରିବାର ଇଚ୍ଛା। ସାଧାରଣତଃ ଏହି ଇଚ୍ଛାକୁ ପୂରଣ କରିଥାଏ ଜଳ ବା ଜଳ ଜଡ଼ିତ ଅନ୍ୟ ତରଳ ପାନୀୟ। ପାଇବାର ଇଚ୍ଛା ମଧ୍ୟ ତୃଷ୍ଣା। ଇଚ୍ଛିତ ବସ୍ତୁ ନ ପାଇଲେ ଆସେ ବିତୃଷ୍ଣା। ଶୋଷ ମେଣ୍ଟିଗଲା ପରେ ଶାନ୍ତି ଆସେ। ଅପ୍ରାପ୍ତିରେ ଅଶାନ୍ତି। କିନ୍ତୁ କେତେକ କ୍ଷେତ୍ରରେ ତୃଷ୍ଣା ବଢ଼ି ବଢ଼ି ଚାଲେ। ରକ୍ତପିଆ ବାଘ ଯେପରି ବାରମ୍ବାର ମଣିଷର ରକ୍ତ ଖୋଜେ, ସେହିପରି ମଣିଷର ମନର ତୃଷ୍ଣା କେବେ ବି ଶେଷ ହୁଏ ନାହିଁ। ଏଣୁ କୁହାଯାଏ, ଶୋଷର ନଥାଏ ଶେଷ। ଜଳ ହିଁ ଜୀବନର ଅର୍ଥ, ଜୀବନ ପାଇଁ ଜଳର ଆବଶ୍ୟକତା ହିଁ ବାରମ୍ବାର ତୃଷାର କାରଣ।

ଆଶା କରିବା ବି ତୃଷ୍ଣା ଓ କାମନା ବି ତୃଷ୍ଣା। କିନ୍ତୁ ଆଶା ଓ କାମନା ଭିତରେ ତଫାତ୍ ଅଛି। ଜୀବନଚର୍ଯ୍ୟାରେ ନିଶ୍ଚୟ କିଛି ଆଶା ରହିଥାଏ ଓ ରହିବ ମଧ୍ୟ। ଆଶା ପୂରଣ କରିବାର ପ୍ରୟାସ ହିଁ ବିକାଶର ଲକ୍ଷଣ, ସେ ବ୍ୟକ୍ତିଗତ କାରଣ ପାଇଁ ହେଉ, ଗୋଷ୍ଠୀଗତ କାରଣ ପାଇଁ ହେଉ ବା ଦେଶ ଦଶ ପାଇଁ ହେଉ। ସାଧାରଣତଃ କାମନାକୁ ହିଁ ନକାରାତ୍ମକ ଭାବେ ନିଆଯାଏ। ଯାହା କାମ୍ୟ, ତା' ବ୍ୟତିରେକେ ଯେଉଁ କାମନା କରାଯାଏ, ତାହା ହିଁ ବାସନା। ଧନ ଲୋଭ, ନାରୀ ଲୋଭ ଓ ସୁରା ଲୋଭ ଇତ୍ୟାଦି କାମନା ବାସନା ପର୍ଯ୍ୟାୟର ତୃଷ୍ଣା ନିଶ୍ଚୟ। ପୁଣି ଏହି ଲୋଭକୁ ଆମେ ତୃଷ୍ଣା ପର୍ଯ୍ୟାୟକୁ ନେଇ ଆସିବା। ଲୋଭରୁ ପାପ ଓ ପାପରୁ ମୃତ୍ୟୁ ବୋଲି ଲୋକକଥା ରହିଛି। ଏଣୁ ଅତ୍ୟଧିକ ତୃଷା ଜଡ଼ିତ ମଣିଷର ଜୀବନ ପାପମୟ ବୋଲି କହି ପାରିବା।

ତୃଷା ଏକ ବିକଳ ଅବସ୍ଥା। କଣ୍ଠ ଶୁଖିଯାଏ ଓ ଶରୀର ଆବଶ୍ୟକ କରେ ଜଳ। ଏହି ତୃଷା ମେଣ୍ଟିଗଲା ପରେ ଆରମ୍ଭ ହୁଏ ତୃଷାର ଆଉ ଏକ ଖେଳ, ଯାହାକି ନିତାନ୍ତ ଦରକାରୀ ନୁହେଁ, କିନ୍ତୁ ମଣିଷକୁ ଏକ ଅସନ୍ତୁଳିତ ଅବସ୍ଥାକୁ ନେଇଯାଏ। କୁକାର୍ଯ୍ୟ କରିବାକୁ ପ୍ରେରିତ କରାଏ। ଯେପରିକି ଯୌନ ପିପାସା। ଦେହର ଭୋକକୁ ଆମେ ଯୌନ ତୃଷ୍ଣା ବୋଲି କହି ପାରିବା। ଏଇଠୁ ଆରମ୍ଭ ହୁଏ ଅନୈତିକତା। ଯଦିଓ ଏହି ଆବଶ୍ୟକତା ପାଇଁ ବିବାହ ପରି ବିଭାଗ ଅଛି। କିନ୍ତୁ ଏହା ଜଳ ପରି ବୈଧ। ଅବୈଧ ସମ୍ପର୍କର କାହାଣୀ, ପରକୀୟା ପ୍ରୀତି ପରି ଘଟଣା ଅନୁଚିତ ତୃଷ୍ଣାର କଥା କାହାଣୀ। ଜଳ ସିନା ଶୋଷ ମେଣ୍ଟାଏ, ସୁରା କିନ୍ତୁ ଶୋଷ ବଢ଼ାଏ। ଏପରି ଶୋଷ ପ୍ରାକୃତିକ ନୁହେଁ, ଏହା ମନୁଷ୍ୟକୃତ। ମଦ୍ୟପ ହେବାର କାହାଣୀ ଏହି ଅନୁଚିତ ତୃଷା ଉପରେ ହିଁ ପର୍ଯ୍ୟବସିତ।

ସେହିପରି ଅତ୍ୟଧିକ ଧନ ଲୋଭ ମଣିଷକୁ ଏମିତି ଏକ ଦୌଡ଼ରେ ସାମିଲ୍ କରାଏ, ଯେଉଁ ଦୌଡ଼ରେ ସେ ବାଟବଣା ହେବା ସ୍ୱାଭାବିକ। ଏ ତୃଷ୍ଣା କେବେ ମେଣ୍ଟେ ନାହିଁ। ଆହୁରି ଦରକାର ବୋଲି ଏକ ଲାଳସାର ହିଁ ଉତ୍ପାତ ଚାଲିଥାଏ ମନ ଭିତରେ। ଶେଷରେ ଦୌଡ଼ି ଦୌଡ଼ି ହାଲିଆ ହେବାର ନଥାଏ, ବରଂ ବେଗ ଏତେ ଅଧିକ ହୋଇଥାଏ ଯେ ଝୁଣ୍ଟି ପଡ଼ିବାକୁ ହୁଏ ଓ ଚିତ୍‌ପଟାଙ୍ଗ ମାରେ ଏହି ଲୋଭୀ ମଣିଷ। କେତେବେଳେ ଚୋରିରେ ଯାଏ କଳାଧନ, କେତେବେଳେ ଧରପଗଡ଼ରେ ହରଣ ହୁଏ ଗଚ୍ଛିତ ସମ୍ପତ୍ତି। ତା'ହେଲେ ଶାନ୍ତି ପାଇଲା କେତେବେଳେ ମଣିଷ ? ଅଶାନ୍ତି, ଅସ୍ୱସ୍ତିରେ ହାଏ ହାଏ କରିବା ଛଡ଼ା କ'ଣ ପାଇଲା ସେ ?

ଏଥକୁ ଅନୁତାପ କରିବାର ବେଳ ଆଉ ନଥାଏ। ଅନ୍ୟମାନଙ୍କ ପାଇଁ ପାପ କରୁଥିବା ଦସ୍ୟୁ ରତ୍ନାକରମାନେ କିନ୍ତୁ ବାଲ୍ମିକୀ ହେବାର ସୁଯୋଗ ହରାଇ ସାରି ଥାଆନ୍ତି। କହିବା ବାହୁଲ୍ୟ, ଆବଶ୍ୟକତାଠାରୁ ଅଧିକ ଆହରଣ ଏହି କ୍ଷେତ୍ରରେ ବେଶ୍ ବିପଜ୍ଜନକ। ସମ୍ଭୋଗ ଯେତେବେଳେ ଏକ ବିକୃତ ମାନସିକତାର ତୃଷା ବନିଯାଏ, ସେତେବେଳେ ନର୍କର ଦ୍ୱାର ଖୋଲିଯାଏ। କେବଳ ପଶ୍ଚାତ୍ତାପର ଯନ୍ତ୍ରଣାରେ ଜଳିବା ନୁହେଁ, ବରଂ ଆତ୍ମହତ୍ୟାର ପଥ ହିଁ କେବଳ ପରିଷ୍କାର ଦେଖାଯାଏ। ପାପ କରିବା ଏକ କୁତ୍ସିତ ତୃଷ୍ଣା ନୁହେଁ କି ? ଏହା ହିଁ ତ ଆସୁରିକ ପ୍ରବୃତ୍ତି। ଏହା ମଣିଷର ମହାନତାକୁ, ଅମୃତସ୍ୟ ପୁତ୍ର ହେବାର ମହାନ ଆଖ୍ୟାକୁ କଳଙ୍କିତ କରାଏ।

ପ୍ରଶଂସା ପାଇବା ଓ ପୁରସ୍କାର ଜିତିବାର ମୋହ ଏକ ତୃଷ୍ଣା ନିଶ୍ଚୟ। କିନ୍ତୁ ଯେନତେନ ପ୍ରକାରେଣ ଏସବୁ ହାତେଇବା ହୁଏତ ନିଜ ତୃଷ୍ଣାକୁ ମେଣ୍ଟେଇ ପାରେ, ମାତ୍ର ସମାଜ ଆଗରେ ଧରା ପଡ଼ିଗଲେ ନିଶ୍ଚେ ନିନ୍ଦିତ, ଅପବାଦିତ ହେବାକୁ ପଡ଼େ। ଲୁଚିଛି ନା ଗୋଡ଼ ଦୁଇଟା ଦିଶୁଛି ନ୍ୟାୟରେ ନୀଳବର୍ଣ୍ଣ ଶୃଗାଳ ପରି ରଙ୍ଗ ଧୋଇଗଲେ ଅପବାଦର ପ୍ରହାରରେ ମାୟା ସିଂହରୁ ମଲା ଶିଆଳ ପାଲଟି ଯିବା ଥୟ। ତଥାପି ମଣିଷ ନିଜର ଅପ୍ରାକୃତିକ ତୃଷାରେ ମଗ୍ନ ରହୁଛି- କିଛି ପାଇବାକୁ ନୁହେଁ, ସବୁ କିଛି ହରାଇବାକୁ। ବାବୁରେ କେତେ ଦିନ ଏହି ଚାନ୍ଦିନୀ ରାତି...!

# ମୃଗତୃଷ୍ଣା

ଚକ୍ରବାଳରେ ମରୀଚିକାକୁ ଜଳ ବୋଲି ଭାବି ମୃଗ ଧାଉଁଥିଲା ଶୋଷ ମେଣ୍ଟେଇବାକୁ। ଯେତେଦୂର ଦୌଡୁଥାଏ, ଜଳାଧାର ଆହୁରି ଘୁଞ୍ଚି ଘୁଞ୍ଚି ଯାଉଥାଏ। ଶେଷରେ ତୃଷାର୍ତ୍ତ ମୃଗର ମୃତ୍ୟୁ ହୁଏ। ଏହା ହିଁ ତ ମୃଗତୃଷ୍ଣା! ଏହି ମୃତ୍ୟୁ ପାଇଁ ଦାୟୀ କିଏ ? ତୃଷ୍ଣା ? ନା ମରୀଚିକା ? ନିଶ୍ଚୟ ମରୀଚିକା। ଏକ ଭ୍ରମାତ୍ମକ ରୂପ ଦେଖାଉ ଥିବା ମାୟା ଜାଲରେ ପଡ଼ିଥିବା ଜୀବ। ଏଠାରେ ମୃଗର ଭୁଲ୍ କ'ଣ ? ସେ ତ ତୃଷା ମେଣ୍ଟେଇବାକୁ ପ୍ରଚେଷ୍ଟା କରିବ ନା...। ନା ନା, ଭୁଲ୍‌ଟା ଏଇଠି। ତୃଷା ମେଣ୍ଟେଇବାକୁ ଯାଇ ବିରାଟ ଜଳାଶୟର ଖୋଜ୍‌ରେ ବାହାରିବା ହିଁ ବିବେକଶୂନ୍ୟ ଜୀବର ପ୍ରୟାସ। ଆଖପାଖରେ କ୍ଷୁଦ୍ର ଜଳାଶୟ ବି ତୃଷା ନିବାରଣ କରି ପାରିବ। ଏଠାରେ ଅନ୍ୟ ଏକ ଦିଗରୁ ଦେଖିଲେ ଭ୍ରମିତ ହେବା ଏକ ଅସନ୍ତୁଳିତ ମାନସିକ ଅବସ୍ଥା।




ଅତଏବ, ବିପଦରେ ଧୈର୍ଯ୍ୟହରା ହେବା ଅନୁଚିତ। ଗପଟି ମଣିଷର କଳ୍ପନା, ଆଉ ସେହି ମଣିଷ ଫଳାଫଳ ଜାଣି ସୁଦ୍ଧା ପୁଣି ମୃଗତୃଷ୍ଣାରେ ବ୍ୟସ୍ତ। ହାତପାଆନ୍ତାରେ ନଥିବା ଜିନିଷକୁ ବେଶୀ ଲୋଭ କରେ ମଣିଷ। ଅପହଞ୍ଚ ସ୍ଥାନରେ ପହଞ୍ଚିବାକୁ ବ୍ୟସ୍ତ। ଏଠାରେ ଆକଳନ କରି ନ ପାରିବା ବା ନ କରିବା ହେଉଛି ଘାତକ ସ୍ଥିତି। ଏହା ଜଳ ଭ୍ରମର ଉପାଖ୍ୟାନ। ବେଳେବେଳେ ଦୂର କୁହୁଡ଼ି ବି ଧୂଆଁର ଭ୍ରମ ସୃଷ୍ଟି କରେ। ବାସ୍ତବରେ ସେଠାରେ ଧୂଆଁ ନଥାଏ କି ନିଆଁ ନଥାଏ। ମିଛ ଆଶା ଦେଖାଇବାରେ ମାହିର ମୃଗତୃଷ୍ଣା। ପୁଣି ଆଶାକୁ ନିରାଶାରେ ପରିବର୍ତ୍ତନ କରିବାର ମୂଳ କାରଣ ମୃଗତୃଷ୍ଣା। ଏହାର ଅର୍ଥ ନୁହେଁ ମଣିଷ ଆଶା କରିବ ନାହିଁ। ତା'ହେଲେ ତ ବଞ୍ଚିବା ବୃଥା। କୁହାଯାଇଛି- ଆଶାରେ ମଣିଷ ଜିଏଁ, ନିରାଶାରେ ଯାଏ ମରି/ କେମିତି ବଞ୍ଚିବି କୁହ, ସପନ ଆଶରା କରି !

ବନ୍ଦ ଆଖିର ସ୍ୱପ୍ନ ଯେପରି ଏକ ମୃଗତୃଷ୍ଣା, ଖୋଲା ଆଖିର ସ୍ୱପ୍ନ ନିଶ୍ଚେ ବାସ୍ତବତା। ମୃଗତୃଷ୍ଣା ହୋଇପାରେ ସ୍ୱର୍ଗର ରମ୍ଭା, ମେନକା, ପାରିଜାତ ଫୁଲ କି କୁବେର ସମ୍ପତ୍ତି ମଣିଷ ପାଇଁ। କିନ୍ତୁ ଏ ମାଟି ଉପରେ ଥିବା ସଜଫୁଲ କି ସୁନାରୁପା ତ ମୃଗତୃଷ୍ଣା ନୁହେଁ। ଅପ୍‌ସରୀକୁ କୋଳାଗ୍ରତ କରିବାର ମାନସିକତା ହିଁ ମୃଗତୃଷ୍ଣା। ଏପରିକି ବାରନାରୀର କାମନା ଏକ ଯୌନ କ୍ଷୁଧାର ମୃଗତୃଷ୍ଣା। ଅଶାନ୍ତିର ଗନ୍ତାଘର ଏସବୁର ଅପ୍ରାପ୍ତି ଓ ପ୍ରାପ୍ତି। ନିଶ୍ଚେ ଏହି ଲାଳସାରେ ବଶବର୍ତ୍ତୀ ମଣିଷ ହା ହୁତାଶରେ ଜୀବନ ଅତିବାହିତ କରେ। ସବୁଠାରୁ ବଡ଼ କଥା ହେଉଛି, ନିଜର ମନ ଓ ମସ୍ତିଷ୍କ ଉପରେ ନିୟନ୍ତ୍ରଣ ରଖିବା। କାରଣ ଏମାନେ ହିଁ ପ୍ରେରିତ କରାନ୍ତି ମୃଗତୃଷ୍ଣା ଆଡ଼କୁ। ମୃଗର ତୃଷା ଥିଲା ତା'ର ଆବଶ୍ୟକତା, କିନ୍ତୁ ମଣିଷର ଅନାବଶ୍ୟକ ତୃଷ୍ଣାରେ ବେଶୀ ମନ। ଅନୈତିକ ସମ୍ପର୍କରେ ବେଶୀ ନିଶା, ଅନ୍ୟ ଦେହର ଗନ୍ଧରେ ବେଶୀ ବାସ୍ନା ଥାଏ ବୋଲି ଧାରଣା। କିନ୍ତୁ ଏସବୁ ସୁରାଗ୍ରସ୍ତ ବା ମଦ୍ୟପର ଅପଲାପ।

ମାୟାର ପରିଭାଷା ହୁଏତ ମୃଗତୃଷ୍ଣା ହୋଇପାରେ, ମାତ୍ର ମାୟା ବିଜଡ଼ିତ ମଣିଷ ମମତା ଓ ମାୟା ଭିତରେ ବା କାମନା ଭିତରେ ଫରକ ଜାଣିପାରେ ନାହିଁ। ଯାହା ଚିରନ୍ତନ ସତ୍ୟ, ତାହା ହିଁ ମମତା ଓ ସମ୍ପର୍କ। ଆଉ ଯାହା ଅସତ୍ୟ, ତାହା ହିଁ ମାୟା। ସଂସାରିକ ବନ୍ଧନ ଏକ ମୃଗତୃଷ୍ଣା ନୁହେଁ, ମାତ୍ର ଆସୁରିକ ସମ୍ପର୍କ ଏକ ମୃଗତୃଷ୍ଣା। ଆସକ୍ତି ବୋଇଲେ ଦାରୁ, ଦାରୀ ଓ ଧନ ସମ୍ପତ୍ତିର ମୋହ ହିଁ ମୃଗତୃଷ୍ଣା। ଧାଇଁ ଧାଇଁ ମୃତ୍ୟୁ। ଆଉ କେବେ ବି ଶାନ୍ତି ମିଳିଲା ନାହିଁ। ନା ବିଶ୍ରାମ, ନା ବିଭୁ ଚିନ୍ତନ। କେବଳ ବିଷୟାସକ୍ତ ଜୀବନ।

ବିଭୁ ସତ୍ତା ଏକ ମରୀଚିକା ନୁହେଁ କି ମୃଗତୃଷ୍ଣା ନୁହେଁ। ଏହା ଏକ ଚିରନ୍ତନ ଅମୂଲ୍ୟ ତୃଷ୍ଣା। ଏହାର ସଂପୂର୍ଣ୍ଣତା ନିଶ୍ଚେ ଅପହଞ୍ଚ। କିନ୍ତୁ ଯେତିକି ପାଉଥିବ, ସେତିକି ପ୍ରଶାନ୍ତି ଲାଭ କରୁଥିବ। କାରଣ ଏଥିରେ ଏକ ମଧୁମୋହ ଅଛି, ସ୍ୱର୍ଗୀୟ ପ୍ରଶାନ୍ତି ଅଛି। ଏଠାରେ ସାର୍ଥକତା ହିଁ ଉପଲବ୍ଧ, କେବେ ହତାଶା ନୁହେଁ। ବିଷୟାସକ୍ତ ମଣିଷର ଜୀବନରେ କେବଳ ହତାଶା ହିଁ ପ୍ରାପ୍ତ ହୁଏ, ପ୍ରଶାନ୍ତି ନୁହେଁ। ଅତଏବ, ମୃଗତୃଷ୍ଣା ପରିତ୍ୟାଗ କରିବାକୁ ହେବ- ଏଇଥିପାଇଁ ଯେ ମଣିଷ ଏକ ବୋକା ମୃଗ ନୁହେଁ।

**ପୋଖରୀପୁଟ, ଭୁବନେଶ୍ୱର**
**ମୋ: ୯୩୪୮୮୯୩୭୫୨**

## ସମ୍ପାଦକଙ୍କୁ ପତ୍ର

# ସକାରାତ୍ମକ ସମ୍ବାଦକୁ ଅଧିକ ଗୁରୁତ୍ୱ ଦିଆଯାଉ

ଆଜିକାଲି ଖବରକାଗଜ ଅଥବା ବୈଦ୍ୟୁତିକ ଗଣମାଧ୍ୟମମାନଙ୍କରେ ଅଧିକ ସଂଖ୍ୟାରେ ନିତିପ୍ରତି ଘଟୁଥିବା ଦଙ୍ଗା ହଙ୍ଗାମା, ଚୋରି, ଡକାୟତି, ରାହାଜାନି, ବଳାତ୍କାର, ଲୁଣ୍ଠନ, ଅତ୍ୟାଚାର, ବ୍ୟଭିଚାର, ହିଂସା, କଳହ, ହତ୍ୟା, ରକ୍ତପାତ, ଲାଞ୍ଚ, ମିଛ, ଖଚ, ପ୍ରତାରଣା, ପ୍ରବଞ୍ଚନା, ନିର୍ଯ୍ୟାତନା ଓ ଅପରାଧ ଆଦିର ଖବର ବିସ୍ତୃତ ଶୈଳୀରେ ଏବଂ ଆକର୍ଷଣୀୟ ଢଙ୍ଗରେ ପ୍ରକାଶିତ/ ପ୍ରସାରିତ ହେବାର ଲକ୍ଷ୍ୟ କରାଯାଉଛି। ଏସବୁର ବହୁଳ ପ୍ରସାରଣ ଯୋଗୁଁ ମଧ୍ୟ ସାମାଜିକ ସ୍ତରରେ ନକାରାତ୍ମକ ପ୍ରଭାବ ବିସ୍ତାରିତ ହେବାରେ ଲାଗିଛି। ଫଳରେ ମଣିଷର ଆଚାର ବିଚାର ତଥା ଜୀବନ ଶୈଳୀରେ ଦ୍ରୁତ ପରିବର୍ତ୍ତନ ଘଟିବା ସହିତ ସମାଜ ବିଶୃଙ୍ଖଳିତ ହୋଇ ଧ୍ୱଂସ ଆଡ଼କୁ ଗତି କରୁଛି। ସମାଜରେ ଅପରାଧିକ କ୍ରିୟାକଳାପକୁ ଗୁରୁତ୍ୱ ନଦେଇ ଯେତେ ସମ୍ଭବ ପ୍ରଭାବହୀନ ଭାବେ ପରିବେଷଣ କରାଗଲେ ଏବଂ ଏହାର କୁପରିଣାମ ସମ୍ପର୍କରେ ଅଧିକ ସଚେତନ କରାଗଲେ ସେପରି ଘଟାଉ ଥିବା ବ୍ୟକ୍ତି ବେଶୀ ଉତ୍ସାହିତ ହୋଇ ପାରିବ ନାହିଁ। ବରଂ ଅପରାଧ ପ୍ରବଣତା କ୍ରମଶଃ ହ୍ରାସ ହେବ। ଏହି କାରଣରୁ ବହୁ ମାତ୍ରାରେ ସକାରାତ୍ମକ ସମ୍ବାଦ ପରିବେଷଣ ସମାଜ ପାଇଁ ହିତକାରୀ ସାବ୍ୟସ୍ତ ହୋଇ ପାରିବ। ଶିକ୍ଷା, ସଭ୍ୟତା, ସଂସ୍କାର, ସେବା, ପରୋପକାର ଆଦି କାର୍ଯ୍ୟାବଳୀ ସମ୍ପର୍କରେ ଅଧିକ ତଥ୍ୟଭିତ୍ତିକ ସମ୍ବାଦ ଖବରକାଗଜର ପୃଷ୍ଠା ମଣ୍ଡନ କରିବା କିମ୍ବା ଟେଲିଭିଜନ ଯୋଗେ ପ୍ରସାରିତ ହେବା ନିତାନ୍ତ ଜରୁରୀ। ବିଭିନ୍ନ କୃତବିଦ୍ୟମାନଙ୍କ କୃତିତ୍ୱର ଖବରଗୁଡ଼ିକୁ ବିଶଦ ଭାବେ ସ୍ଥାନିତ କରି ସମାଜ କଲ୍ୟାଣ କଳ୍ପେ ଉତ୍ସର୍ଗ କରାଯିବା ଉଚିତ୍। ମଣିଷର ସକଳ ସୁଗୁଣ, ଉତ୍ତମ ଚରିତ୍ରବତ୍ତା ଏବଂ ସୁକର୍ମ ଆଦି ସକାରାତ୍ମକ ସମ୍ବାଦଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦିଆଯାଇ ପରିବେଷଣ କରାଗଲେ ତାହା ଲୋକ କଲ୍ୟାଣକାରୀ ହୋଇ ପାରିବ।

**ଅବନୀ ଚନ୍ଦ୍ର ଦାସ, ପ୍ରଶାନ୍ତି ବିହାର, ଭୁବନେଶ୍ୱର**

# ପଶ୍ଚିମବଙ୍ଗ ଓ ଏସ୍‌ଆଇଆର୍

ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ପ୍ରମୁଖ ଉଦ୍ଦେଶ୍ୟ ହେଉଛି କେବଳ ଯୋଗ୍ୟ ଭୋଟରମାନେ ମତଦାତା ଭାବରେ ତାଲିକାରେ ରହିବାକୁ ସୁନିଶ୍ଚିତ କରିବା ପାଇଁ ଭୋଟର ତାଲିକାର ପରିଷ୍କରଣ। କିନ୍ତୁ ଏହି ଆଳରେ କେତେକ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ବାଦ୍ ପଡ଼ିବା ସ୍ପୃହଣୀୟ ନୁହେଁ। ପଶ୍ଚିମବଙ୍ଗରେ ପ୍ରାୟ ୨୭ ଲକ୍ଷ ଭୋଟରଙ୍କ ନାମକୁ 'ବିଚାର ଅପେକ୍ଷାରେ' ଦର୍ଶାଇ ମୂଳରୁ ୭.୬୬ କୋଟି ଭୋଟର ଥିବା ତାଲିକାରୁ ବାଦ୍ ଦେବା ତରବରିଆ ଭାବରେ ସମ୍ପାଦିତ ଏସ୍‌ଆଇଆର୍‌ରେ ହାରାହାରି ୧୨ ପ୍ରତିଶତ, ଯାହା ଗଣତନ୍ତ୍ରର ଆଦର୍ଶବାଦକୁ ସମ୍ପୂର୍ଣ୍ଣ ରୂପେ ବଦଳାଇବା ସହିତ ସମାନ, ଆଉ ସେଥିପାଇଁ ଏହି ପ୍ରକ୍ରିୟାକୁ ଏକ ସନ୍ଦେହାତ୍ମକ ବଳୟ ଭିତରକୁ ଠେଲି ଦେଇଛି। ସମ୍ପ୍ରତି ଏହା ସମ୍ବିଧାନର ସଂରକ୍ଷଣ, ସୁରକ୍ଷା ଏବଂ ପ୍ରତିରକ୍ଷା କରିବା ନିମନ୍ତେ ଉଦ୍ଦିଷ୍ଟ ଭାରତର ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ଏବଂ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମ୍‌କୋର୍ଟଙ୍କ ହସ୍ତକ୍ଷେପକୁ ଆହ୍ୱାନ କରୁଛି, ଯିଏ ହେଉଛନ୍ତି ସମ୍ବିଧାନର ସରକାରୀ ଭାବରେ ସ୍ୱୀକୃତ ତର୍ଜମାକାରୀ ଏବଂ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷା ପ୍ରଦାନକାରୀ, ଯଦ୍ୱାରା ଦେଶରେ ନିର୍ବାଚନୀ ପ୍ରକ୍ରିୟାର ପବିତ୍ରତାର ପୁନରୁଦ୍ଧାର କରାଯାଇ ପାରିବ। ଏହି ରାଜ୍ୟର ଜିଲ୍ଲାଗୁଡ଼ିକରେ ପ୍ରାସଙ୍ଗିକ ତଥ୍ୟଗୁଡ଼ିକ ଉପରେ ଏକ ନିରୀକ୍ଷଣକାରୀ ଦୃଷ୍ଟି ପକାଇଲେ ଦେଖିବାକୁ ମିଳେ ଯେ ବିଚାର ଅପେକ୍ଷାରେ ଉଲ୍ଲେଖ କରାଯାଇଥିବା ୬୦.୦୬ ଲକ୍ଷ ଭୋଟରଙ୍କ ମଧ୍ୟରୁ ୨୭,୧୬,୩୯୩ ଭୋଟରଙ୍କୁ ବାଦ୍ ଦିଆଯାଇଛି। ଏହା ହେଉଛି ଗତ ଡିସେମ୍ବର ମାସରେ ପ୍ରକାଶିତ ଚିଠା ତାଲିକାରୁ ମୃତ, ଅନୁପସ୍ଥିତ, ସ୍ଥାନାନ୍ତରିତ ବା ନକଲ କାରଣରୁ ବାଦ୍ ପଡ଼ିଥିବା ୫୮.୨୫ ଲକ୍ଷ ଭୋଟରଙ୍କ ସଂଖ୍ୟାଠାରୁ ଢେର୍ ଅଧିକ। ସମ୍ବିଧାନର ଧାରା ୩୨୬ ଉଲ୍ଲେଖ କରେ ଯେ 'ପ୍ରାପ୍ତବୟସ୍କମାନଙ୍କ ମତଦାନ ଆଧାରରେ ଲୋକସଭା ଏବଂ ରାଜ୍ୟମାନଙ୍କର ବିଧାନସଭାଗୁଡ଼ିକୁ ନିର୍ବାଚନ କରାଯାଇଥାଏ।' ଏହା ବିଶଦ ଭାବରେ ବୁଝାଇ ଥାଏ ଯେ କେତେକ ନିର୍ଦ୍ଦିଷ୍ଟ ବ୍ୟତିକ୍ରମ ସହିତ ଯେ କୌଣସି ବ୍ୟକ୍ତି, ଯିଏକି ଭାରତର ନାଗରିକ ହୋଇଥିବେ ଏବଂ ଯିଏ ୧୮ ବର୍ଷ ବୟସରୁ କମ୍ ବୟସର ହୋଇ ନଥିବେ, ସେ ଜଣେ ଭୋଟର ଭାବରେ ପଞ୍ଜିକୃତ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ। ସମ୍ବିଧାନର ଧାରା ୩୨୪(୧) ରାଜ୍ୟ ବିଧାନସଭା ଏବଂ ସଂସଦ ପାଇଁ ହେଉଥିବା ନିର୍ବାଚନଗୁଡ଼ିକ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତ କରିବାର ତଦାରଖ, ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣକୁ ନିର୍ବାଚନ କମିଶନ (ଇସି)ଙ୍କ ଉପରେ ନ୍ୟସ୍ତ କରିଥାଏ।

ତେବେ ସେମାନଙ୍କର କୌଣସି ଦୋଷ ନଥାଇ ନାଗରିକମାନଙ୍କ ନାମକୁ ଭୋଟର ତାଲିକାରୁ ବାଦ୍ ଦେଇ ତଦ୍ୱାରା ଚଳିତ ମାସରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରିବାକୁ ଏବଂ ମତଦାନ କରିବାକୁ ଏକ ସୁଯୋଗ ଦେବାକୁ ମନା କରି ଇସି ସାର୍ବଜନୀନ ସାବାଳକ ମତଦାନ ବ୍ୟବସ୍ଥା ସମ୍ପର୍କରେ ଏକ ଗୁରୁତର ପ୍ରଶ୍ନ ସୃଷ୍ଟି କରିଛନ୍ତି। ଆହୁରି ମଧ୍ୟ ଏସ୍‌ଆଇଆର୍‌ରେ ହୋଇଥିବା ତ୍ରୁଟିର ସଂଶୋଧନ ନିମନ୍ତେ ଇସି ଯେଉଁ ଅସମ୍ଭବ ସମୟ ସୀମା ଧାର୍ଯ୍ୟ କରିଛନ୍ତି, ତାହା ସନ୍ଦେହାସ୍ପଦ। ଫେବୃଆରୀ ୨୮ ତାରିଖରେ ଇସି ପ୍ରାୟ ୯୨ ଲକ୍ଷ ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ଏକ ଚିଠା ଭୋଟର ତାଲିକା ପ୍ରକାଶ କଲେ, ଯେତେବେଳେ କି ଏହା ଏପ୍ରିଲ-ମେ' ମାସରେ ନିର୍ବାଚନୀ କାର୍ଯ୍ୟସୂଚୀ ପାଇଁ ତରବର ହେଉଥିଲେ। ଏହି ତାଲିକାରେ 'ତାର୍କିକ ଅସଙ୍ଗତି' ଭାବରେ କୁହାଯାଉଥିବା ଏକ ସନ୍ଦେହାସ୍ପଦ ଶବ୍ଦ ଅନୁସାରେ ସେମାନଙ୍କର ନାମ ବାଦ୍ ପଡ଼ିଥିବା ଯୋଗୁଁ ପ୍ରାୟ ୬୦ ଲକ୍ଷ ଲୋକ ସେମାନଙ୍କର ଇସିଙ୍କ ନିକଟରେ ପ୍ରତିବାଦ ପଞ୍ଜିକରଣ କଲେ। 'ତାର୍କିକ ଅସଙ୍ଗତି' କାରଣରୁ ବାଦ୍ ପଡ଼ିଥିବା ଭୋଟରମାନଙ୍କ ନାମ ବିରୁଦ୍ଧରେ ହୋଇଥିବା ଆବେଦନ ଉପରେ ଶୁଣାଣି କରିଥିବା ସୁପ୍ରିମ୍‌କୋର୍ଟ ଇସିଙ୍କ ଦ୍ୱାରା ଦର୍ଶା ଯାଇଥିବା ଯୁକ୍ତିରେ ପ୍ରଭାବିତ ହୋଇ ନଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଭାରତୀୟ ବାସ୍ତବତା ଏବଂ ଇସିଙ୍କ କହିବା କଥା ମଧ୍ୟରେ ତାଳମେଳ ରହୁନାହିଁ। ତେବେ ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ କମିଶନଙ୍କୁ ଏହି ପ୍ରକ୍ରିୟାରେ ଆଗେଇବା ନିମନ୍ତେ ଅନୁମତି ପ୍ରଦାନ କଲେ।

ମଜାର କଥା ହେଉଛି, ଇସିଙ୍କୁ ତାଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏକ ଆପାତତଃ ନିୟମିତ ପ୍ରଶାସନିକ ପ୍ରକ୍ରିୟା ହୋଇଥିବା କାର୍ଯ୍ୟକୁ ଶେଷ କରିବା ପାଇଁ ଅବସରପ୍ରାପ୍ତ ନ୍ୟାୟିକ ଅଧିକାରୀମାନଙ୍କୁ ନିୟୋଜିତ କରିବାକୁ ଇସିଙ୍କର ମାର୍ଗଦର୍ଶକ ଭାବରେ ନିର୍ଦ୍ଦେଶ ଦେଇ ଏହି ପ୍ରକ୍ରିୟାର ଏକ ଅଂଶ ହୋଇଗଲେ। ବସ୍ତୁତଃ, ଏହା ନାମ ବାଦ୍ ପଡ଼ିଥିବା ବିରୁଦ୍ଧରେ ହୋଇଥିବା ଅଭିଯୋଗଗୁଡ଼ିକର ସମାଧାନ କରିବା ପାଇଁ ଇସିଙ୍କୁ ସାହାଯ୍ୟ କରିଥିଲା। ତେବେ 'ବିଚାର ଅପେକ୍ଷାରେ' ରହିଥିବା ତାଲିକାରେ ଥିବା ୨୭ ଲକ୍ଷ ଲୋକ, ଯେଉଁମାନଙ୍କର ବାଦ୍ ପଡ଼ିଥିବା କାରଣରୁ ପଞ୍ଜିକରଣ ଅଧିକାରୀମାନଙ୍କ ନିକଟରେ ଆବେଦନ କରିବାର ଅଧିକାର ରହିଛି, ସେମାନେ ଭୋଟର ତାଲିକାରେ ସେମାନଙ୍କର ନାମ ସାମିଲ କରିବାକୁ ଅସମର୍ଥ ହେଲେ। ଆବେଦନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ସେମାନଙ୍କର ଅଭିଯୋଗଗୁଡ଼ିକର ସମାଧାନ ଅପେକ୍ଷାରେ ଯେଉଁ ଲୋକମାନେ ରହିଛନ୍ତି, ସେମାନଙ୍କ ଦାବିଗୁଡ଼ିକର କିଛି ନିଷ୍କର୍ଷ ବାହାର ନ କରି ଇସି ଯଦି ନିର୍ବାଚନ କାର୍ଯ୍ୟ ଶେଷ କରିବା ପଥରେ ଆଗେଇ ଯାଆନ୍ତି, ତା'ହେଲେ ତାହା ହେବ ସର୍ବାଧିକ କଦର୍ଯ୍ୟ ଧରଣର ପ୍ରହେଳିକା। ଯଦି ଜଣେ ନାଗରିକଙ୍କୁ ଭୋଟର ତାଲିକାରୁ ବାଦ୍ ଦେବାକୁ ଇସି ଚାହାନ୍ତି, ତା'ହେଲେ ସେ ବାବଦରେ ପ୍ରମାଣର ବୋଝ ଇସିଙ୍କ ଉପରେ ରହିବ, ଏବଂ ଅନ୍ୟ କାହା ଉପରେ ନୁହେଁ। ଲୋକମାନଙ୍କୁ ସେମାନଙ୍କର ନାମ କାହିଁକି ପୁନର୍ବାର ତାଲିକାକୁ ଫେରାଇ ଅଣାଯିବ, ତାହା ପଚରା ଯିବା ସ୍ୱାଭାବିକ ନ୍ୟାୟ ଏବଂ ବାଧ୍ୟତାମୂଳକ ସାମ୍ବିଧାନିକ ବ୍ୟବସ୍ଥାକୁ ପ୍ରଦାନ କରିବା ନିମନ୍ତେ ମନା କରାଯିବା ସହିତ ସମାନ। ତେଣୁ ରାଷ୍ଟ୍ରପତି ଏବଂ ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରିବା ଉଚିତ ଏବଂ ଏହା ସୁନିଶ୍ଚିତ କରିବା ଉଚିତ ଯେ ପ୍ରତ୍ୟେକ ଭାରତୀୟ ନାଗରିକଙ୍କୁ ତାଙ୍କର ମତଦାନ କରିବାର ସାମ୍ବିଧାନିକ ଅଧିକାର ପ୍ରଦାନ କରାଯିବାକୁ ମନା କରାଯାଉ ନାହିଁ, କାରଣ ନିର୍ବାଚନ ସହିତ ସମ୍ପୃକ୍ତ ନିର୍ବାଚନ କମିଶନ ତାଙ୍କର କାର୍ଯ୍ୟକୁ ପେସାଦାର ଢଙ୍ଗରେ ସମ୍ପନ୍ନ କରିବାରେ କ୍ୱଚିତ୍ ସମର୍ଥ ହେଉଛନ୍ତି।

# ମୁଁ ଥରୁଟିଏ ଆସେ

ସାରା ଜୀବନ ପାଇଁ ସେ ମାତ୍ର ଥରୁଟିଏ ଆସନ୍ତି। ଅନ୍ୟମାନେ ହୁଏତ ଆସି ପାରନ୍ତି, କିନ୍ତୁ ସେ ଆସନ୍ତି ନାହିଁ। ଭଗବାନଙ୍କ ନିକଟକୁ ଭକ୍ତ ଅନେକ ଥର ଆସିପାରେ। ଭଗବାନ ଭକ୍ତ ନିକଟକୁ ମଧ୍ୟ ବହୁ ଥର ଆସି ପାରନ୍ତି। ସମ୍ପର୍କୀୟମାନେ ମଧ୍ୟ କେତେ ଥର ଆସିବାର ସୁଯୋଗ ପାଆନ୍ତି। ମାତ୍ର ସେ ଥରୁଟିଏ ଆସନ୍ତି। ତାଙ୍କ ଆସିବାକୁ ଆମେ ଜାଣୁ। ବୁଝୁ। ମାତ୍ର ଉପଯୋଗ କରି ପାରୁନା। ଚାଲିଗଲା ପରେ ଭାବିହେଉ। ଆସିଥିଲା। ଚାଲିଗଲା ! ସେ ଆଉ କେହି ନୁହେଁ; ସମୟ। ସମୟ ଆମ ପାଇଁ ମାତ୍ର ଥରୁଟିଏ ଆସେ। ସେ ଅପେକ୍ଷା କରେନା। ବରଂ ଆମେ ତାକୁ ଅପେକ୍ଷା କରିଥାଉ। ସେଥିପାଇଁ ମହାମନୀଷୀମାନେ କହନ୍ତି- 'ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରନ୍ତି ନାହିଁ।' ସମୟକୁ କିପରି ଉପଯୋଗ କରିବା, ତାହା ଆମ ଉପରେ ନିର୍ଭର କରେ। ସବୁବେଳେ ପାଖେ ପାଖେ ରହି କେହି ଶିଖାଇ ଦିଅନ୍ତି ନାହିଁ କେତେବେଳେ କେଉଁ କାମ କରିବାକୁ ହେବ। ନିଜର ବୁଦ୍ଧି ଖର୍ଚ୍ଚ କରି ସମାଜରେ ଚଳିବାକୁ ହୁଏ।

ଜଙ୍ଗଲ ଭିତରେ ଗାଁ। ଜଣେ ଲୋକ ଅତ୍ୟନ୍ତ ଅସୁସ୍ଥ ହୋଇ ପଡ଼ିଲେ। ବୈଦ୍ୟ ସେ ଲୋକର ପୁଅକୁ କହିଲେ- 'ଏଇ କାଗଜ ନିଅ। ଏଥିରେ ଲେଖା ଥିବା ଜିନିଷ ଦଶ ମିନିଟ୍ ଭିତରେ ହାଟରୁ ଆଣି ପହଞ୍ଚାଅ। ତା' ହେଲେ ତୁମ ବାପା ଭଲ ହେବେ। ନହେଲେ ବାପାଙ୍କୁ ଆଉ ପାଇବ ନାହିଁ।'

ପଦାରବିନ୍ଦ

ପିଲାଟି ଖୁବ୍ ତରବରରେ ବାହାରି ପଡ଼ିଲା। କିଛି ବାଟ ଯିବା ପରେ ଦେଖିଲା ରାସ୍ତା କଡ଼ରେ ଲୋକମାନେ ଜମା ହୋଇଛନ୍ତି। କୌତୂହଳବଶତଃ ଟିକିଏ ଅଟକି ଗଲା। ଜାଣିଲା, ସେଇଠି ହୀରା ଖଣ୍ଡେ ପଡ଼ିଛି। ଲୋକମାନେ ତାକୁ ପରସ୍ପର ଭିତରେ ବାଣ୍ଟିକରି ନେବେ। ସେହି ଲୋକଙ୍କ ସହିତ ଧାଡ଼ିରେ ଠିଆ ହେଲେ ହୀରାରୁ ଖଣ୍ଡେ ମିଳିବ। ନହେଲେ ନାହିଁ। ପିଲାଟି ଜାଣିଥିଲା ହୀରା ହେଉଛି ମୂଲ୍ୟବାନ ଧାତୁ। ତାକୁ ଥରେ ଯିଏ ପାଇଯାଏ ଏବଂ ତା'ର ସଠିକ୍ ଉପଯୋଗ କରେ, ତା' ଦାରିଦ୍ର୍ୟ ଦୂର ହୋଇଯାଏ। ବିଚରା ପିଲାଟି ଦ୍ୱନ୍ଦ୍ୱରେ ପଡ଼ିଗଲା। ଗୋଟିଏ ପାଖରେ ହୀରା ଭଳି ମୂଲ୍ୟବାନ ପଥର, ଅନ୍ୟ ପାଖରେ ବାପାଙ୍କ ଜୀବନ। ବାପାଙ୍କର ମୃତ୍ୟୁ ହେଲେ ଆଉ ପାଇବ ନାହିଁ। ପୁଣି ହୀରାକୁ ହାତ ପାଆନ୍ତାରୁ ହରାଇଲେ ଆଉ ମଧ୍ୟ ମିଳି ନପାରେ। ବାପା ଜିଇଁ ରହିବା ପାଇଁ ସମୟ ମାତ୍ର ଦଶ ମିନିଟ୍। ହୀରା ପାଇଁ ମାତ୍ର କୋଡ଼ିଏ ମିନିଟ୍ ଅପେକ୍ଷା କରିବାକୁ ହେବ। ଘରୁ ଔଷଧ ଦେଇ ଫେରିଲା ବେଳକୁ ହୀରା ନଥିବ। କିନ୍ତୁ ପିଲାଟି ପ୍ରଥମେ ଔଷଧ ନେଇ ପହଞ୍ଚିଲା ଘରେ। ଔଷଧ ଖାଇଲା ପରେ ଲୋକଟି ଉଠି ବସିଲା। ଆଉ କହିଲା- ଆଜି ମୋ ପୁଅ ଜିତି ଯାଇଛି। ଯେଉଁ କାମରେ ଯାଇଥିଲା, ସେ କାମଟିକୁ ପ୍ରଥମେ ଗୁରୁତ୍ୱ ଦେଇଛି। ଗୋଟିଏ ଜୀବନ ବଦଳରେ ହୀରାକୁ ତୁଚ୍ଛ ମନେ କରିଛି। ମଣିଷ ହୀରା ବାଣ୍ଟୁଥିଲା। ଜୀବନ ଦିଅନ୍ତି ପରମାତ୍ମା। ପରୀକ୍ଷା ତ ଅନେକ ଥର ଆସେ। କିନ୍ତୁ ସମୟ ଥରେ ମାତ୍ର ଆସେ। ତେଣୁ ଚତୁର ଓ ବୁଦ୍ଧିଆ ମଣିଷ ସମୟ ଓ ପରିସ୍ଥିତି ଦେଖି କାମ କରିନିଏ।

## ଟାଙ୍ଗିସାହିରେ ୭ ଦଣ୍ଡଙ୍କ ମହାମେଳଣ



**ବୋଲଗଡ଼,୧୦।୪/ଏନ୍ଏନ୍ଏସ୍:** ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗିସାହି ଗ୍ରାମରେ ଶୁକ୍ରବାର ୭ ଦଣ୍ଡ ଠାକୁରଙ୍କ ଏକ ଭବ୍ୟ ମହାମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର କାଳେ ବୁଧିବାମନ ସ୍ବାଇଁଙ୍କ ପରିବାର ପକ୍ଷରୁ ମାନସିକ ପୂରଣ ନିମନ୍ତେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ଶତାଧିକ ଦଣ୍ଡୁଆ ଓ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ। ଓଡ଼ିଶାର ପୁରପଲ୍ଲୀରେ ଚୈତ୍ର ମାସର ଶ୍ରୀରାମ ନବମୀଠାରୁ ପାଳିତ ହେଉଥିବା ଏହି ପ୍ରସିଦ୍ଧ ଦଣ୍ଡ ପର୍ବରେ ଦଣ୍ଡୁଆମାନେ ଅତ୍ୟନ୍ତ ନିଷ୍ଠାର ସହ ବ୍ରତ ପାଳନ କରୁଛନ୍ତି। ପାଞ୍ଜି ନିର୍ଦ୍ଧାରିତ ସମୟ ଅନୁଯାୟୀ, ଅର୍ଦ୍ଧରାତ୍ରିରେ ମା' ଦଣ୍ଡକାଳୀଙ୍କୁ କୋଠି ମଧ୍ୟରୁ ନେଇ ପୁଷ୍କରିଣୀରେ ମହାସ୍ନାନ ଓ ପବିତ୍ର ପାଣି ତୋଳା ପରେ ପୂଜା ନୀତି ଆରମ୍ଭ ହୋଇଥାଏ। ମାନସିକଧାରୀ ଦଣ୍ଡୁଆମାନେ ଦିବା ରାତ୍ରି ଉପବାସ ରହି କେବଳ ସନ୍ଧ୍ୟାରେ ପଣା ସେବନ କରି ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଏହି କଠିନ ବ୍ରତ ଜାରି ରଖିଥାନ୍ତି। ଏହି ଅବସରରେ ଦିବ୍ୟସିଂହପୁର, ସଂପୁର, ଫିରିଫିରା ପାଟଣା, କୁମୁଟିସାହି, ଗୋଡ଼ଭଙ୍ଗା, ହାଟସାହି ଓ ଟାଙ୍ଗିସାହି ଗ୍ରାମର କୋଠି ମାନଙ୍କରୁ ୭ ଦଣ୍ଡଙ୍କ ମେଳଣ ଅନୁଷ୍ଠିତ ହୋଇଥିଲା। ପୂଜକ ବିରଞ୍ଚି କୁମାର ପଣ୍ଡାଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇଥିବା ବେଳେ ଘଣ୍ଟ, ଘଣ୍ଟା ଓ ବାଦ୍ୟର ତାଳେ ତାଳେ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ

**ମାହାଙ୍ଗା,୧୦।୪/ଏନ୍ଏନ୍ଏସ୍:** ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଶୁକ୍ରବାର ନିଜ ନିର୍ବାଚନ ମଣ୍ଡଳୀ ଗସ୍ତ କରି ବିଭିନ୍ନ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ପ୍ରଧାନ ପ୍ରଥମେ ହଳଦିଆ ପଞ୍ଚାୟତ ଗସ୍ତ କରି ଏରକଣାଠାରୁ ପଞ୍ଚୁପାଣ୍ଡବ ଗ୍ରାମ୍ୟ ଉନ୍ନୟନ ରାସ୍ତାର ଶିଳାନ୍ୟାସ କରିଥିଲେ। ଏହାପରେ ସେ ବରାହୀପୁର ପଞ୍ଚାୟତର ବୁଢ଼ାବନ୍ଧ ଗ୍ରାମ୍ୟ ଉନ୍ନୟନ ପଥ ଏବଂ ଗୋକନ ପଞ୍ଚାୟତର ଅଳିଅରାଠାରୁ ଗୋକନ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ଶୁଭ ଉଦ୍‌ଘାଟନ କରିଥିଲେ।

ଏହି ଶିଳାନ୍ୟାସ ଅବସରରେ ଆୟୋଜିତ ଏକ ସାଧାରଣ ସଭାରେ ବିଧାୟକ ଶ୍ରୀ ପ୍ରଧାନ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଏହି ରାସ୍ତାଗୁଡ଼ିକର ନିର୍ମାଣ ଦ୍ୱାରା ହଳଦିଆ, ବରାହୀପୁର ଓ ଗୋକନ ସମେତ ଆଖପାଖ ଅନେକ ପଞ୍ଚାୟତର ଜନସାଧାରଣଙ୍କ ଗମନାଗମନ ସୁବିଧା ହୋଇପାରିବ। ଏଥିସହ ସେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିତେନ୍ଦ୍ର ଶତପଥୀ, ସମିତି ସଭ୍ୟ ମନୋରଞ୍ଜନ



ନାୟକ, କିଶୋର ରାଉତ, ଭକ୍ତଚରଣ ସ୍ବାଇଁ, ନିର୍ମଳ ରାଉତ, ଅରୁଣ ସେଠୀ, ମନୋରଞ୍ଜନ ବିଶ୍ୱାଳ, ପ୍ରକାଶ ନାୟକ, ଏକାଦଶୀ ପ୍ରଧାନ, ସନ୍ତୋଷ ନାୟକ, ଆଇନଜୀବୀ ଗୌତମ ଶତପଥୀ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରଞ୍ଜନ ମହାନ୍ତି, ଦୁର୍ଗାପ୍ରସାଦ ସାହୁ, ହରେକୃଷ୍ଣ ସାହୁ, ଧନେଶ୍ୱର ସ୍ବାଇଁ, ସୁରେଶ ମହାନ୍ତି, କମଳାକାନ୍ତ ରାଉତ, ମହେନ୍ଦ୍ର ବେହେରା, ଜ୍ୟୋତିଷ ଚନ୍ଦ୍ର ନାୟକ, ଅମୀୟ ରଞ୍ଜନ ପ୍ରଧାନ, ଉମାକାନ୍ତ ସ୍ବାଇଁ ଓ ଅନିଲ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଜନସାଧାରଣ ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଦଶପଲ୍ଲା ମହୋତ୍ସବ 'କୁଆଁରିଆ' ଉଦ୍‌ଘାଟିତ




**ଦଶପଲ୍ଲା,୧୦।୪/ଏନ୍ଏନ୍ଏସ୍:** ଐତିହାସିକ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ସମାପ୍ତି ପରେ ଏବେ ଉତ୍ସବମୁଖର ହୋଇଉଠିଛି ଦଶପଲ୍ଲା ସହର। ବହୁ ପ୍ରତୀକ୍ଷିତ ଦଶପଲ୍ଲା ମହୋତ୍ସବ 'କୁଆଁରିଆ' ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ।

ଏହି ଅବସରରେ ଆୟୋଜିତ ସଭାରେ ଶାସକ ଦଳ ମୁଖ୍ୟ ସଚେତକ ତଥା ବିଧାୟକ ସରୋଜ କୁମାର ପ୍ରଧାନ ବିଶିଷ୍ଟ ଅତିଥି, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଏନଏସି ଅଧ୍ୟକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ଲଙ୍କାପୋଡ଼ି ଯାତ୍ରା କମିଟି ସମ୍ପାଦକ ସୂର୍ଯ୍ୟମଣି ଦାସ ଏବଂ ମହୋତ୍ସବ କମିଟି ସମ୍ପାଦକ କିଶୋର ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦଶପଲ୍ଲାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରି ଅତିଥିମାନେ କହିଥିଲେ ଯେ, ଶ୍ରୀକ୍ଷେତ୍ରର ରଥ ନିର୍ମାଣ ପାଇଁ ଦଶପଲ୍ଲା ଜଙ୍ଗଲରୁ କାଠ ଯୋଗାଇବା ପରମ୍ପରା ଏହି ମାଟିକୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଥିସହ ବ୍ୟାସକବି ଫକୀର ମୋହନ, ବିପ୍ଳବୀ ଗୋବିନ୍ଦ ଚନ୍ଦ୍ର ମିଶ୍ର, ନାଟ୍ୟକାର ରାମଚନ୍ଦ୍ର ମିଶ୍ର ଓ କବି ଯଦୁମଣିଙ୍କ ଭଳି ବରପୁତ୍ରଙ୍କ ସ୍ମୃତି ଚାରଣ କରାଯାଇଥିଲା। ମହୋତ୍ସବର ପ୍ରଥମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ଜମିଥିଲା। ଅଭିନେତା ସନ୍ଦୀପ ଆଚାର୍ଯ୍ୟ, ଅଭିନେତ୍ରୀ ପାୟଲ ଓ ହାସ୍ୟ ଅଭିନେତା ଚେଷ୍ଟାଙ୍କ ଉପସ୍ଥିତି ଦର୍ଶକଙ୍କୁ ବେଶ୍ ମନ୍ତ୍ରମୁଗ୍ଧ କରିଥିଲା। ଏଥିସହ ତୁସୁରାର ଘୁଡୁକି ନାଚ ଓ ସଙ୍ଗମ ଡ୍ୟାନ୍ସ ଗ୍ରୁପର ପ୍ରଦର୍ଶନ ମହୋତ୍ସବର ଶୋଭା ବଢ଼ାଇଥିଲା। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ପାଲିଶ୍ରୀ ମେଳା ମଧ୍ୟ ଉଦ୍‌ଘାଟିତ ହୋଇଛି।

## ଷ୍ଟାର୍ଟଅପ୍ ସଚେତନତା ଶିବିର




**ଓଡ଼ଗାଁ,୧୦।୪/ଏନ୍ଏନ୍ଏସ୍:** ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ନିର୍ଦ୍ଦେଶାନୁଯାୟୀ ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳସ୍ଥିତ ଦଧିବାମନ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଏକ ଷ୍ଟାର୍ଟଅପ୍ ଓ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱୟଂରୋଜଗାର, ଉଦ୍ୟମିତା ଓ ଆର୍ଥିକ ସ୍ୱାଧୀନତା ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି ଶିବିରର ମୂଳ ଉଦ୍ଦେଶ୍ୟ ଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଭାବଗ୍ରାହୀ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ଗାଁ ଇ-ଲର୍ଣ୍ଣିଂ କେନ୍ଦ୍ରର ଅଧ୍ୟକ୍ଷ ସର୍ବେଶ୍ୱର ସ୍ବାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରକୃତିବନ୍ଧୁ ସୁକାନ୍ତ ଚୌଧୁରୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଷ୍ଟାର୍ଟଅପ୍ ଜଗତର ବିଭିନ୍ନ ଦିଗ ସମ୍ବନ୍ଧରେ ଅବଗତ କରାଇଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ ଯେ, ଆଜିର ଯୁବପିଢ଼ି କେବଳ ଚାକିରି ପଛରେ ନଗୋଡ଼ାଇ ନିଜେ ଉଦ୍ୟମୀ ହୋଇ ଅନ୍ୟମାନଙ୍କୁ ରୋଜଗାର ଦେବାରେ ସମର୍ଥ ହେବା ଆବଶ୍ୟକ। ଡିଜିଟାଲ ଯୁଗରେ ଅନ୍ଲାଇନ୍ ବ୍ୟବସାୟ, ଇ-ଲର୍ଣ୍ଣିଂ ଓ ନୂତନ ଜ୍ଞାନକୌଶଳର ଉପଯୋଗ କରି କିପରି ଅଳ୍ପ ପୁଞ୍ଜିରେ ବଡ଼ ସଫଳତା ପାଇହେବ, ସେ ବିଷୟରେ ସେ ଉଦାହରଣ ସହ ବୁଝାଇଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପକ ଅବନୀକାନ୍ତ ପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ଆଗ୍ରହ ସହ ସାମିଲ ହୋଇ ବିଭିନ୍ନ ପ୍ରଶ୍ନ ମାଧ୍ୟମରେ ନିଜର ଜିଜ୍ଞାସା ଦୂର କରିଥିଲେ। ଶେଷରେ ଜାତୀୟ ସେବା ଯୋଜନା (ଘଝଝ) କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ବିଜୟାନନ୍ଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କୁ ଆତ୍ମନିର୍ଭରଶୀଳ ହେବା ପାଇଁ ପ୍ରେରଣା ଯୋଗାଇବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ନାଚୁଣୀ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ



**ଚିଲିକା,୧୦।୪/ଏନ୍ଏନ୍ଏସ୍:** ନାଚୁଣୀ ମହାବିଦ୍ୟାଳୟରେ ଚଳିତ ଓଡ଼ିଆ ପକ୍ଷ ବିଭିନ୍ନ ଦିବସର ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ପାଳିତ ହୋଇଯାଇଛି। ଆଜି ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ସୁନୀଲ କୁମାର ପଟ୍ଟନାୟକଙ୍କର ସଭାପତିତ୍ୱରେ ଏକ ସଭା ମହାବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଭାର ପ୍ରାରମ୍ଭରେ ଅତିଥିମାନେ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ଚିଲିକା ବିଧାୟକ ଡାକ୍ତର ବିଭୁତି ଭୂଷଣ ହରିଚନ୍ଦନ ମୁଖ୍ୟଅତିଥି, ନାଚୁଣୀ ମହାବିଦ୍ୟାଳୟର ପ୍ରକ୍ତନ ଅଧ୍ୟକ୍ଷ ପ୍ରଫେସର ରାଜକିଶୋର ସାହୁ ମୁଖ୍ୟବକ୍ତା, ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଦୁଷ୍ମନ୍ତ ହରିଚନ୍ଦନ ଓ ନାଟ୍ୟକାର ଭିକାରୀ ଚରଣ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ, ଓଡ଼ିଆ ଲୋକକଳା, ଐତିହ୍ୟ ଓ ଓଡ଼ିଆ ବରପୁତ୍ର ମାନଙ୍କ ଉପରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ପ୍ରାଣୀ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଗୋଲକ ବିହାରୀ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଦିବସ ରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଜିତ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ଶାସ୍ତ୍ରୀୟ ଓଡ଼ିଶୀ ଓ ସମ୍ବଲପୁରୀ ଲୋକନୃତ୍ୟ ପରିବେଷିତ ହୋଇଥିଲା। ଶେଷରେ ଅଧାପିକା ସୁଭଦ୍ରା ଭୋଳ ଧନ୍ୟବାଦ୍ ଦେଇଥିଲେ।

## ତରାସାହି ଚିକିତ୍ସାଳୟରେ ବିଶ୍ୱ ହୋମିଓପାଥି ଦିବସ

**ଅସ୍ତରଙ୍ଗ,୧୦।୪/ଏନ୍ଏନ୍ଏସ୍:** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତରାସାହିସ୍ଥିତ ସରକାରୀ ହୋମିଓପାଥି ଚିକିତ୍ସାଳୟ ପରିସରରେ ଶୁକ୍ରବାର 'ବିଶ୍ୱ ହୋମିଓପାଥି ଦିବସ' ପାଳିତ ହୋଇଯାଇଛି। ହୋମିଓପାଥିର ଜନକ ଡାକ୍ତର ସାମୁଏଲ ହାନିମ୍ୟାନଙ୍କ ୨୭୧ତମ ଜନ୍ମଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ 'ସ୍ଥାୟୀ ସ୍ୱାସ୍ଥ୍ୟ ପାଇଁ ହୋମିଓପାଥି' ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପ୍ରାରମ୍ଭରେ ଡାକ୍ତର ହାନିମ୍ୟାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଚିକିତ୍ସା ଅଧିକାରୀ ଡାକ୍ତର ବିଜୟା ଲକ୍ଷ୍ମୀ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ତରାସାହି ଗ୍ରାମ ପଞ୍ଚାୟତର ସରପଞ୍ଚ ରାଜକିଶୋର ବେହେରା ଯୋଗଦେଇ ଗ୍ରାମାଞ୍ଚଳରେ ସୁଲଭ ସ୍ୱାସ୍ଥ୍ୟସେବା ଯୋଗାଇବାରେ ହୋମିଓପାଥିର ଗୁରୁତ୍ୱପୂର୍ଣ୍ଣ ଅବଦାନ ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଯଯାତି କେଶରୀ ବିଶ୍ୱାଳ ଉପସ୍ଥିତ ରହି ଚିକିତ୍ସାଳୟର ବିକାଶ ଉପରେ ଆଲୋକପାତ କରିଥିଲେ।




## ଆଇନଜୀବୀ ସୁଶାନ୍ତ ରଥଙ୍କୁ 'ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନ'



**ସାକ୍ଷୀଗୋପାଳ,୧୦।୪/ଏନ୍ଏନ୍ଏସ୍:** ସତ୍ୟବାଦୀ ଅଞ୍ଚଳର ଆଇନଜୀବୀ ତଥା ସାମାଜିକ କର୍ମୀ ସୁଶାନ୍ତ କୁମାର ରଥଙ୍କୁ ସମ୍ମାନଜନକ 'ଗଙ୍ଗାଧର ମହାପାତ୍ର ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଛି। ପୁରୀ ସଂସ୍କୃତି ଭବନଠାରେ ଆୟୋଜିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଖ୍ୟାତ ଆଇନଜୀବୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଗଙ୍ଗାଧର ମହାପାତ୍ରଙ୍କ ବିଂଶତମ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ ଅବସରରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଶ୍ରୀ ରଥ ରକ୍ତଦାନ, ବ୍ୟାପକ ବୃକ୍ଷରୋପଣ, ଶିଶୁଙ୍କ ମଧ୍ୟରେ ଭଗବତ ଗୀତାର ପ୍ରଚାର ଏବଂ ନିଶା ନିବାରଣ କ୍ଷେତ୍ରରେ ନିଜକୁ ନିୟୋଜିତ ରଖିଛନ୍ତି। ବିଶେଷକରି ସତ୍ୟବାଦୀରେ ବିଚାର ବିଭାଗ ଅଦାଲତ ପ୍ରତିଷ୍ଠା ପାଇଁ ସେ କରିଥିବା ଦୀର୍ଘ ସଂଗ୍ରାମ ତାଙ୍କୁ ଜଣେ ଆଗଧାଡ଼ିର ସମାଜସେବୀ ଭାବେ ପରିଚୟ ଦେଇଛି। ତାଙ୍କର ଏହି ନିସ୍ୱାର୍ଥପର ଅବଦାନ ପାଇଁ ସ୍ମୃତି କମିଟି ପକ୍ଷରୁ ତାଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ରାଜ୍ୟ ବାର୍ କାଉନସିଲ୍ ଅଧ୍ୟକ୍ଷ ଶିତାଂଶୁ ମୋହନ ଦ୍ୱିବେଦୀ, ଅନୁଷ୍ଠାନର ସଭାପତି ଡ. ନୀଳକଣ୍ଠ ପତି ଓ ଉଚ୍ଚ ନ୍ୟାୟାଳୟର ଆଇନଜୀବୀ ଉମାବଲ୍ଲଭ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

**କଣ୍ଟାପଡ଼ା,୧୦।୪/ଏନ୍ଏନ୍ଏସ୍:** କୁରାଳ ଶାସନ ପଞ୍ଚାୟତ ଅନ୍ତର୍ଗତ ବଡ଼ଜରିଲୋଠାରେ ଥିବା ଶିଶୁ ବିକାଶ ବିଦ୍ୟାମନ୍ଦିରର ତୃତୀୟ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ସଭାପତି ଦୀପକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ଅତିଥିମାନେ ଶିକ୍ଷା ଓ ଶିଶୁର ସର୍ବାଙ୍ଗୀନ ବିକାଶ ଉପରେ ଆଲୋକପାତ କରିଥିଲେ। ଏହି ଉତ୍ସବରେ ଆଇନଜୀବୀ କବିନାରାୟଣ ଜେନା, ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ବିଦ୍ୟାଳୟ ସମ୍ପାଦିକା ପ୍ରିୟଦର୍ଶିନୀ ମହାପାତ୍ର ଏବଂ ଧୀରେନ୍ଦ୍ର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ କୁମାର ସାହୁ, ପ୍ରାକ୍ତନ ସମିତି ସଭ୍ୟ କୈଳାସ ଚନ୍ଦ୍ର



ସାହୁ, ମହମ୍ମଦ ଅଜିଜ୍, ସୁବାସ ଚନ୍ଦ୍ର ସାହୁ, ଗଗନ ଦାସ, ଧନେଶ୍ୱର ପାତ୍ରଙ୍କ ସମେତ ବିଦ୍ୟାଳୟର ଗୁରୁଜୀ, ଗୁରୁମା ଓ ସେବିକାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଅକ୍ଷୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସାମ୍ବାଦିକ ଅୟେସକାନ୍ତ ମହାନ୍ତିଙ୍କ ପରଲୋକ

**ଖୋର୍ଦ୍ଧା,୧୦।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାର ଜଣେ ଜଣାଶୁଣା କାର୍ଯ୍ୟରତ ସାମ୍ବାଦିକ ଅୟେସ କାନ୍ତ ମହାନ୍ତିଙ୍କ ଶୁକ୍ରବାର ଅକାଳ ବିୟୋଗ ଘଟିଛି। ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅବସ୍ଥାରେ ସକାଳ ପ୍ରାୟ ୧୦ଟା ସମୟରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୪୦ ବର୍ଷ ବୟସ ହୋଇଥିଲା। ସେ ଅବିବାହିତ ଥିବା ବେଳେ ତାଙ୍କ ପଛରେ ବୃଦ୍ଧା ମାଆ ଓ ଦୁଇ ଭଉଣୀଙ୍କୁ ଛାଡ଼ି ଯାଇଛନ୍ତି। ଅୟେସ କେବଳ ଜଣେ ସାମ୍ବାଦିକ ନଥିଲେ, ବରଂ ଜଣେ ଧର୍ମପରାୟଣ ବ୍ୟକ୍ତି, ସମାଜସେବୀ ଓ ପରଉପକାରୀ ଭାବେ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ସାମ୍ବାଦିକତା ସହ ସେ ଜଣେ ଦକ୍ଷ ସିନେମା ନିର୍ଦ୍ଦେଶକ ଓ ଉତ୍ତମ ଫଟୋଗ୍ରାଫର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ସତ୍ୟ ସାଇବାବାଙ୍କ ଜଣେ ନିଷ୍ଠାପର ଭକ୍ତ ଭାବେ ସେ ପରିଚିତ ଥିଲେ। ପୂର୍ବରୁ ତାଙ୍କ ପିତା ଓ ୫ ବର୍ଷ ତଳେ ସାନଭାଇଙ୍କ ଦେହାନ୍ତ ହୋଇସାରିଥିବା ବେଳେ ପରିବାରରେ ସେ ହିଁ ମୁଖ୍ୟ ସାହାରା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଖୋର୍ଦ୍ଧା ଜିଲ୍ଲାର ସବୁ ମହଲରେ ଶୋକର ଛାୟା ଖେଳିଯାଇଛି। ଖୋର୍ଦ୍ଧା ଜିଲ୍ଲା ଓୟୁଜେର ସଦସ୍ୟ ଥିବା ଅୟେସଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ବହୁ ସଂଖ୍ୟାରେ ସାମ୍ବାଦିକ, ସାମ୍ବାଦିକା, ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ ଓ ସାଙ୍ଗସାଥୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ତାଙ୍କ ଭଉଣୀ ଓ ଭଉଣୀ ଜ୍ୱାଇଁ ଶୋକସନ୍ତପ୍ତ ପରିବାରର ସମସ୍ତ ଦାୟିତ୍ୱ ତୁଲାଉଥିବା ବେଳେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

### ସିଙ୍ଗାପୁରରେ ଉତ୍କଳ ଦିବସ

# ସୁଦାମ ପ୍ରଧାନଙ୍କ ବାଲୁକା କଳାରେ ମନ୍ତ୍ରମୁଗ୍ଧ ଦର୍ଶକ

**ପୁରୀ ସଦର,୧୦।୪/ଏନ୍ଏନ୍ଏସ୍:** ସୁଦୂର ସିଙ୍ଗାପୁର ମାଟିରେ ଓଡ଼ିଆ ଅସ୍ମିତା ଓ ସଂସ୍କୃତିର ବିଜୟ ଧ୍ୱଜା ଉଡ଼ିଛି। ସିଙ୍ଗାପୁର ଓଡ଼ିଆ ସମାଜ ପକ୍ଷରୁ ସ୍ଥାନୀୟ ଜିଆଇଆଇଏସ ପ୍ରେକ୍ଷାଳୟରେ ଉତ୍କଳ ଦିବସ-୨୦୨୬ ଅତ୍ୟନ୍ତ ଭବ୍ୟତା ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ସାହିତ୍ୟ, ସଂସ୍କୃତି ଓ ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମର ସବୁଠାରୁ ବଡ଼ ଆକର୍ଷଣ ଥିଲା ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ 'ଜୀବନ୍ତ ବାଲୁକା ଚିତ୍ରକଳା'। ପ୍ରାୟ ୩୦ ମିନିଟ୍ ଧରି ନିଜ ଆଙ୍ଗୁଠିର କମାଲ୍ ଦେଖାଇ ଶ୍ରୀ ପ୍ରଧାନ ବାଲିରେ ଓଡ଼ିଶାର କୋଣାର୍କ ମନ୍ଦିରଠାରୁ



ଆରମ୍ଭ କରି ସିଙ୍ଗାପୁରର ଐତିହ୍ୟ ପର୍ଯ୍ୟନ୍ତ ସବୁକିଛି ଜୀବନ୍ତ ଭାବେ ଚିତ୍ରାଙ୍କନ କରିଥିଲେ। ଏହି ଅଦ୍ଭୁତ ପ୍ରଦର୍ଶନକୁ ଦେଖି ୩୦୦ରୁ ଅଧିକ ଦର୍ଶକ ବିମୋହିତ ହୋଇଯାଇଥିଲେ। ଏହି ଉତ୍ସବକୁ ସିଙ୍ଗାପୁରରେ ଭାରତର ଉଚ୍ଚାୟୁକ୍ତ ଶିଳ୍ପକ ଆମ୍ବୁଲେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେ ସୁଦାମ ପ୍ରଧାନଙ୍କ କଳାକୁ ଉଚ୍ଚ ପ୍ରଶଂସା କରିବା ସହ ଏହାକୁ ବିଶ୍ୱ ଦରବାରରେ ଭାରତୀୟ ସଂସ୍କୃତିର ସୁନ୍ଦର ପ୍ରତିନିଧିତ୍ୱ ବୋଲି କହିଥିଲେ। ଓଡ଼ିଆ ସମାଜର ସଭାପତି ସୁବ୍ରତ ନାୟକ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ଏହି ଅବସରରେ ସିଙ୍ଗାପୁରର ସଂସ୍କୃତି ଓ ଯୁବ ମନ୍ତ୍ରାଳୟ, ଭାରତୀୟ ବ୍ୟାଙ୍କ ଓ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଏହି ସମାରୋହରେ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ସହ ଜଣେ ସ୍ଥାପକ ସଦସ୍ୟଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ଏବଂ ଯୁବ ପ୍ରତିଭାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଓଡ଼ିଆ ସମାଜର ସମ୍ପାଦକ ପ୍ରମୋଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସଞ୍ଜୀବ ସାହୁ, ସ୍ୱାଗତିକା ବିଶ୍ୱାଳ, ରଞ୍ଜିତ ସାହୁ, ସାଲୋନୀ ଦାସ, ବିଜୟଲକ୍ଷ୍ମୀ ବେହେରା, ମନୋରମା ଜେନା, ଶାରଦା ସାହୁ, ଲଗ୍ନଜିତ ପଟ୍ଟନାୟକ, ସୌମ୍ୟ ପାଲ, ସତ୍ୟମ ପାଣ୍ଡା ଓ ସୁଶାନ୍ତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ଯଜ୍ଞ ପାଇଁ କଳସ ଯାତ୍ରା



**ଫୁଲନଖରା,୧୦।୪/ଏନ୍ଏନ୍ଏସ୍:** ସଦର ଥାନା ଅନ୍ତର୍ଗତ ଖଣ୍ଡାଏତାଠାରେ ଥିବା ମା'ତାରିଣୀ ମନ୍ଦିରର ୨୯ତମ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ଏକ କଳସ ଶୋଭାଯାତ୍ରା ଶୁକ୍ରବାର ଅପରାହ୍ଣରେ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳର ଶତାଧିକ ମହିଳା ନାଗବାଲି ନିକଟ ସିଦ୍ଧୁଆ ନଦୀର କୋଚିଲେଈ ଘାଟରୁ ଜଳ ଉତ୍ତୋଳନ କରିବା ସହିତ ଶୋଭାଯାତ୍ରାରେ ଯାଇ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ହରିବୋଲ ହୁଳହୁଳିରେ ଅଞ୍ଚଳ ମୁଖରିତ ହୋଇଥିଲା। କର୍ତ୍ତା ଯୋଗେନ୍ଦ୍ର ପ୍ରଧାନ ଓ ଲତୀକା ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପଞ୍ଚ ଦିବସୀୟ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ଭଜନ ସଂଧ୍ୟା, କୀର୍ତ୍ତନ, ଘୋଡ଼ାନାଚ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ମା'ତାରିଣୀ ପୂଜା କମିଟି ସଦସ୍ୟଙ୍କ ସମେତ ଖଣ୍ଡାଏତା ଗ୍ରାମବାସୀ ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି। ଆସନ୍ତା ମଙ୍ଗଳବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହେବା ସହ ବାର୍ଷିକ ଉତ୍ସବ ଉଦଯାପିତ ହେବବୋଲି କମିଟି କାର୍ଯ୍ୟକର୍ତ୍ତାଙ୍କଠାରୁ ପ୍ରକାଶ।

# ଡ଼ଃ ସତ୍ୟ ରାୟ ପାଇବେ 'ଅଭୟ ସାମନ୍ତରାୟ ସ୍ମାରକୀ ସମ୍ମାନ'



**କଟକ,୧୦।୪/ଏନ୍‌ଏନ୍‌ଏସ୍:** ବରିଷ୍ଠ ସାମ୍ବାଦିକ ତଥା ଡ଼. ସତ୍ୟ ରାୟ ପ୍ରଥମ 'ଅଭୟ ସାମନ୍ତରାୟ ସ୍ମାରକୀ ସମ୍ମାନ' ପାଇବାକୁ ମନୋନୀତ ହୋଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସାମ୍ବାଦିକତାର ବିକାଶ ସାଙ୍ଗକୁ ବିଭିନ୍ନ ସାମାଜିକ କାର୍ଯ୍ୟ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି ବୋଲି ସ୍ମୃତି କମିଟି ସଭାପତି ଡ଼ାକ୍ତର ରବି ରଞ୍ଜନ ସାହୁ ପ୍ରକାଶ କରିଛନ୍ତି। ଆସନ୍ତା କାଲି ସଂନ୍ଧ୍ୟାରେ ଶତାବ୍ଦୀ ଭବନଠାରେ ହେବାକୁ ଯାଉଥିବା ସ୍ୱର୍ଗତ ସାମନ୍ତରାୟଙ୍କ ସ୍ମୃତି ସଭାରେ ଡ଼ଃ ରାୟଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ।

# 'ସୀତାବିବାହ ଓ ରାମ ବନବାସ' ନାଟକ ମଞ୍ଚସ୍ଥ



**କଟକ,୧୦।୪/ଏନ୍‌ଏନ୍‌ଏସ୍:** କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ବାର୍ଷିକ ଉତ୍ସବ ଓ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ଚୌଧୁରୀ କାଶୀନାଥ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହୋତ୍ସବରେ ଝୋଲାସାହିର କଳାକାରମାନଙ୍କ ଦ୍ୱାରା ତୃତୀୟ ଦିବସରେ ମାରୁତୀ ମଣ୍ଡପରେ ମଞ୍ଚସ୍ଥ ହୋଇଛି ମହାନ ପୌରାଣିକ ଶ୍ରୀରାମଲୀଳା 'ସୀତାବିବାହ ଓ ରାମବନବାସ'। ଲୀଳାଧ୍ୟକ୍ଷ ଶିବଦାସ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ତତ୍ତ୍ୱାବଧାନରେ ଅତିଥି ଓ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ଯୋଗ ଦେଇ ଭାରତମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ବିଜେଡି କଟକଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ,ବିଜେପି ନେତା ଶ୍ରୀତମ ଦାସ, ସଞ୍ଜୟ କୁମାର ଶର୍ମା, ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ବିଜୟ ସାହୁ, ସମ୍ପାଦକ ନିରଞ୍ଜନ ସାହୁ(ଶିବ) ରାମଲୀଳା ସମିତିକୁ ପ୍ରଶଂସା କରିଥିଲେ। ମାରୁତି ମଣ୍ଡପରେ ଶ୍ରୀରାମ ଲୀଳା ଦେଖିବାପାଇଁ ପ୍ରବଳ ଜନସମାଗମ ହୋଇଥିଲା।

# ବରିଷ୍ଠ ବିଜେଡି ନେତା ଗୋବିନ୍ଦ ରଣାଙ୍କ ପରଲୋକ

**କଟକ,୧୦।୪/ଏନ୍‌ଏନ୍‌ଏସ୍:** କଟକ ମହାନଗର ବିଜୁ ଜନତା ଦଳର ପୂର୍ବତନ ଉପସଭାପତି ତଥା ବରିଷ୍ଠ ନେତା ଗୋବିନ୍ଦ ରଣା (ଗୋମ)ଙ୍କର ଆକସ୍ମିକ ବିୟୋଗ ଘଟିଛି। ତାଙ୍କ ପରଲୋକରେ କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ରଣା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜଣେ ଏକାନ୍ତ ଅନୁଗତ ଥିଲେ। କଟକ ସହରରୁ ଛାତ୍ର ରାଜନୀତିରୁ ନିଜର ରାଜନୈତିକ ଯାତ୍ରା ଆରମ୍ଭ କରି ସେ ଜଣେ ମିଷ୍ଟଭାଷୀ, ମେଳାପୀ ଏବଂ ଗରିବ ଦୁଃଖୀଙ୍କ ବନ୍ଧୁ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ଦଳ ଜଣେ ଦୃଢ଼ ସଂଗଠକଙ୍କୁ ହରାଇଲା ବୋଲି ନେତାମାନେ ମତ ପ୍ରକାଶ କରିଛନ୍ତି। ଆଜି ସକାଳେ ତିନିକୋଣିଆ ବଗିଚାସ୍ଥିତ ତାଙ୍କ ବାସଭବନରେ ପାର୍ଥିବ ଶରୀରର ଶେଷ ଦର୍ଶନ କରିବା ପାଇଁ ବହୁ ନେତୃମଣ୍ଡଳୀଙ୍କ ସମାଗମ ହୋଇଥିଲା। କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ, ବରିଷ୍ଠ ବିଜେଡି ନେତା ମହମ୍ମଦ ସକିଲ, ପ୍ରଦୀପ ଖୁଣ୍ଟିଆ, ପ୍ରକାଶ ସିଂହ, ପ୍ରଫୁଲ୍ଲ ବେହେରା, ସୟଦ ଏକରାମ ହୁସେନ, ତାପସ ମହାନ୍ତି, ଦୁର୍ଗା ଚରଣ ସାହୁ, ଲାଲା ପ୍ରତାପ ରାୟ, ଚିରଞ୍ଜୟ ସାହୁ, ଚନ୍ଦନ ଜେନା, ସ୍ୱଦେଶ ଦାସ, ଦେବେନ୍ଦ୍ର କାହାଳି, ଯୁଧିଷ୍ଠିର ବିଶ୍ୱାଳ ଏବଂ ସେକ୍ ରିୟାଜୁଲ୍ଲା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରଣାଙ୍କ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



# ଭିନ୍ନକ୍ଷମଙ୍କୁ ହ୍ୱିଲ୍‌ଚେୟାର୍ ପ୍ରଦାନ



**କଟକ,୧୦।୪/ଏନ୍‌ଏନ୍‌ଏସ୍:** କଟକ ସହରରେ ବସବାସ କରୁଥିବା କିଛି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ମୋକିମ ଫାଉଣ୍ଡେସନ ପକ୍ଷରୁ ନିଃଶୁଳ୍କ ହ୍ୱିଲ୍ ଚେୟାର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସ୍ଥାନୀୟ ଗଙ୍ଗା ମନ୍ଦିର ଅଞ୍ଚଳର ଭିନ୍ନକ୍ଷମ ବ୍ୟକ୍ତି ବିରଞ୍ଚି ନାରାୟଣ ସାହୁଙ୍କୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋଷ ହ୍ୱିଲ ଚେୟାର ପ୍ରଦାନ କରିଥିଲେ। ଏହି ଅବସରରେ ହ୍ୱିଲ ଚେୟାର ପାଇଥିବା ଶ୍ରୀ ସାହୁ ବିଧାୟିକାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଜନହିତକର କାର୍ଯ୍ୟରେ ଆମ୍ବେଦକର ସ୍ମୃତି ପରିଷଦର ସଭାପତି ସୁକାନ୍ତ ସେଠୀ, ବରିଷ୍ଠ ଆଇନଜୀବୀ ବଶିଷ୍ଠ ପଟ୍ଟନାୟକ, କଟକ ନଗର ରଜକ ସମିତିର ସାଧାରଣ ସମ୍ପାଦକ ମଥୁରା ସେଠୀ, ଜଗନ୍ନାଥ ସେଠୀ, ଅଶୋକ ସେଠୀ, ବିଷ୍ଣୁ ଚରଣ ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ସର୍ବଭାରତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁଲିସର ସଫଳତା

# କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଜଣାଇଲେ ଡିଜିପି



**କଟକ,୧୦।୪/ଏନ୍‌ଏନ୍‌ଏସ୍:** ହାଇଦ୍ରାବାଦଠାରେ ଅନୁଷ୍ଠିତ ୭୪ତମ ବିଏନ୍ ମଲ୍ଲିକ ସର୍ବଭାରତୀୟ ପୁଲିସ ଫୁଟବଲ ଚାମ୍ପିଅନ୍‌ସିପ୍ ୨୦୨୫-୨୬ରେ ଓଡ଼ିଶା ପୁଲିସର ପୁରୁଷ ଓ ମହିଳା ଫୁଟବଲ ଦଳ ଉଲ୍ଲେଖନୀୟ ସଫଳତା ହାସଲ କରି ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛି। ଏହି ଅବସରରେ ରାଜ୍ୟ ପୁଲିସ ମହିଳା ଓ ପୁରୁଷ ଫୁଟବଲ ଟିମ୍‌ର କ୍ରୀଡ଼ାବିତ୍‌ମାନେ ରାଜ୍ୟ ପୁଲିସ ମୁଖ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।

ଡିଜିପି ଶ୍ରୀ ଖୁରାନିଆ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତା ନିମନ୍ତେ ଭୂୟସୀ ପ୍ରଶଂସା କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୨୩.୦୩.୨୦୨୬ ଠାରୁ ୦୫.୦୪.୨୯୨୬ ପର୍ଯ୍ୟନ୍ତ ହାଇଦ୍ରାବାଦଠାରେ ଆୟୋଜିତ ଏହି ଚାମ୍ପିଅନ୍‌ସିପ୍‌ରେ ଓଡ଼ିଶା ପୁଲିସ ମହିଳା ଦଳ ଉପବିଜେତା ଆଖ୍ୟା ଅର୍ଜନ କରିଛନ୍ତି। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ଆସାମ ରାଇଫଲସ ଚାମ୍ପିଅନ୍ ହୋଇଥିବାବେଳେ ଓଡ଼ିଶା ପୁଲିସ ରନର୍ସଅପ ହୋଇଥିଲା। ଏହି ସଫଳତା ଓଡ଼ିଶାର ଯୁବ ପ୍ରତିଭାମାନଙ୍କୁ ଫୁଟବଲ ପ୍ରତି ଆକୃଷ୍ଟ କରିବାସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ପ୍ରେରଣା ଯୋଗାଇବା ପାଇଁ ଡିଜିପି ଆଶାବ୍ୟକ୍ତ କରିଛନ୍ତି। କ୍ରୀଡ଼ାବିତଙ୍କ ଏହି କୃତିତ୍ୱ ରାଜ୍ୟ ପୁଲିସ ବାହିନୀ ପାଇଁ ଗୌରବ ଆଣିଛି ବୋଲି ଡିଜିପି ଶ୍ରୀ ଖୁରାନିଆ ମତବ୍ୟକ୍ତ କରିଛନ୍ତି। ସେହିପରି ଓଡ଼ିଶା ପୁଲିସ ଫୁଟବଲ ଦଳ ଚତୁର୍ଥ ସ୍ଥାନ ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ପୁଲିସର ୨ ଜଣ ଶ୍ରେଷ୍ଠ ଖେଳାଳୀ ସମଗ୍ର ପ୍ରତିଯୋଗିତାରେ ସର୍ବାଧିକ ଗୋଲ ସ୍କୋରର୍ ଭାବେ 'ଗୋଲଡେନ୍ ବୁଟ୍' ହାସଲ କରି ଓଡ଼ିଶା ପୁଲିସ ପାଇଁ ଗୌରବ ଆଣିଛନ୍ତି। ଆଜିର ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀ ଉପସ୍ଥିତ ରହି ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ପୁଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଆନ୍ଦୋଳନକାରୀଙ୍କ ଉପରେ ଅତ୍ୟାଚାର ବନ୍ଦ ଦାବିରେ ଡିଜିପିଙ୍କୁ ସ୍ମାରକପତ୍ର




**କଟକ,୧୦।୪/ଏନ୍‌ଏନ୍‌ଏସ୍:** ରାୟଗଡା ଜିଲ୍ଲାର ଶିଜିମାଳି/ ଟିଜିମାଳି, କେନ୍ଦୁଝର ଜିଲ୍ଲାର ପାଟଣା ବ୍ଲକର ପ୍ରାୟ ୧୮ଟି ଗ୍ରାମ ତଥା ସୁନ୍ଦରଗଡ଼ ଜିଲ୍ଲାର ବିଭାବନ୍ଧ ଓ ଲାଞ୍ଜିବେର୍ଣ୍ଣା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବଳପୂର୍ବକ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ବ୍ୟାପକ ପୁଲିସ ଅତ୍ୟାଚାର ଚାଲିଛି। ମିଛ ମାମଲା ରୁଜୁ କରି ଆନ୍ଦୋଳନକାରୀ ତଥା ନିରୀହ ଗ୍ରାମବାସୀଙ୍କୁ ମାସ ମାସ ଏପରିକି ବର୍ଷ ବର୍ଷ ଧରି ଜେଲରେ ଭର୍ତ୍ତି କରିବା, ରାତି ଅଧରେ ଗାଁ ଉପରେ ଚଢ଼ଉ କରି ନିରୀହ ଲୋକଙ୍କ ଉପରେ ଆକ୍ରମଣ କରିବା, ଆନ୍ଦୋଳନକାରୀମାନଙ୍କୁ ଭୟଭୀତ କରିବା ପାଇଁ ସମ୍ପୃକ୍ତ ଅଞ୍ଚଳର ଆତଙ୍କର ବାତାବରଣ ସୃଷ୍ଟି ଭଳି ମାରାତ୍ମକ କାଣ୍ଡ ଚାଲିଛି। ଏହିଭଳି ପରିସ୍ଥିତିରେ ତୁରନ୍ତ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରୁ ପୁଲିସ ପ୍ରତ୍ୟାହାର କରି ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଓ ଉପଯୁକ୍ତ ତଦନ୍ତ କରି ଆନ୍ଦୋଳନକାରୀମାନଙ୍କ ଉପରେ ଅତ୍ୟାଚାର କରିଥିବା ପୁଲିସ ଅଧିକାରୀମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ସିପିଡିଆର୍‌ଏସ୍ ଓଡ଼ିଶା ଶାଖା ପକ୍ଷରୁ ଆଜି ପୁଲିସଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି ଏବଂ ଦାବିପତ୍ର ପ୍ରଦାନ କରାଯାଇଛି। ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରତାପ ଦାସ, ବିଶ୍ୱାବସୁ ଦାସ, ସୁକାନ୍ତ ନାୟକ, ବିଜୟ ରାଉତରାୟ, ପ୍ରତାପ ଚନ୍ଦ୍ର ମିଶ୍ର, ମିହିର ପ୍ରତାପ ଦାସ, ଅନିମା ରାୟ, ଖଗେଶ୍ୱର ସେଠୀ, ଡଲି ଦାସ, ଅକ୍ଷୟ ରାଉଳ ଓ ବସନ୍ତ ନାୟକ ପ୍ରମୁଖ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ।

# ଓର୍‌ମାସ୍ ପକ୍ଷରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**କଟକ,୧୦।୪/ଏନ୍‌ଏନ୍‌ଏସ୍:** ଗ୍ରାମୀଣ ହସ୍ତଶିଳ୍ପ ଓ ପାରମ୍ପାରିକ କୌଶଳ ପ୍ରତି ଯୁବପିଢ଼ିଙ୍କ ଆଗ୍ରହ ବୃଦ୍ଧି କରିବା ଉଦ୍ଦେଶ୍ୟରେ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓର୍‌ମାସ୍ ଦ୍ୱାରା ୨ଦିନିଆ ମାକ୍ରାମେ ହସ୍ତଶିଳ୍ପ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାକ୍ରାମେ ହେଉଛି ଏକ ପାରମ୍ପାରିକ ହସ୍ତଶିଳ୍ପ। ଏଥିରେ ସୂତା କିମ୍ବା ରଶିକୁ ବିଭିନ୍ନ ପ୍ରକାରର ଗାଣ୍ଠି ପକାଇ ସୁନ୍ଦର ଆଳଙ୍କାରିକ ବସ୍ତୁ ପ୍ରସ୍ତୁତ କରାଯାଏ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ଏମ୍‌ବିଏ ବିଭାଗର ୩୦ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷଣ ସମୟରେ ଅଂଶଗ୍ରହଣକାରୀମାନେ ମାକ୍ରାମେ ହସ୍ତଶିଳ୍ପର ମୌଳିକ ଗାଣ୍ଠି ପ୍ରଣାଳୀ, ଡିଜାଇନ ପ୍ରସ୍ତୁତି, ଉତ୍ପାଦ ବିକାଶ ଓ ବଜାର ସମ୍ଭାବନା ସଂପର୍କରେ ପ୍ରାୟୋଗିକ ଜ୍ଞାନ ଆହରଣ କରିଥିଲେ। ଏହା ସହିତ ହସ୍ତଶିଳ୍ପ ଉତ୍ପାଦର ମୂଲ୍ୟ ବୃଦ୍ଧି, ବ୍ରାଣ୍ଡି ଓ ବଜାରୀକରଣ ବିଷୟରେ ମଧ୍ୟ ତାଙ୍କୁ ଅବଗତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ପାରମ୍ପାରିକ ଶିଳ୍ପ ପ୍ରତି ଆଗ୍ରହ ବୃଦ୍ଧି କରିବା ସହିତ ଗ୍ରାମୀଣ ଉଦ୍ୟମିତା ବିକାଶ ପ୍ରତି ସଚେତନତା ସୃଷ୍ଟି କରିଛି ବୋଲି ଓରମାସ ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ କହିଛନ୍ତି। ଶେଷରେ ସୂଚନା ଓ ଲୋକ ସଂପର୍କ କେନ୍ଦ୍ରାଂଚଳ ଉପନିର୍ଦ୍ଦେଶକ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ଓରମାସ ଉପମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚିତ୍ତ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରଶିକ୍ଷଣ ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଓରମାସ ପକ୍ଷରୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।



# ଟଙ୍କା ଫେରସ୍ତ କରିବାକୁ ଜମାକାରୀଙ୍କ ଦାବି




**କଟକ,୧୦।୪/ଏନ୍‌ଏନ୍‌ଏସ୍:** ଜମାକାରୀଙ୍କୁ ଚିହ୍ନଟ ସହ ଜମା ଟଙ୍କା ଫେରସ୍ତ କରିବାକୁ ମାଇକ୍ରୋ ଫାଇନାନ୍ସ ଲିମିଟେଡ଼ କ୍ଷତିଗ୍ରସ୍ତ ଜମାକାରୀ ଏକତା ମଞ୍ଚ ଦାବି କରିଛି। କଟକଠାରେ ଜମାକାରୀମାନେ ଏକାଠି ହୋଇ ତୁରନ୍ତ ଟଙ୍କା ଦେବାକୁ ଦାବି କରିଛନ୍ତି। ମଞ୍ଚ କହିଛି ଯେ ଭୁବନେଶ୍ୱର ରସୁଲଗଡ଼ ଏବଂ ଶହୀଦ ନଗରରେ ମାଇକ୍ରୋ ଫାଇନାନ୍ସ ଚିଟ୍‌ଫଣ୍ଡ ସଂସ୍ଥା କାର୍ଯ୍ୟାଳୟ ଖୋଲିଥିଲା। ସେଠାରେ ଟଙ୍କାକୁ ଡବଲ କରିଦେବା କହି ଲୋଭନୀୟ ସ୍କିମ୍ ମାଧ୍ୟମରେ ଟଙ୍କା ନେଇଥିଲା ସଂସ୍ଥା। ଆଉ ଓଡିଶା ସମେତ ବାହାର ରାଜ୍ୟର ଶିକ୍ଷିତ ବେକାର ଯୁବକ ଯୁବତୀଙ୍କୁ ଏଜେଣ୍ଟ କରାଇ ବିଭିନ୍ନ ସ୍କିମ୍ ଜରିଆରେ କୋଟି କୋଟି ଟଙ୍କା ଜମା କରାଇଥିଲେ। ଆଉ ସେହି ଜମା ରାଶି ଟଙ୍କାକୁ ଡବଲ ହେବ ବୋଲି କହି ଟଙ୍କା ନେଇ ପରେ କମ୍ପାନୀ ଅର୍ଥ ଫେରସ୍ତ କରି ନଥିଲେ। ୨୦୧୪ ରେ କ୍ରାଇମବ୍ରାଞ୍ଚ ମାମଲା ହେବା ପରେ ଛାନ୍‌ଭିନ୍ କରି ଦୁଇଜଣ ମାଲିକଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା। ପରେ ସେତେବେଳର ସରକାର ଦୁଇ ଦୁଇଟି ତଦନ୍ତ କମିଶନ ବସାଇଥିଲେ ମଧ୍ୟ ମାଇକ୍ରୋ ଫାଇନାନ୍ସର ଜମାକାରୀଙ୍କୁ ଚିହ୍ନଟ କରାଯାଇନାହିଁ କି ଟଙ୍କା ଫେରସ୍ତ ପ୍ରକ୍ରିୟା ହୋଇନାହିଁ। ତେଣୁ ମାଇକ୍ରୋ ଫାଇନାନ୍ସ ସଂସ୍ଥା ଜମାକାରୀଙ୍କୁ ଚିହ୍ନଟ ସହ ଜମା କରିଥିବା ଟଙ୍କାକୁ ଫେରାଇବାକୁ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସରକାରଙ୍କ ନିକଟରେ ଜମାକାରୀ ଏବଂ ଏଜେଣ୍ଟମାନେ ଅନୁରୋଧ କରିଛନ୍ତି। ଆଜିର ବୈଠକରେ ଗଞ୍ଜାମ, ଜଗତସିଂହପୁର, ନୟାଗଡ଼, ଖୋର୍ଦ୍ଧାର ବିଭିନ୍ନ ପ୍ରାନ୍ତରୁ କ୍ଷତିଗ୍ରସ୍ତ ଜମାକାରୀମାନେ ଯୋଗ ଦେଇଥିଲେ।

## ରୋଗୀସେବା ଗୃହ ନିର୍ମାଣରେ ବ୍ୟାପକ ଅନିୟମିତତା

# ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଚାଲିଛି ନିମ୍ନମାନର କାର୍ଯ୍ୟ

**କଣ୍ଟିଲୋ,୧୦।୪/ଏନ୍‌ଏନ୍‌ଏସ୍:** ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ତଥା ପ୍ରଭୁ ଶ୍ରୀ ନୀଳମାଧବଙ୍କ ପୀଠ କଣ୍ଟିଲୋରେ ଚାଲିଥିବା ୨୪ ଘଣ୍ଟିଆ ରୋଗୀ ସେବା ଗୃହ ନିର୍ମାଣରେ ଘୋର ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ପ୍ରାୟ ୩ କୋଟି ୪୫ ଲକ୍ଷ ୭୪ ହଜାର ୭୦୭ ଟଙ୍କା ବ୍ୟୟ ବରାଦରେ ଚାଲିଥିବା ଏହି ସରକାରୀ ପ୍ରକଳ୍ପ ସ୍ଥାନରେ କୌଣସି ସୂଚନା ଫଳକ ଲାଗିନଥିବା ବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ନିମ୍ନମାନର କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ, କଣ୍ଟିଲୋ ସମେତ ବଡ଼ ବାଣପୁର, ସିଧାମୂଳା, ପଥରଚକଡ଼ା ଭଳି ୮ଟି ପଞ୍ଚାୟତର ପ୍ରାୟ ୮୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଓ ହଜାର ହଜାର ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏହି ଗୃହ ନିର୍ମାଣ କରାଯାଉଛି। କିନ୍ତୁ କାର୍ଯ୍ୟର ଦାୟିତ୍ୱ ନେଇଥିବା ପୋଲିସ ହାଉସିଂ କର୍ପୋରେସନ ପକ୍ଷରୁ କୌଣସି ନିୟମ ପାଳନ କରାଯାଉ ନାହିଁ। କାର୍ଯ୍ୟକ୍ଷେତ୍ରକୁ ଚାରିପଟୁ ନୀଳ କପଡ଼ାରେ ଘୋଡ଼ାଇ ଦିଆଯାଇ ବେଧଡ଼କ ଭାବେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଛି। ଏହି ବିଷୟରେ ଗଣମାଧ୍ୟମ ପ୍ରତିନିଧିମାନେ ପଚାରିବାରୁ କାର୍ଯ୍ୟ କରୁଥିବା ଶ୍ରମିକ ଓ ମିସ୍ତ୍ରୀମାନେ ଅତି ସମ୍ବେଦନଶୀଳ ମନ୍ତବ୍ୟ ଦେଇଛନ୍ତି। ସେମାନଙ୍କ କହିବା କଥା ଯେ, ପ୍ରତି ମାସରେ ଲୋକପ୍ରତିନିଧି ଓ ସମ୍ପୃକ୍ତ କିଛି ବ୍ୟକ୍ତି ନିଜର 'ପିସି' (କମିଶନ) ନେଉଛନ୍ତି, ତେଣୁ ଏଷ୍ଟିମେଟ୍ ଅନୁସାରେ କାର୍ଯ୍ୟ କରିବା ସମ୍ଭବ ନୁହେଁ। ପୂର୍ବରୁ ନୀଳମାଧବ ମହାବିଦ୍ୟାଳୟର କାର୍ଯ୍ୟ କାଳରେ ମଧ୍ୟ ଏହି ସଂସ୍ଥା ବିରୋଧରେ ନିମ୍ନମାନର କାର୍ଯ୍ୟର ଅଭିଯୋଗ ରହିଥିଲା। ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ସହ ଖେଳ ଖେଳୁଥିବା ଏହି ଦୁର୍ନୀତିଗ୍ରସ୍ତ ସଂସ୍ଥା ବିରୋଧରେ ତୁରନ୍ତ ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀମାନେ ଜିଲ୍ଲାପାଳ ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# ଲୋକକଳା ପାଇଁ ଦିନଟିଏ: କଳାକାର ସମ୍ମାନିତ



**କଟକ,୧୦।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ଆଜି କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ଲୋକକଳା କଳାକାରମାନେ ନିଜ ନିଜ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହାନ୍ତ ଓ ଅତିରିକ୍ତ ଜିଲ୍ଲାପାଳ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ଉପସ୍ଥିତ ରହି କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକରେ ମଧ୍ୟ ଲୋକକଳା ପାଇଁ ଦିନଟିଏ ପାଳନ କରାଯାଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପିପିଲି ରାଜପଥରେ ଲୋକକଳାର ମହାକୁମ୍ଭ

# ଓଡ଼ିଆ ଅସ୍ମିତାର ମହାପର୍ବ ହେଉଛି ଓଡ଼ିଆ ପକ୍ଷ: ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ପୁରୀ,୧୦।୪/ଏନ୍‌ଏନ୍‌ଏସ୍:** ଓଡ଼ିଆ ପକ୍ଷ ପାଳନର ଦଶମ ଦିବସରେ ପୁରୀ ଜିଲ୍ଲାର ପିପିଲି ଠାରେ ରାଜ୍ୟ ସ୍ତରୀୟ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ଆୟୋଜିତ ହୋଇଯାଇଛି। 'ଲୋକକଳା ପାଇଁ ଦିନଟିଏ' ଉତ୍ସବରେ ରାଜ୍ୟର ପ୍ରାୟ ୮୦ରୁ ଊର୍ଦ୍ଧ୍ୱ ସାଂସ୍କୃତିକ ଦଳ ଅଂଶଗ୍ରହଣ କରିଥିଲେ। ୮୦୦ରୁ ଊର୍ଦ୍ଧ୍ୱ କଳାକାର ପିପିଲିର ରାଜପଥରେ ଓଡ଼ିଶାର ସମୃଦ୍ଧ ଲୋକକଳା ପ୍ରଦର୍ଶର କରିଥିଲେ। ଏଥିସହ ଜବାହର ବିଦ୍ୟାପୀଠଠାରୁ ପଦାପଡ଼ିଆ ପର୍ଯ୍ୟନ୍ତ ଏକ ରାଲିରେ ନିଜର କଳା ଓ ନୃତ୍ୟକୁ ପ୍ରଦର୍ଶିତ କରିଥିଲେ। କାର୍ଯ୍ୟକ୍ରମର ରାଜ୍ୟ ସରକାରଙ୍କ ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ନିଜର ଅଭିଭାଷଣରେ ସେ କହିଥିଲେ ଯେ ଓଡ଼ିଆ ପକ୍ଷ ହେଉଛି ଓଡ଼ିଆ ଅସ୍ମିତାର ମହାପର୍ବ। ଆଜି ଓଡ଼ିଆ ପକ୍ଷ ପାଳନର ଦଶମ ଦିନଟି ଓଡ଼ିଶାର ଲୋକକଳା ପାଇଁ ସମର୍ପିତ। ସାରା ରାଜ୍ୟରେ ଓଡ଼ିଆ ପକ୍ଷକୁ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଉଛି। ଆମ ଲୋକକଳା ଆମକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଆଜିର କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡ଼ିଶା ସମୃଦ୍ଧ ଲୋକକଳା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଜି ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ମଧ୍ୟ 'ଲୋକକଳା ପାଇଁ ଦିନଟିଏ' ଉତ୍ସବ ଅନୁଷ୍ଠିତ ହେବା ସହ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ରାଜ୍ୟ ସ୍ତରୀୟ ଲୋକକଳା ଉତ୍ସବରେ ପୁରୀ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସ୍ନେହା ଅରୁଗୁଲା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ଶାସନ ସଚିବ ସ୍ମିତା ମହାନ୍ତି, ଉପ ନିର୍ଦ୍ଦେଶକ ଶୁଚିସ୍ମିତା ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



# ବିଶ୍ୱ ହୋମିଓପାଥି ଦିବସରେ ଓପିଡି ଉଦ୍‌ଘାଟିତ




**କଟକ,୧୦।୪/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ନୂଆବଜାର ସ୍ଥିତ କଟକ ହୋମିଓପାଥିକ ମେଡିକାଲ୍ କଲେଜ ଏବଂ ହସ୍‌ପିଟାଲ୍ ପରିସରରେ ଆଜି ପୂର୍ବାହ୍ନରେ 'ବିଶ୍ୱ ହୋମିଓପାଥି ଦିବସ' ପାଳିତ ହୋଇଯାଇଛି। ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ସିନ୍ଦେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ହୋମିଓପାଥି ଚିକିତ୍ସା ପ୍ରଣାଳୀର ଜନକ ମହାନ ଚିକିତ୍ସା ବିଜ୍ଞାନୀ ଡା. କ୍ରିଷ୍ଟିଆନ ଫ୍ରେଡ଼ରିକ ସାମୁଏଲ ହାନ୍ନିମାନଙ୍କ ଆଜି ଥିଲା ୨୭୧ତମ ଜୟନ୍ତୀ। ପ୍ରତିବର୍ଷ ୧୦ ଏପ୍ରିଲରେ ତାଙ୍କ ଜନ୍ମତିଥିକୁ ସମଗ୍ର ବିଶ୍ୱରେ 'ବିଶ୍ୱ ହୋମିଓପାଥି ଦିବସ' ଭାବେ ପାଳନ କରାଯାଏ। ଡା. ହାନ୍ନିମାନ ୧୭୫୫ମସିହା ଏପ୍ରିଲ ୧୦ ତାରିଖରେ ଜର୍ମାନ ସ୍ଥିତ ମିଶେନ ସହରରେ ଜନ୍ମ ଗ୍ରହଣ କରିଥିଲେ। ଆଜି କେବଳ ଏକ ମହାନ ବ୍ୟକ୍ତିତ୍ୱଙ୍କ ଜନ୍ମଦିନ ମାତ୍ର ନୁହେଁ, ବରଂ ମାନବ ସେବା ପାଇଁ ଉଦ୍ଭାବିତ ଏକ ଅଦ୍ୱିତୀୟ ଚିକିତ୍ସା ପ୍ରଣାଳୀର ସ୍ମୃତି ଓ ପ୍ରେରଣାର ଦିନ ବୋଲି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ କଲେଜ ସଂଲଗ୍ନ ଓପିଡ଼ିକୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ଉଦ୍‌ଘାଟନ କରିଥିଲେ।

ସୂଚନାଯୋଗ୍ୟ, କଟକ ହୋମିଓପାଥିକ ମେଡ଼ିକାଲ କଲେଜ ଓ ହସପିଟାଲ ୧୯୮୨ ମସିହାରେ ସ୍ଥାନୀୟ ନୂଆବଜାରଠାରେ ପ୍ରତିଷ୍ଠାଲାଭ କରିଥିଲା। ଏଠାରୁ ଉତ୍ତୀର୍ଣ୍ଣ ହୋଇଥିବା ବହୁ ଡାକ୍ତର ଛାତ୍ରଛାତ୍ରୀ ସମ୍ପ୍ରତି ରାଜ୍ୟ ତଥା ଦେଶର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାରେ ଉଚ୍ଚ ପଦପଦବୀରେ କାର୍ଯ୍ୟରତ ଅଛନ୍ତି। ବହୁ ଘାତ ପ୍ରତିଘାତ ମଧ୍ୟରେ ଗତି କରୁଥିବା ଏହି ଅନୁଷ୍ଠାନରେ ୨୦୧୬ ମସିହାରେ ଛାତ୍ରଛାତ୍ରୀଙ୍କ ନାମଲେଖା ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ପରେ ପରେ ୨୦୧୮ ମସିହାରେ କଲେଜର ପରିଚାଳନା କମିଟି ମଧ୍ୟ ଭାଙ୍ଗିଯାଇଥିଲା। ଶେଷରେ ୨୦୨୧ ମସିହାରେ ହୋମିଓପାଥି କଲେଜଟି ବନ୍ଦ ହୋଇଯାଇଥିଲା। କଟକ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପ୍ରତି କଲେଜର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। କଲେଜରେ ବର୍ତ୍ତମାନ ଅଧ୍ୟକ୍ଷଙ୍କ ସମେତ ୩ ଜଣ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ଲାଇବ୍ରେରିଆନ୍, ୨ଜଣ କ୍ଲର୍କ, ୨ ଜଣ ପିଅନ ଓ ଜଣେ ଝାଡୁଦାର କାର୍ଯ୍ୟରତ ଅଛନ୍ତି ବୋଲି କଲେଜର ଅଧ୍ୟକ୍ଷ ଡ ମନୋରଞ୍ଜନ ସାସମଲ ସୂଚନା ଦେଇଛନ୍ତି।

କଲେଜ ଭିତ୍ତିଭୂମିର ବିକାଶ ସହିତ ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥାକୁ ଡିସେମ୍ବର ମାସ ସୁଦ୍ଧା ଶେଷ କରିବାକୁ ଜିଲ୍ଲାପାଳ କଲେଜ ଅଧ୍ୟକ୍ଷ ଡ. ସାସମଲଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମରେ କଲେଜର ବହୁ ପୁରାତନ ଛାତ୍ରଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ପ୍ରଶିକ୍ଷଣ ଶିବିର

**ପାଟଣାଗଡ଼,୧୦।୪/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ୍‌ରେ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଲୋକ ଉନ୍ନତି ସଂଗଠନ, ବଲାଙ୍ଗୀର ଦ୍ୱାରା ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ଆତ୍ମଶକ୍ତି ଟ୍ରଷ୍ଟ, ମନ୍ତ୍ରା ଫର୍ ଚେଞ୍ଜ ଓ ଶିକ୍ଷାଗ୍ରହ ସହଯୋଗ ରହିଥିଲା । ଏହି ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ପ୍ରାୟ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଏଥିରେ ଚଙ୍ଗରିଆ ସରପଞ୍ଚ ସୁଶୀଲ କୁମାର ଗୁରୁ ବିଷୟବସ୍ତୁ ଉପରେ ଆଲୋକପାତ କରି ଆମ ଶିକ୍ଷା ବ୍ୟବସ୍ଥାକୁ ଉନ୍ନତ କରିବା ଦିଗରେ ପ୍ରଚେଷ୍ଟାକୁ ଗୁରୁତ୍ୱ ଦେଇଥିଲେ । ଏସ୍‌ଟିଇଏମ୍ ଧାରଣାକୁ ସମ୍ପର୍କିତ କରି ଶିକ୍ଷାକୁ ଆକର୍ଷଣୀୟ, ସହଜ ଓ ବୋଧଗମ୍ୟ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ । ସହଯୋଗୀ ସଂଗଠନଙ୍କ ପ୍ରତିନିଧିମାନେ ଏହି ପ୍ରକାର ଉଦ୍ୟମର ଗୁରୁତ୍ୱକୁ ଉଲ୍ଲେଖ କରି କହିଥିଲେ ଯେ ଶିଶୁଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ, ଉତ୍ସୁକତା ଓ ସମସ୍ୟା ସମାଧାନ କ୍ଷମତା ବିକାଶରେ ଦୃଢ଼ ଭୂମିକା ରହିଛି ବୋଲି ମତପ୍ରକାଶ ପାଇଛି ।



## ପ୍ରଥମ ପୃଷ୍ଠାରୁ

# ଯମୁନାରେ ଡଙ୍ଗା ବୁଡ଼ି ...

ଗଭୀର ଜଳରାଶିରେ ଥିବା ବେଳେ ହଠାତ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ଲୋକମାନେ ପାଣିରେ ବୁଡ଼ି ଯାଉଥିବା ବେଳେ ଚିତ୍କାର କରିବାକୁ ଲାଗିଥିଲେ । ଏହା ଦେଖି କିଛି ସ୍ଥାନୀୟ ଲୋକ ପାଣି ଭିତରକୁ ଯାଇଥିଲେ । ସେମାନେ କିଛି ଲୋକଙ୍କୁ ପାଣିରୁ ଉଦ୍ଧାର କରିବାକୁ ସକ୍ଷମ ହୋଇଛନ୍ତି ।  ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିଥିଲେ । ସେମାନେ ପ୍ରାୟ ୧୦ ଜଣଙ୍କ ମୃତଦେହ ପାଣିରୁ ବାହାର କରିଛନ୍ତି । ବାକି କିଛି ଜଣ ନିଖୋଜ ଥିବାରୁ ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘଟଣା ବିଷୟରେ ତଦାରଖ କରିବା ସହ ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି । ଏଥିସହ  ଉଦ୍ଧାର କାର୍ଯ୍ୟ ଯଥାଶୀଘ୍ର କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଲୁହା ପ୍ଲେଟ୍ ପଡ଼ି ...

ତାଙ୍କ ପୁଅ ସୌରଭଙ୍କ ସହିତ ବନ୍ଦୀ ନାମକ ଅନ୍ୟ ଜଣେ ସମ୍ପର୍କୀୟଙ୍କ ଉପରେ ପଡ଼ିଥିଲା । ସେମାନଙ୍କୁ ଉଦ୍ଧାର କରାଯାଇ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ସେଠାରେ ସମ୍ବାରୀ ଓ ସୌରଭଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ବନ୍ଦୀ ଗୁରୁତର ଆହତ ହୋଇଥିବା ବେଳେ ତାଙ୍କର ଚିକିତ୍ସା ଚାଲିଛି । ସିମୁଳିଆ ପୁଲିସ ଟ୍ରକ୍‌ଟିକୁ ଜବତ କରିଥିବା ବେଳେ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି । ଡ୍ରାଇଭର ଜଣଙ୍କ ହେଉଛନ୍ତି କଟକ ଜିଲ୍ଲା ସାଲେପୁର ଅଞ୍ଚଳର ।

# ଆସନ ସଂରକ୍ଷଣ ପାଇଁ ...

୩୦ସୁଦ୍ଧା ଚୂଡ଼ାନ୍ତ ସଂରକ୍ଷଣ ତାଲିକା ନିର୍ବାଚନ କମିଶନଙ୍କୁ ଜଣାଇବେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ ପାଇଁ ୧୩ରେ ଚିଠା ବିଜ୍ଞପ୍ତି ଏବଂ ୨୯ରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାଯାଇଛି ।

ଅନ୍ୟପକ୍ଷରେ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢୀ କହିଛନ୍ତି ଯେ ଏସଆଇଆର ସରିବା ପରେ ନୂଆ ଭୋଟର ଲିଷ୍ଟ ଆରମ୍ଭ ହେବ । ଜନଗଣନା ସହ ଆମର କୌଣସି ସମ୍ପର୍କ ନାହିଁ । ସରକାର ସଂରକ୍ଷଣ କରି ଦେବା ପରେ ନିର୍ବାଚନ ହେବ । ବର୍ତ୍ତମାନ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ ହେଲାଣି । ତେଣୁ ଆଉ ସୀମା ନିର୍ଦ୍ଧାରଣ ହେବନାହିଁ । ଭୋଟର ଲିଷ୍ଟ ତିଆରି ଏକ ବଡ ପ୍ରକ୍ରିୟା । ଏନେଇ ଜିଲ୍ଲାପାଳମାନଙ୍କୁ ଦାୟିତ୍ୱ ଦିଆଯିବ । ସଂରକ୍ଷଣ ରୋଟେସନ ଆଧାରରେ ହେବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

# ଇସ୍ତଫା ଦେଲେ ଜଷ୍ଟିସ୍ ...

ସେ ବିସ୍ତୃତ ଜବାବ ଦେବା ସହ ସମ୍ପୂର୍ଣ୍ଣ ତଦନ୍ତ ପ୍ରକ୍ରିୟା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି । ସେ ଲେଖିଛନ୍ତି ଯେ, ଯେଉଁ ନଗଦ ଟଙ୍କା ମିଳିବାକୁ ଆଧାର କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି, ସେ ସମ୍ପର୍କରେ କୌଣସି ଦୃଢ଼ ପ୍ରମାଣ ଉପସ୍ଥାପନ କରାଯାଇ ନାହିଁ କିମ୍ବା ସେହି ଟଙ୍କା ତାଙ୍କର ବୋଲି ପ୍ରମାଣିତ ହୋଇନାହିଁ । ଜଷ୍ଟିସ୍ ବର୍ମାଙ୍କ ଅନୁଯାୟୀ, ଯେଉଁ ଷ୍ଟୋର ରୁମ୍‌ରୁ ନଗଦ ଟଙ୍କା ମିଳିଥିବା କୁହାଯାଉଛି, ତାହା ତାଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ନଥିଲା ଏବଂ ସେଠାକୁ ଅନେକ ଲୋକଙ୍କ ଯାତାୟାତ ରହିଥିଲା । ଘଟଣା ସମୟରେ ସେ ନିଜେ ମଧ୍ୟ ଘରେ ଉପସ୍ଥିତ ନଥିଲେ । ସେ ଦାବି କରିଛନ୍ତି ଯେ ତାଙ୍କୁ ଏହି ସମ୍ପୂର୍ଣ୍ଣ ଘଟଣାକ୍ରମ ବିଷୟରେ ପରେ ଜଣାପଡ଼ିଥିଲା । ସେ ତଦନ୍ତ ପ୍ରକ୍ରିୟାକୁ ପକ୍ଷପାତପୂର୍ଣ୍ଣ ବୋଲି ଦର୍ଶାଇ ଲେଖିଛନ୍ତି ଯେ ଅନେକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀଙ୍କୁ ହୁଏତ ହାଜର କରାଯାଇ ନାହିଁ କିମ୍ବା ଜେରା ପରେ ହଟାଇ ଦିଆଯାଇଛି । ତଦନ୍ତକାରୀ ସଂସ୍ଥାମାନେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଯଥା ସିସିଟିଭି ଫୁଟେଜ୍ କିମ୍ବା ଅନ୍ୟାନ୍ୟ ରେକର୍ଡ ମଧ୍ୟ ସାମ୍ନାକୁ ଆଣିନାହାନ୍ତି । ଜଷ୍ଟିସ୍ ବର୍ମାଙ୍କ କହିବାନୁସାରେ, କୌଣସି ପ୍ରାଥମିକ ମାମଲା ରୁଜୁ କରାନଯାଇ ତାଙ୍କୁ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବାକୁ କୁହାଯାଇଥିଲା, ଯାହା ଆଇନର ମୂଳ ନୀତି ବିରୁଦ୍ଧ ଅଟେ । ସେ ଏହାକୁ ଅନୁମାନ ଏବଂ ପୂର୍ବାଗ୍ରହ ଉପରେ ଆଧାରିତ କାର୍ଯ୍ୟାନୁଷ୍ଠାନ ବୋଲି କହିଛନ୍ତି । ଗଣମାଧ୍ୟମରେ ଏହି ମାମଲାକୁ ଯେଭଳି ଉପସ୍ଥାପନ କରାଗଲା, ସେଥିରେ ତାଙ୍କ ଭାବମୂର୍ତ୍ତି କ୍ଷୁଣ୍ଣ ହୋଇଛି ଏବଂ ଏକ ପ୍ରକାର ମିଡିଆ ଟ୍ରାଏଲ୍ ହୋଇଛି ବୋଲି ସେ ଉଲ୍ଲେଖ କରିଛନ୍ତି । ସେଥିପାଇଁ ସେ ଏହି ପ୍ରକ୍ରିୟାରୁ ଓହରିବା ଏବଂ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି ।

୧୪ ମାର୍ଚ୍ଚ ୨୦୨୫ରେ ଦିଲ୍ଲୀ ହାଇକୋର୍ଟର ଜଷ୍ଟିସ୍ ବର୍ମାଙ୍କ ସରକାରୀ ବଙ୍ଗଳାରେ ନିଆଁ ଲାଗିଥିଲା । ସେଠାରେ ଅଗ୍ନିଶମ କର୍ମଚାରୀଙ୍କୁ ୫୦୦ ଟଙ୍କିଆ ପୋଡ଼ା ନୋଟ୍ ଭର୍ତ୍ତି ଗଦାଗଦା ବସ୍ତା ମିଳିଥିଲା । ପରେ ଏହି ମାମଲା ସୁପ୍ରିମକୋର୍ଟକୁ ଯାଇଥିଲା । ସୁପ୍ରିମକୋର୍ଟର ତତ୍କାଳୀନ ମୁଖ୍ୟ ବିଚାରପତି (ସିଜେଆଇ) ସଞ୍ଜୀବ ଖାନ୍ନା ମଧ୍ୟ ୨୦୨୫, ମାର୍ଚ୍ଚ ୨୨ରେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଲାଗିଥିବା ଅଭିଯୋଗର ଆଭ୍ୟନ୍ତରୀଣ ତଦନ୍ତ ପାଇଁ ତିନି ଜଣିଆ କମିଟି ଗଠନ କରିଥିଲେ । ଏହି କମିଟି ମେ ୪ ତାରିଖରେ ସିଜେଆଇଙ୍କୁ ରିପୋର୍ଟ ପ୍ରଦାନ କରିଥିଲା, ଯେଉଁଥିରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ଏହାରି ମଧ୍ୟରେ ଜଷ୍ଟିସ୍ ବର୍ମାଙ୍କୁ ନେଇ ସଂସଦରୁ ନ୍ୟାୟପାଳିକା ପର୍ଯ୍ୟନ୍ତ ସବୁଠି ବିବାଦ ଦେଖାଦେବାରୁ ତାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଆହ୍ଲାବାଦ୍ ହାଇକୋର୍ଟକୁ ବଦଳି କରାଯାଇଥିଲା । ସେ ୫ ଏପ୍ରିଲ୍ ୨୦୨୫ରେ ଆଲାହାବାଦ ହାଇକୋର୍ଟରେ ଶପଥ ଗ୍ରହଣ କରିଥିଲେ, କିନ୍ତୁ ସେବେଠାରୁ ତାଙ୍କୁ କୌଣସି ଦାୟିତ୍ୱ ଦିଆଯାଇନଥିଲା । ମାମଲାର ତଦନ୍ତ ଶେଷ ନହେବା ପର୍ଯ୍ୟନ୍ତ ତାଙ୍କୁ ବିଚାର ବିଭାଗୀୟ କାର୍ଯ୍ୟରୁ ଦୂରେଇ ରଖାଯାଇଥିଲା । ଏସବୁ ମଧ୍ୟରେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଲୋକସଭାରେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଅଣାଯାଇଥିଲା । ତେବେ ଜଷ୍ଟିସ୍ ବର୍ମା ଏହାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ସେ ଦର୍ଶାଇଥିଲେ ଯେ ଉଭୟ ସଦନରେ ପ୍ରସ୍ତାବ ଅଣାଯାଇଥିଲା, କିନ୍ତୁ ରାଜ୍ୟସଭା ଏହାକୁ ଗ୍ରହଣ କରିନଥିଲା । ଏହା ସତ୍ତ୍ୱେ ଲୋକସଭା ତଦନ୍ତ କମିଟି ଗଠନ କରିଛି, ଯାହା ନ୍ୟାୟିକ ବ୍ୟବସ୍ଥା ବିରୋଧୀ । କିନ୍ତୁ ସୁପ୍ରିମକୋର୍ଟ କହିଥିଲେ ଯେ  'ଜଜେସ୍ ଇନକ୍ୱାରୀ ଆକ୍ଟ' ଅନୁଯାୟୀ, ଲୋକସଭା ବାଚସ୍ପତିଙ୍କର ଅଧିକାର ଅଛି ଯେ ସେ ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ତଦନ୍ତ ପାଇଁ କମିଟି ଗଠନ କରିପାରିବେ, ଯଦିଓ ରାଜ୍ୟସଭାରେ ଏଭଳି ପ୍ରସ୍ତାବ ଖାରଜ ହୋଇଯାଇଛି ।

# ୬୨୯.୨୯ କୋଟିର ...

ନିୟନ୍ତ୍ରିତ ଜଳଯୋଗାଣ ମୟୁରଭଞ୍ଜ ଜିଲ୍ଲାର ୪,୨୮୦ ହେକ୍ଟର ଚାଷଜମିକୁ ଜଳସେଚନ ଯୋଗାଇ ଦେବା ସହିତ ୧୫ ବର୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ଗୁଡିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରସ୍ତାବ ରହିଛି । ପ୍ରକଳ୍ପଟି ୨୪ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରଖା ଯାଇଅଛି । ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ କେନ୍ଦୁଝର ଜିଲ୍ଲାର ୨୫ଟି ଓ ମୟୁରଭଞ୍ଜ ଜିଲ୍ଲାର ୮ଟି ଗ୍ରାମର କୃଷକମାନେ ଉପକୃତ ହେବେ ଏବଂ ଏହାର ଅଣୁ ଜଳସେଚନ ସୁସଙ୍ଗତତା ହେତୁ ପାରମ୍ପରିକ ଶସ୍ୟ ଉତ୍ପାଦନ ପରିବର୍ତ୍ତେ ଅର୍ଥକାରୀ ଫସଲ ଚାଷ କରିବାକୁ ଉତ୍ସାହିତ ହେବେ । ଏତଦ୍ ବ୍ୟତୀତ ଉକ୍ତ ପ୍ରକଳ୍ପଟି ସ୍ଥାନୀୟ ଚାଷୀମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତିରେ ସହାୟକ ହେବ । ଅନ୍ୟକିଛି ପ୍ରସ୍ତାବ ମଧ୍ୟ କ୍ୟାବିନେଟ ଅନୁମୋଦନଲାଭ କରିଛି । ହାଡୁଆ ଜଳସେଚନ ପ୍ରକଳ୍ପରେ ଭୂତଳ ପାଇପ୍ ଲାଇନ୍ ପାଇଁ ଟେଣ୍ଡର ମଞ୍ଜୁର କରାଯାଇଛି । ଏହାଦ୍ୱାରା କଟକ ଜିଲ୍ଲା ବଡ଼ମ୍ବାର ୭୬, ନରସିଂହପୁର ଓ ତିଗିରିଆର ୫ ଲେଖାଏଁ ଗ୍ରାମବାସୀ ଉପକୃତ ହେବେ । ସେହିପରି କେନ୍ଦୁଝରରେ ୧୬୪୭ କୋଟି ବ୍ୟୟରେ ନୂଆ ବିଦ୍ୟୁତ୍ ସବ୍‌ଷ୍ଟେସନ ନିର୍ମାଣ ହେବ । ଓଡ଼ିଶା ଶ୍ରମ ସେବା ନିୟମାବଳୀରେ ସଂଶୋଧନକୁ ମଧ୍ୟ ମଞ୍ଜୁରୀ ମିଳିଛି ବୋଲି ମୁଖ୍ୟ ଶାସନ ସଚିବ ସ୍ପଷ୍ଟ କରିଛନ୍ତି ।

# ହିତାଧିକାରୀଙ୍କ ଅଣ୍ଡା ହଡ଼ପ୍ କରୁଛନ୍ତି ଅଙ୍ଗନବାଡ଼ି କର୍ମୀ

**ଭବାନୀପାଟଣା,୧୦।୪/ଏନ୍ଏନ୍ଏସ୍:** ରାଜ୍ୟ ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ମାଧ୍ୟମରେ କିଶୋରୀ, ଗର୍ଭବତୀ ମହିଳା ଓ ଶିଶୁଙ୍କ ଉଦ୍ଦେଶ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ସୃଷ୍ଟି କରିଛନ୍ତି । ୬ ବର୍ଷରୁ କମ୍ ଶିଶୁଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ପ୍ରାରମ୍ଭିକ ଶିକ୍ଷାଦାନ ମାଧ୍ୟମରେ ଶିକ୍ଷା ପ୍ରତି ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଆଇସିଡିଏସ୍ ଗଠନ କରି ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପ୍ରତ୍ୟେକ ଗର୍ଭବତୀ ମହିଳା, କିଶୋରୀ ଓ ଶିଶୁଙ୍କୁ ପୁଷ୍ଟିକର ସୁଷମ ଖାଦ୍ୟ ଯୋଗାଉଛନ୍ତି । ଏନେଇ ପ୍ରତ୍ୟେକ ଗର୍ଭବତୀ, କିଶୋରୀ ଓ ଶିଶୁଙ୍କୁ ମାସକୁ ୧ ପ୍ୟାକେଟ୍ ଛତୁଆ,୧ ପ୍ୟାକେଟ୍ ସୁଜି, ରାଶି ଲଡ୍ଡୁ, ବାଦାମ ଲଡ୍ଡୁ, ଖଜୁରିଆ, ଚଣା ଓ ଲିଆ ଦେବାସହ ୧୪ରୁ ୧୯ ବର୍ଷ କିଶୋରୀଙ୍କୁ ୧୬ଟି ଅଣ୍ଡା, ୭ ମାସ ଗର୍ଭଧାରଣରୁ ଶିଶୁ ଜନ୍ମ ପର୍ଯ୍ୟନ୍ତ ୧୨ଟି ଅଣ୍ଡା, ଶିଶୁଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ୧୨ଟି ଅଣ୍ଡା ଦେବାସହ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ୩ରୁ ୬ ବର୍ଷ ଶିଶୁଙ୍କୁ ସପ୍ତାହରେ ୫ ଦିନ ଅଣ୍ଡା ଦେବାର ବ୍ୟବସ୍ଥା କରିଛନ୍ତି । ହେଲେ ଅଙ୍ଗନବାଡ଼ି କର୍ମୀମାନେ ପ୍ରଥମେ ଛତୁଆ ଯୋଗାଣକାରୀ ସଂସ୍ଥା ସହ ସଲାସୁତୁରା ହୋଇ ଛତୁଆରେ ହେରଫେର୍ କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିବାବେଳେ ଏବେ କଳାହାଣ୍ଡିରେ ଅଣ୍ଡା ଦେବାରେ ହେରଫେର୍ କରୁଥିବା ଅଭିଯୋଗ ସାମ୍ନାକୁ ଆସିଛି । ଅଙ୍ଗନବାଡ଼ି କର୍ମୀମାନେ ସାମାନ୍ୟ ଅଣ୍ଡା ଦେବା ବଦଳରେ ଶସ୍ତା ଓ ଛୋଟ ଅଣ୍ଡା ହିତାଧିକାରୀଙ୍କୁ ଦେଉଥିବା ଅଭିଯୋଗ ହେଉଛି ।

କଳାହାଣ୍ଡି ଜିଲ୍ଲାରେ ୨,୩୭୭ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବାବେଳେ ପାଖାପାଖି ୮୦ ପ୍ରତିଶତ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ଭଲ କ୍ୱାଲିଟି ବଦଳରେ ନିମ୍ନମାନର ଶସ୍ତା ଓ ଛୋଟ ଅଣ୍ଡା ଦିଆଯାଉଛି । ଏହାସହ କିଶୋରୀଙ୍କୁ ୧୬ଟି ବଦଳରେ ୧୩ଟି ଅଣ୍ଡା, ଗର୍ଭବତୀ ମହିଳା ଓ ଶିଶୁଙ୍କୁ ୧୨ଟି ବଦଳରେ ୧୦ଟି ଅଣ୍ଡା ଦେଉଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । ବର୍ତ୍ତମାନ ରାଜ୍ୟ ସରକାର ପ୍ରତି ଅଣ୍ଡା ପିଛା ୭ ଟଙ୍କା ପ୍ରଦାନ କରୁଥିବାବେଳେ ହୋଲ୍‌ସେଲ୍ ବଜାରରେ ୫ ଟଙ୍କାର ଅଣ୍ଡା ଉପଲବ୍ଧ ହେଉଛି । ରାଜ୍ୟ ସରକାର ୨୧୦ ଅଣ୍ଡା ପ୍ରତି ବକ୍ସ ପିଛା ୧,୪୭୦ ଟଙ୍କା ପ୍ରଦାନ କରୁଥିବାବେଳେ ଅଙ୍ଗନବାଡ଼ି କର୍ମୀମାନେ ପ୍ରତି ବକ୍ସ ପିଛା ୧ ହଜାର ଟଙ୍କାରୁ ସର୍ବାଧିକ ୧ ହଜାରରୁ ୫୦ ଟଙ୍କା ଦେଇ ଅଣ୍ଡା ଉଠାଉଛନ୍ତି । ତେବେ ପ୍ରତି ବକ୍ସରେ ସେମାନେ ୩୫୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଉଛନ୍ତି । ହେଲେ ପ୍ରତି ବକ୍ସ ପିଛା ସେମାନେ ୭୫୦ ଟଙ୍କା ପାଇ ନିମ୍ନମାନର ଅଣ୍ଡା ଆଣି ଗର୍ଭବତୀ ମହିଳା, କିଶୋରୀ ଓ ଶିଶୁଙ୍କୁ ସଂଖ୍ୟାରୁ କମ୍ ଦେଇ ଅଣ୍ଡା ଟଙ୍କା ହଡ଼ପ କରୁଥିବା ହିତାଧିକାରୀମାନେ ଅଭିଯୋଗ କରିଛନ୍ତି । କେବଳ ନଭେମ୍ବର ଓ ଡିସେମ୍ବର ମାସରେ ଅଣ୍ଡାର ମୂଲ୍ୟ ସାମାନ୍ୟ ବୃଦ୍ଧି ପାଉଥିବାବେଳେ ଯଦି ନିର୍ଦ୍ଧାରିତ ମୂଲ୍ୟଠାରୁ ଅଣ୍ଡା ମୂଲ୍ୟ ବୃଦ୍ଧି ହୁଏ ତା'ହେଲେ ମୂଲ୍ୟ ଅନୁଯାୟୀ ଅଣ୍ଡା ଦେବା ବ୍ୟବସ୍ଥା ଥିବା ଆଇସିଡିଏସ୍ ସୂତ୍ରରୁ ଜଣାପଡ଼ିଛି । ତେବେ କେଉଁ କାରଣରୁ ଅଙ୍ଗନବାଡ଼ି କର୍ମୀମାନେ ନିମ୍ନମାନର ଛୋଟ ଓ ଶସ୍ତା ଅଣ୍ଡା ଦେଉଛନ୍ତି ଏବଂ ତାଙ୍କୁ ତଦାରଖ କରୁଥିବା ସୁପରଭାଇଜର୍‌ମାନେ କ'ଣ ତଦାରଖ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ତେବେ ଏନେଇ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜିବୁନ୍ ନିଶାଙ୍କୁ ପଚାରିବାରୁ ସେ ଏ ବିଷୟରେ ଜାଣିନଥିବା କହିବା ସହ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ । ଏନେଇ ଶୁକ୍ରବାର ସମସ୍ତ ସିଡିପିଓ ଓ ସୁପରଭାଇଜରଙ୍କ ବୈଠକରେ ମୁଁ ଏବିଷୟରେ ଅବଗତ କରେଇଛି ଓ ଅଙ୍ଗନବାଡ଼ି କେନ୍ଦ୍ରମାନଙ୍କରେ ପରିଦର୍ଶନ କରି ତଦନ୍ତ କର ବୋଲି ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛି ବୋଲି ସେ ପ୍ରକାଶ କରିଥିଲେ । ତେବେ ଘଟଣାର ସତ୍ୟତା ପାଇଁ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାପାଇଁ ସାଧାରଣରେ ଦାବି ହେଉଛି ।

## ପିଏମ୍‌ଶ୍ରୀ ବାଳିକା ଉଚ୍ଚବିଦ୍ୟାଳୟରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ

# 'ନୈତିକ ମୂଲ୍ୟବୋଧ ମନୁଷ୍ୟକୁ ସଫଳତାର ଶିଖରକୁ ନେଇଯାଏ'




**ବଲାଙ୍ଗୀର,୧୦।୪/ଏନ୍ଏନ୍ଏସ୍:** ସ୍ଥାନୀୟ ଗାନ୍ଧୀନଗର ପଡ଼ାସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତଥା ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର କୁମାର ପଣ୍ଡା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱରୂପା ମଞ୍ଜରୀ ସାମନ୍ତରା ଓ ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ଶ୍ରୀ ପଣ୍ଡା କହିଥିଲେ ଯେ ଛାତ୍ରୀମାନେ ଯଦି ଛୋଟବେଳୁ ଭଲ ଅଭ୍ୟାସ ଓ ଉଚ୍ଚ ଆଦର୍ଶ ଅନୁସରଣ କରିବେ ତେବେ ସେମାନେ ଭବିଷ୍ୟତରେ ସମାଜର ଉନ୍ନତିରେ ମୂଳ ଭୂମିକା ନେବେ ବୋଲି କହିବା ସହ ନୈତିକ ମୂଲ୍ୟବୋଧ ମନୁଷ୍ୟକୁ ସଫଳତା ଓ ସମ୍ମାନର ଶିଖରକୁ ନେଇଯାଏ ବୋଲି କହିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଭୋଇ କହିଥିଲେ ଯେ ଛାତ୍ରୀମାନେ ଆତ୍ମବିଶ୍ୱାସ, ପରିଶ୍ରମ ଓ ଶୃଙ୍ଖଳାର ସହିତ ଆଗକୁ ବଢ଼ିଲେ ନିଶ୍ଚିତଭାବେ ଜୀବନରେ ସଫଳତା ଅର୍ଜନ କରିପାରିବେ ବୋଲି କହିଥିଲେ । ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ  କରାଯିବା ସହ ଶ୍ରେଷ୍ଠ ଛାତ୍ରୀରୂପେ ଦଶମ ଶ୍ରେଣୀ ଛାତ୍ରୀ ଅଙ୍କିତା ବିଶ୍ୱାଳ, ଶ୍ରେଷ୍ଠ ଏନ୍‌ସିସି କ୍ୟାଡେଟ୍ ଅର୍ପିତା ମନହିରା, ଶ୍ରେଷ୍ଠ ଗାଇଡ୍ ମନିଷା ପାଣିଗ୍ରାହୀ, ଜୁନିଅର୍ ରେଡକ୍ରସ୍‌ର ଶ୍ରେଷ୍ଠ ଜୁନିଅର୍ ଭାବେ ଦମୟନ୍ତୀ ଖୁଆସ, ଶ୍ରେଷ୍ଠ ଶୃଙ୍ଖଳିତ ଛାତ୍ରୀ ରୂପେ ପ୍ରିୟଙ୍କା ରଣାଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଶିକ୍ଷକ ସୁରେଶ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷୟିତ୍ରୀ ନୂତନ ନାୟକ ଧନ୍ୟବାଦ ଦେଇଥିଲେ ।

# ଲୋକକଳା ଦିବସରେ ବରିଷ୍ଠ କଳାକାର ସମ୍ବର୍ଦ୍ଧିତ

**ଦେବଗଡ଼,୧୦।୪/ଏନ୍ଏନ୍ଏସ୍:** ଓଡ଼ିଆ ପକ୍ଷ ପାଳନର ଦଶମଦିନରେ ଦେବଗଡ଼ ଜିଲ୍ଲା ବାରକୋଟ ବ୍ଲକ୍ ବଳମ୍ ପଞ୍ଚାୟତର ଗୌଡ଼ନାଳି ଗ୍ରାମରେ 'ଲୋକକଳା ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବରିଷ୍ଠ କଳାକାରଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଅଧିକାରୀ ମୁକେଶ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏଥିରେ  ମୁଖ୍ୟଅତିଥି ଭାବେ ବାରକୋଟ ବ୍ଲକ୍ ଅଧକ୍ଷା ପୁଷ୍ପାଞ୍ଜଳି ପାତ୍ର,  ବରେଣ୍ୟ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀନିବାସ ଜାନୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସବିତା ଜେନା, ଡେପୁଟି କଲେକ୍ଟର୍ ପ୍ରିୟା ତିର୍କି, ବଳମ ସରପଞ୍ଚ ଅମୃତି ନାଏକ, ଜିଲ୍ଲା କଳାକାର ସଂଘ ଉପସଭାପତି ସରସ୍ୱତୀ କିସାନ ଓ ବାରକୋଟ ବ୍ଲକ୍ କଳାକାର ଉପସଭାପତି ତ୍ରିପୁରାରୀ ନାୟକ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମୁଖ୍ୟଅତିଥି ଶ୍ରୀମତୀ ପାତ୍ର ଲୋକକଳାକୁ କିପରି ବଞ୍ଚାଇ ରଖିବା ସେନେଇ କଳାକାରଙ୍କୁ ବୁଝାଇଥିଲେ । ପରେ ୨୫ ଜଣ ବରିଷ୍ଠ କଳାକାରଙ୍କୁ ମୁଖ୍ୟଅତିଥି ଓ ବରେଣ୍ୟ ଅତିଥିଙ୍କ ଦ୍ୱାରା ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କଳାକାର ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

# ଦୁର୍ଗମ ଅଞ୍ଚଳବାସୀଙ୍କ ତହସିଲ୍ ଅଫିସ୍ ଘେରାଉ



**ଭବାନୀପାଟଣା,ଲାଞ୍ଜିଗଡ଼,୧୦।୪/ଏନ୍ଏନ୍ଏସ୍:** କଳାହାଣ୍ଡି ଜିଲ୍ଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବାବେଳେ ଏଠିକାର ଅନେକ ଗାଁ ଦୁର୍ଗମ ଅଞ୍ଚଳରେ ଅବସ୍ଥିତ । ଏହି ଅଞ୍ଚଳର ଜଙ୍ଗଲ, ପାହାଡ଼ ଓ ଝରଣା ସେମାନଙ୍କୁ ବଞ୍ଚିବାର ରାହା ଯୋଗାଉଛି । ଜଙ୍ଗଲଜାତ ଦ୍ରବ୍ୟକୁ ସେମାନେ ବିକ୍ରି କରି ନିଜର ଜୀବନଜୀବିକା ନିର୍ବାହ କରିଥାନ୍ତି । ହେଲେ ସେହି ଅଞ୍ଚଳ ଉପରେ ବୈଦେଶିକ କମ୍ପାନୀର ଲୋଲୁପ ଦୃଷ୍ଟି ପଡ଼ିଛି । ଲାଞ୍ଜିଗଡ଼ ବ୍ଲକ୍ ପାହାଡ଼ ପଦର ପଞ୍ଚାୟତର ପୁଞ୍ଜିମ ସମେତ ଅନେକ ଅଞ୍ଚଳରେ ପେସା ଆଇନ ୨୦୦୬ ଠିକ୍ ଭାବେ କାମ କରୁନାହିଁ । ଜଙ୍ଗଲ ଅଧିକାର ଆଇନ ଅଧୀନରେ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ଜଙ୍ଗଲ ଅଧିକାର ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଆମ ଜଙ୍ଗଲ ଅଧିକାର ଦାବି ଗୁଡ଼ିକୁ ପ୍ରକ୍ରିୟାକରଣ  କରାଯାଉନି କିମ୍ବା ସ୍ୱୀକୃତି ମଧ୍ୟ ପ୍ରଦାନ କରାଯାଉ ନାହିଁ । ଜିଲ୍ଲା ପ୍ରଶାସନ ଆଇନଗତ ଅଧିକାରକୁ ଉଲ୍ଲଘନ କରୁଛନ୍ତି । ପାହାଡ଼ ପଦର ପଞ୍ଚାୟତ ଅଧୀନରେ ଥିବା ୨୦୦୪/୭୩୦ (୨ହଜାର ୪ ଏକର ୭୩ ଡିସମିଲ୍) ଜମିକୁ ବିନା ଗ୍ରାମସଭାର ସହମତିରେ କମ୍ପାନୀ ସ୍ୱାର୍ଥ ପାଇଁ ଲେଣ୍ଡ ବ୍ୟାଙ୍କକୁ ଦିଆଯାଇଛି । ଏହା ଆମର ସାମ୍ବିଧାନିକ ଅଧିକାରକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରିଛି ବୋଲି ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି । ପୁଲିସ୍ ଓ ଜିଲ୍ଲା ପ୍ରଶାସନ କମ୍ପାନୀର ଦଲାଲ ସାଜି  ଅଞ୍ଚଳବାସୀଙ୍କୁ ନାଲି ଆଖି ଦେଖାଉଛନ୍ତି । ଏହାକୁ ଆମେ ବରଦାସ୍ତ କରିବୁ  ନାହିଁ, ଜୀବନ ଥିବା ପର୍ଯ୍ୟନ୍ତ ଜଳ, ଜଙ୍ଗଲ ମା' ଓ ମାଟିର ସୁରକ୍ଷା ପାଇଁ ଲଢ଼େଇ ଜାରୀ ରଖିବୁ । ପୁଞ୍ଜାମ ଗ୍ରାମର ସୀମା ଭିତରେ ଯେକୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଗ୍ରାମସଭା ଓ ପଲ୍ଲୀସଭା କରିବା ବାଧ୍ୟତାମୂଳକ । କିନ୍ତୁ ବିନା ଗ୍ରାମସଭା ଓ ପଲ୍ଲୀ ସଭାରେ ଏକର ଏକର ଜମିକୁ ଅଧିଗ୍ରହଣ କରାଗଲା କାହିଁକି ବୋଲି ଅଞ୍ଚଳବାସୀ ଲାଞ୍ଜିଗଡ଼ ବିଶ୍ୱନାଥପୁର ତହସିଲ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କଳାହାଣ୍ଡି ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ସମାଧାନ ନହେଲେ ଅଞ୍ଚଳର ହଜାର ହଜାର ଆଦିବାସୀ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ଖଣ୍ଡୁଆଲ ମାଳି ସ୍ଥାୟୀ ସୁରକ୍ଷା ସମିତି ସମ୍ପାଦକ ବ୍ରିଟିଶ କୁମାର, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ଜଗଦୀଶ ବେନିଆଁ, ପୂର୍ବତନ ସରପଞ୍ଚ କୁଞ୍ଜ ମାଝୀ, ବିକାଶ ମାଝୀ, ବୈଦ୍ୟନାଥ ନାଏକ, ବନ ମାଝୀ, ଘାଷି ମାଝୀ, ଗୌରଦେଇ ମାଝୀ, ଲିମା ମାଝୀ, ରଞ୍ଜିତ ନାଏକ, ଲୋକନାଥ ମାଝୀ ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଆଦିବାସୀ ଓ ଦୁର୍ଗମ ଅଞ୍ଚଳବାସୀ ସାମିଲ୍ ହୋଇଥିଲେ ।

# ଦୁର୍ଗମ ଅଞ୍ଚଳରେ ଜିଲ୍ଲାପାଳଙ୍କ ସମୀକ୍ଷା

## 'ଯନ୍ତ୍ରୀ' ହେବ ଆଦର୍ଶ ପଞ୍ଚାୟତ




**ମାଲକାନଗିରି,୧୦।୪/ଏନ୍ଏନ୍ଏସ୍:** ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଦୁର୍ଗମ ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଜୋରଦାର୍ ପ୍ରକ୍ରିୟା ଚାଲିଛି । ଅପହଞ୍ଚ ଅଞ୍ଚଳର କୋଣଅନୁକୋଣରେ ସରକାରୀ ସେବା ପହଞ୍ଚାଇବା ଲକ୍ଷ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଚିତ୍ରକୋଣ୍ଡା ବ୍ଲକ୍‌ର ସୁଦୂର ଯନ୍ତ୍ରୀ ପଞ୍ଚାୟତ ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ ସହ ସମୀକ୍ଷା କରିଛନ୍ତି । ଭୌଗୋଳିକ ପ୍ରତିବନ୍ଧକ ସତ୍ତ୍ୱେ ଜିଲ୍ଲାପାଳ ଓ ତାଙ୍କ ଟିମ୍ ଚିତ୍ରକୋଣ୍ଡା ସ୍ପିଲ୍‌ୱେ ଲଞ୍ଚ ଘାଟରୁ ମୋଟର୍ ବୋଟ୍ ଯୋଗେ ଜଳପଥ ଦେଇ ଯନ୍ତ୍ରୀ ଗ୍ରାମରେ ପହଞ୍ଚିଥିଲେ । ସେଠାରେ ଅଙ୍ଗନବାଡ଼ି ପିଲାଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱାଗତ ନୃତ୍ୟକୁ ଦେଖି ଜିଲ୍ଲାପାଳ ଅତ୍ୟନ୍ତ ଖୁସିବ୍ୟକ୍ତ କରିବା ସହ ସେମାନଙ୍କୁ ପ୍ରଶଂସା କରିଥିଲେ । ଯନ୍ତ୍ରୀକୁ ଏକ ଆଦର୍ଶ ପଞ୍ଚାୟତ ଭାବେ ଗଢ଼ି ତୋଳିବା ପ୍ରଶାସନର ମୁଖ୍ୟ ଲକ୍ଷ୍ୟ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି । ଏଥିପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି । ପରେ ଚିତ୍ରକୋଣ୍ଡା ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ସମନ୍ୱୟ ବୈଠକରେ ଜିଲ୍ଲାପାଳ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ଯେପରି ଶେଷ ହିତାଧିକାରୀଙ୍କ ପାଖରେ ପହଞ୍ଚିବ ସେଥିପାଇଁ ଗୁରୁତ୍ୱାରୋପ କରିଥିଲେ । ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ନିର୍ମାଣାଧୀନ ଘନବେଡ଼ା ସେତୁ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଜିଲ୍ଲାପାଳ ସମୀକ୍ଷା କରିଥିଲେ । ଏହି ସେତୁ କାର୍ଯ୍ୟକାରୀ ହେଲେ ଅଞ୍ଚଳର ଅର୍ଥନୈତିକ ଓ ସାମାଜିକ ଚିତ୍ର ବଦଳିଯିବ ବୋଲି ଜିଲ୍ଲାପାଳ ମତପ୍ରକାଶ କରିଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ରାଜଶିର୍କେ କହିଛନ୍ତି ଯେ ସ୍ୱାଭିମାନ ଅଞ୍ଚଳର ବିକାଶକୁ ଆମେ ଅଗ୍ରାଧିକାର ଦେଉଛୁ । ଘନବେଡ଼ା ସେତୁ କାର୍ଯ୍ୟ ଶେଷ ହେଲେ ଏହି ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହେବ । ଏହି ଗସ୍ତ ସମୟରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ପିଏ ଆଇଟିଡିଏ ହଳଧର ଶବର, ଚିତ୍ରକୋଣ୍ଡା ବିଡିଓ ପ୍ରୀତା କୁମାରଙ୍କ ସମେତ ଗ୍ରାମ୍ୟ ଉନ୍ନୟନ, ରାସ୍ତା ଏବଂ କୋଠାବାଡ଼ି ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ସ୍ୱାଭିମାନ ଅଞ୍ଚଳରେ ବିକାଶର ଏହି ଧାରାକୁ ଜାରି ରଖିବା ପାଇଁ ଜିଲ୍ଲା ପ୍ରଶାସନ ସର୍ବଦା ପ୍ରତିଶ୍ରୁତିବଦ୍ଧ ବୋଲି ଜିଲ୍ଲାପାଳ ଦୋହରାଇଛନ୍ତି ।

# ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି ଟୁର୍ଣ୍ଣାମେଣ୍ଟ



**ଝାରସୁଗୁଡ଼ା,୧୦।୪/ଏନ୍ଏନ୍ଏସ୍:** ଝାରସୁଗୁଡ଼ାର ଓଏସ୍ଏପି ମିନି ଷ୍ଟାଡିୟମ୍‌ରେ ଦ୍ୱିତୀୟ ମୁଖ୍ୟମନ୍ତ୍ରୀ କପ୍ ଟ୍ରଫି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚ୍ କିର୍ମିରା ଏଫ୍‌ସି ବନାମ ଝାରସୁଗୁଡ଼ା ଏଫ୍‌ସି (୧୪ ବର୍ଷରୁ କମ୍  ବାଳିକା) ମଧ୍ୟରେ ଖେଳାଯାଇଛି । ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ଭାବେ ଡିଏଏର ଉପସଭାପତି ତଥା ୨ୟ ବାଟାଲିୟନ୍‌ର କମାଣ୍ଡାଣ୍ଟ ପ୍ରସାଦ ତାମାଙ୍ଗ ଉଦ୍‌ଘାଟନ କରିଥିଲେ । ଏଥିରେ କାର୍ଯ୍ୟକାରୀ ସଭାପତି ତାପସ ରାୟଚୌଧୁରୀ ଓ ସାଧାରଣ ସମ୍ପାଦକ ବିଜୟ ବେହେରାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ଏହି ମ୍ୟାଚ୍‌କୁ ଅମିତ କୁମାର ବାଗ, ଶରତ ଚନ୍ଦ୍ର କିଷାନ, ସଞ୍ଜୟ କିଷାନ ଓ  ଶୀତଲ ଗୁରୁଙ୍ଗ ପରିଚାଳନା କରିଥିଲେ । କେ ଜଗନ୍ନାଥ ରାଓ କମିଶନର୍ ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଏହି ମ୍ୟାଚ୍‌ରେ କିର୍ମିରା ଏଫ୍‌ସିକୁ ଝାରସୁଗୁଡ଼ା ଏଫ୍‌ସି ୨-୦ରେ ପରାସ୍ତ କରିଛି ।

## କାଳବୈଶାଖୀ ଓ କୁଆପଥର ମାଡ଼ରେ ଫସଲ ନଷ୍ଟ

# ତହସିଲଦାର୍ ଓ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ



**ପାଟଣାଗଡ଼,୧୦।୪/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ର ବିଭିନ୍ନ ଅଞ୍ଚଳରେ  ପ୍ରବଳ ବର୍ଷା ସହିତ କୁଆପଥର ମାଡ଼ ହୋଇଥିଲା । ଫଳରେ ବ୍ୟାପକ ମାତ୍ରାରେ ଚାଷ  ନଷ୍ଟ ହୋଇଥିଲା । ପାଟଣାଗଡ଼ ବ୍ଲକ୍ ଠକପଡ଼ା ଗାଁର ଅନେକ ଚାଷୀ ଝୁଡ଼ଙ୍ଗ, ପାତାଳଖଣ୍ଡା, ବାଇଗଣ, ତରଭୁଜ ଓ କଦଳୀ ଆଦି ଚାଷ କରିଥିଲେ । ସେମାନେ ଧାର କରଜ କରି ଲକ୍ଷାଧିକ ଟଙ୍କା ବିନିଯୋଗରେ ବିଭିନ୍ନ ଚାଷ କରିଥିବାବେଳେ ଏବେ କ'ଣ କରିବେ ସେ ଚିନ୍ତାରେ ରହିଛନ୍ତି । କୁଆପଥର ବର୍ଷାରେ ସମ୍ପୂର୍ଣ୍ଣ ଚାଷ ନଷ୍ଟ ହୋଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀଙ୍କୁ ସରକାରୀ ସହାୟତା ପାଇଁ ଅଞ୍ଚଳର ଚାଷୀମାନେ ଆକୁଳ ନିବେଦନ କରିଛନ୍ତି । ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ପାଟଣାଗଡ଼ ତହସିଲଦାର୍ କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ମିଳିତ କ୍ଷୟକ୍ଷତି ହୋଇଥିବା ଅଞ୍ଚଳକୁ ଯାଇ ତଦନ୍ତ କରିଥିବା ଜଣାପଡ଼ିଛି । ଏହି ଟିମ୍‌ରେ ପାଟଣାଗଡ଼ ତହସିଲଦାର୍ ରୁଦ୍ରମୋହନ ନାୟକଙ୍କ ସହ ଆର୍‌ଆଇ ଓ କୃଷି ବିଭାଗ ପକ୍ଷରୁ ରାଜେଶ୍ୱରୀ ଭୋଇ, ଉଦ୍ୟାନ ବିଭାଗ ପକ୍ଷରୁ ଆସିଷ୍ଟାଣ୍ଟ ଡାଇରେକ୍ଟର୍ ପ୍ରମୋଦ କୁମାର ସେଠୀ ଓ ସ୍ଥାନୀୟ କୃଷକ ନେତା ଜତି ପ୍ରଧାନ କ୍ଷତିଗ୍ରସ୍ତ ଅଞ୍ଚଳକୁ ଯାଇ ଅନୁଧ୍ୟାନ କରିଥିଲେ । ସେହପରି  ଖପ୍ରାଖୋଲ ବ୍ଲକ୍ ଅନ୍ତର୍ଗତ ଚଙ୍ଗରିଆ ପଞ୍ଚାୟତରେ କୁଆପଥର ମାଡ଼ରେ ଦୁଇଖଣ୍ଡ ଗାଁର ବହୁ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବବେଳେ ଖପ୍ରାଖୋଲ ତହସିଲଦାର୍ ଆନନ୍ଦ କୁମାର ପଣ୍ଡା, ଅତିରିକ୍ତ ତହସିଲଦାର୍ ସ୍ଥାନୀୟ କୃଷି ବିଭାଗ ଅଧିକାରୀ ସନ୍ତୋଷ କୁମାର ମେହେର ଓ ସହକାରୀ କୃଷି ଅଧିକାରୀ ସୁମନ୍ତ ଖମାରୀ ପ୍ରମୁଖ ଯାଇ ସେଠାରେ ବି ଅନୁଧ୍ୟାନ କରିଥିଲେ ।



ଶାରୀରିକ ଉପବାସ ସହିତ ମନର ଉପବାସ ନହେଲେ ତାହା ହାନିକାରକ ହୋଇପାରେ ।
- ଗାନ୍ଧୀ ବାଣୀ

ନିତିଦିନ NITIDIN

ଗପ

# ନୀଳା ଓ ପ୍ରଜାପତି



ଶ୍ରୁତକୀର୍ତ୍ତି ତ୍ରିପାଠୀ

ସଁବାଲୁଆଟିଏ ଗଛର ସବୁଜ ପତ୍ର ଉପରେ ଧୀରେ ଧୀରେ ଚାଲୁଥିଲା । ତାର ମାଟିଆ ଦେହ, ମାଟି ରଙ୍ଗରେ ଲୁଚିଯିବାକୁ ଚେଷ୍ଟା କରୁଥିଲା; ଯେପରି ଏହି ଜଗତକୁ ଦେଖିବାକୁ ତା'ର ଇଚ୍ଛା ନାହିଁ । ଗାଁର ଛୋଟ ଛୋଟ ଛୁଆମାନେ ତାକୁ ଦେଖି କହୁଥିଲେ, "ଅଃ ! ଛିଃ ! କେତେ ଅସୁନ୍ଦର ! ଦେଖିଲେ ଅସନା ଲାଗୁଛି ।' କେହି କେହି ତାକୁ ଗୋଟିଏ ଶୁଖିଲା ଡାଙ୍ଗରେ ତା ଦେହକୁ ଓଲଟ ପାଲଟ କରି ଦେଖୁଥିଲେ, ତା' ଦେହରେ କାଠି ଗେଞ୍ଜି ଦୂରକୁ ଫିଙ୍ଗିଦେଉଥିଲେ । କେହି କେହି ତ ଚପଲ ପିନ୍ଧା ପାଦରେ ଦଳି ଦେବାକୁ ଚେଷ୍ଟା କରୁଥିଲେ । ବିଚରା ସାମ୍ବାଲୁଆଟି ଜୀବନ ସଂଗ୍ରାମରେ ହାରିଯାଉଯାଉ ବଞ୍ଚିଗଲା । କାରଣ ସେଇ ପାଖରେ ଗଛ ତଳେ ବସିଥିଲା ଗୋଟିଏ ଛୋଟ ଝିଅ, ନୀଳା । ନୀଳାର ଅଭ୍ୟାସ ଥିଲା, ଯାହାକୁ ସମସ୍ତେ ନାପସନ୍ଦ କରନ୍ତି, ଘୃଣା କରନ୍ତି, ସେ ତାକୁ ଭଲପାଏ । ସ୍ନେହଭରା ହୃଦୟଟିଏ ଯେ ଠାକୁର ତାକୁ ଦେଇଛନ୍ତି, ତାର ପରିଣାମ ସ୍ୱରୂପ କାହାର ଦୁଃଖ, କଷ୍ଟ, ଅସୁବିଧା ଦେଖିଲେ ତାକୁ ଅସହ୍ୟ ହୁଏ । ଦଉଡ଼ିଯାଇ ନିଜର କ୍ଷମତା ଅନୁଯାୟୀ ସାହାଯ୍ୟର ହାତଟିଏ ବଢ଼ାଏ । ସେ ପଶୁପକ୍ଷୀ, କୀଟପତଙ୍ଗ ହେଉ କି ମଣିଷ; ସମସ୍ତଙ୍କ ପାଇଁ ତା ମନରେ ସମାନ ଦରଦ ।

ନୀଳା ସଁବାଲୁଆଟିକୁ ଉଠାଇ ଗଛର ମୋଟା ଶାଖା ଉପରେ ରଖିଲା, ଯେମିତି ଆଉ କାହାର ଆଖି ତା ଉପରେ ନ ପଡ଼େ ।

"ତୁ କେଉଁଠିକି ଯିବୁ ?" ନୀଳା ତାକୁ ପଚାରିଲା । ସଁବାଲୁଆ ନିରବ । ତଥାପି ନୀଳାକୁ ଲାଗିଲା, ସେ ତା କଥା ଶୁଣିପାରୁଛି ଆଉ ଉତ୍ତର ଫେରାଉଛି "ମୁଁ ଯାଉଛି ଏକ ଶେଷ ଦିଗକୁ । ଆଉ କିଛି ସମୟରେ ମୋର ଅନ୍ତ ଘଟିବ ।'

"ଶେଷ ? ମାନେ ମରିବାକୁ ?" ନୀଳା ଚମକି ଯାଇ ପଚାରିଲା ।

"ହଁ... ମୋ ପାଇଁ ଏହା ମୃତ୍ୟୁ ଭଳି ହେବ," କହିଲା ସଁବାଲୁଆ ।

ଦିନ ପରେ ଦିନ ଗଡ଼ି ଚାଲିଲା । ନୀଳା ପ୍ରତିଦିନ ଆସି ସଁବାଲୁଆକୁ ଦେଖୁଥିଲା । ଦିନେ ସମ୍ବାଲୁଆ ଗୋଟିଏ ଛୋଟ କୋଷ ଭିତରେ ନିଜକୁ ଆତ୍ମବନ୍ଦୀ କରିନେଲା । ଯେପରି ସେ ନିଜକୁ ନିଜେ ଗୋଟିଏ ଶବପେଟିକାରେ ବନ୍ଦ କରିଦେଇଛି ।

ଅନ୍ୟ ପିଲାମାନେ ଏହା ଦେଖି କହିଲେ, "ଆରେ ଦେଖ ଦେଖ, ସଁବାଲୁଆଟି ବୋଧେ ମରିଗଲା ।"

ନୀଳା କହିଲା, "ନାଇଁ ନାଇଁ, ସେ ଅପେକ୍ଷା କରୁଛି ।"

'ଅପେକ୍ଷା ! କଣ ପାଇଁ ଅପେକ୍ଷା କରୁଛି ?"

"ପରିବର୍ତ୍ତନ ପାଇଁ ।" ନୀଳାର ଉତ୍ତର ଶୁଣି ସମସ୍ତେ ଅବାକ୍ !

କିଛି ଦିନ ପରେ, ସେଇ କୋଷଟି ଆପେ ଆପେ ଫାଟିଗଲା । ଭିତରୁ ରଙ୍ଗିନ ପକ୍ଷ ମେଲାଇ ଗୋଟିଏ ସୁନ୍ଦର, ଆକର୍ଷଣୀୟ, ରଙ୍ଗବେରଙ୍ଗ ପ୍ରଜାପତି ବାହାରି ଆସି ଧୀରେ ଧୀରେ ଆକାଶକୁ ଉଡ଼ିଗଲା । ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଥିଲେ ।

ନୀଳା ହସି ହସି କହିଲା- "ଦେଖିଲ ତ ? ସେ ମରି ନ ଥିଲା, ସେ ରୂପାନ୍ତରିତ ହେଉଥିଲା । ଗୋଟିଏ ପୁରୁଣା ଘୃଣା ଭରା ଜୀବନ ସହ ଲଢ଼ି ଲଢ଼ି, ଶେଷକୁ ସେ ସୁନ୍ଦର ଜୀବନଟିଏ ପାଇଲା । ଆଉ ସେହି ସ୍ୱପ୍ନ ପୂରଣ ହେବା ଖୁସିରେ ଉଡ଼ି ଆକାଶରେ ମିଶିଗଲା ।'

ସେଦିନ ଶ୍ରେଣୀରେ ଶିକ୍ଷକ ସଁବାଲୁଆର ଜୀବନ କାହାଣୀ ବିଷୟରେ ବୁଝାଉଥିଲେ ।

'ପିଲାମାନେ, ଏଇଟି ହେଉଛି ଜୀବନର ଗୁପ୍ତ କଥା । ସଁବାଲୁଆଟିଏ ମରିଯାଉନାହିଁ, ପ୍ରଜାପତି ହେବା ପାଇଁ ନିଜ ପୁରୁଣା ଦେହକୁ ଛାଡ଼ି ଦେଉଛି । କିଛି ନୂଆ ଓ ସୁନ୍ଦର କରିବା ପାଇଁ ପୁରୁଣା ଜୀବନକୁ ଛାଡିବାକୁ ହୁଏ ! ତା ପାଇଁ ଦୁଃଖ କରିବନି ବରଂ ଆହୁରି ଅଧିକ ସାହସ ଓ ଉତ୍ସାହର ସହ ଆଗେଇ ଚାଲିବ ।'

ନୀଳା ଆକାଶକୁ ଦେଖି କହିଲା, "ତେବେ ମୃତ୍ୟୁ ସବୁବେଳେ ଶେଷ ନୁହେଁ, କେବେ କେବେ ତାହା ନୂଆ ସୌନ୍ଦର୍ଯ୍ୟର ଗନ୍ତାଘର ବି ପାଲଟିଯାଏ ।

**ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୨**
**ମୋ: ୬୩୭୦୫୧୬୪୭୮**



## ପଣା ପାଇଁ ବୋଉ ଚଉରା ସଜାଏ



ଅରୁଣ ଚନ୍ଦ୍ର ମହାନ୍ତି

ପଣା ପାଇଁ ବୋଉ ଚଉରା ସଜାଏ
କିଣିଥାଏ ସିକା, ଠେକି
ଗବଗଛ ପୋତି ବାହୁଙ୍ଗା ବାନ୍ଧିବ
ଭାଇକୁ କହୁଚି ଡାକି ।
ଓଡ଼ିଆ ମାନଙ୍କ ନୂଆ ବର୍ଷ ବୋଲି
ସମସ୍ତଙ୍କ ମନ ମାତେ
କିଏ କେଉଁକାମେ ଲାଗି ପଡ଼ିଥାଏ
କିଛି କାମ ଧରି ହାତେ ।
କିଏ ଯାଉଥାଏ ଠାକୁର ମନ୍ଦିର
ଜଣେଇବ ମନ କଥା
କିଏ ଲାଗିଥାଏ ଦାନ ଧରମରେ
ଭକତିରେ ଥାପେ ମଥା ।
ପଣା ପାଇଁ ବୋଉ ଛୁତୁଆ କରିଛି
ଚକି ଦେହେ ପେଷି ପେଷି
ନଡ଼ିଆ କଦଳୀ ଛେନା ସେ କିଣିଛି
ସୁଆଦ ଲାଗିବ ବେଶୀ ।
ଭୋଗ ପରେ ପଣା ପିଇ ଭୁଲି ଯିବେ
ଉଦୁଉଦିଆ ଏ ଖରା
ଆମ ପରେ ପରେ ପଣା ପିଇବାକୁ
ତଳକୁ ଖସିବେ ପାରା ।

**ପ୍ଲଟ.୧୪୭୧, ଏକାମ୍ର ନିବାସ ସାମ୍ନା**
**ପୁରୁଣା ଭୁବନେଶ୍ୱର-୨**
**ମୋ: ୯୯୩୮୪୫୮୭୨୬**

## ଲଢ଼େଇ ହେଉ ଶେଷ



ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ

ଖୋଲିଲା ଟିଭି ପାପୁନି ଆ
ଦେଖିବ ଟିକେ ଖେଳ
ସମ୍ବାଦ ଦେଲା ଯୁଦ୍ଧ ଚାଲିଛି
ଦୁନିଆ ଥରହର ।
ଇରାନ ସାଥେ ଆମେରିକାର
ଲଢ଼େଇ ଚାଲିଅଛି
ରକେଟ ମାଡ଼ ହେଉଛି ଖାଲି
ନିଆଁ ତ ଝରୁଅଛି ।
ବୋମା ମାଡ଼ରେ ଝରି ପଡୁଛି
କେତେ ନିରୀହ ପ୍ରାଣ
ବୁଝେ ନା କେହି କାହାର କଥା
ଭାଙ୍ଗୁନି କା'ର ଟାଣ ।
ନିଜ ଜିଦରେ ଅଟଳ ରହି
ଧ୍ୱଂସର ଲୀଳା ରଚି
ଜଗତ ସାରା ଆତଙ୍କ ଖେଳେ
ଏମିତି କିଏ ଅଛି ?
ମାଟିରେ ମିଶେ ବିରାଟ କୋଠା
ଧୂଆଁ ଲହରୀ ଖେଳେ
କେହି ତ ଜଣେ କହୁନି କିଛି
ଏମିତି ଯୁଦ୍ଧବେଳେ ।
ଶାନ୍ତି କପୋତ ଉଡ଼ାଇ ଦିଅ
ଲଢ଼େଇ ହେଉ ଶେଷ
ଏଇ ପୃଥିବୀ ସଜେଇ ହୋଇ
ଧରୁରେ ନୂଆ ବେଶ ।

**କ୍ୱାର୍ଟର ନମ୍ବର ଆଇ ଭି ୫୦/୧**
**ୟୁନିଟ-୩, ଖାରବେଳନଗର,**
**ଭୁବନେଶ୍ୱର-୦୧**
**ମୋ: ୬୩୭୨୯୧୫୪୧୮**

ନୀତିକଥା

## ଜୀଅନ୍ତା ଠାକୁର ବାପା



ଡ. ସରୋଜ କୁମାର ପାଣିଗ୍ରାହୀ

ଦୁଇ ଅକ୍ଷର ବିଶିଷ୍ଟ ଶବ୍ଦ ହେଉଛି 'ବାପା' । ସେ ହେଉଛନ୍ତି ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଓ ସ୍ନେହ ମମତାର ସୀମାହୀନ ସାଗର । ସେ ମଧ ଭରସାର ଦୁର୍ଗ । ସେ ହେଉଛନ୍ତି ପୁତ୍ର-କନ୍ୟାର ମାର୍ଗଦର୍ଶକ । ପିଲାମାନଙ୍କୁ ହାତଧରି ସଂସାର ଅଗଣାରେ ଚାଲିବା ପାଇଁ ଶିଖାଇଥାନ୍ତି । ସନ୍ତାନର ସବୁ ଗାଳି, ଅପମାନ ରୂପକ ଗରଳକୁ ଆକଣ୍ଠ ପିଇ କେବେବି ସନ୍ତାନର ଅମଙ୍ଗଳ ଚିନ୍ତା କରୁନଥିବା ବ୍ୟକ୍ତି ଜଣକ ହେଉଛନ୍ତି 'ବାପା ।' ବାପା ଶବ୍ଦର ବିକଳ୍ପ ନାହିଁ ।

ମଥୁରାର ରାଜସିଂହାସନରୁ ବିତାଡ଼ିତ ହୋଇ ରାତ୍ରି ଜଗୁଆଳ ଭାବେ କର୍ତ୍ତବ୍ୟ ସମ୍ପାଦନ କରୁଥିଲେ ମଧ ବାପା ଆସନରେ ଆସୀନ ଥିବାରୁ କେବେ ବି ପୁତ୍ର କଂସର ଅମଙ୍ଗଳ ଚିନ୍ତା କରିନଥିଲେ ବାପା ଉଗ୍ରସେନ ।



ପୁତ୍ର ଅଜାତଶତ୍ରୁ ଦ୍ୱାରା କାରାଗାରରେ ଜୀବନ ବିତାଇ ପ୍ରାଣ ବିସର୍ଜନ କରିଥିଲେ ମଧ ପୁଅର ଅମଙ୍ଗଳ କେବେ ବି ଭାବି ନଥିଲେ ପିତା ବିମ୍ବିସାର । ଫକୀର ମୋହନ ସେନାପତିଙ୍କ ରଚିତ ଗଳ୍ପ ଡାକ ମୁନ୍‌ସିରେ ପୁତ୍ର ମୁଖରେ ବାପା ହରି ସିଂ ତାଙ୍କର ଚାକର ବୋଲି ଜଣାଇ ଥିଲେ ବି ପୁତ୍ର ପ୍ରତି କିଛି ବି ପ୍ରତିବାଦର ସ୍ୱର ପ୍ରକାଶ ନ କରିବାକୁ ଶ୍ରେୟ ମଣିଥିଲେ । ଏଇଥିରୁ ପ୍ରମାଣିତ ହୁଏ ସନ୍ତାନ ପ୍ରତିଥିବା ଅପାର ସ୍ନେହ ମମତା, ତ୍ୟାଗ ଓ ଉଦାରତା । ବାପା ଶବ୍ଦ ଦୁଇ ଅକ୍ଷର । ଗୋଟିଏ ହେଉଛି 'ବା' ଅନ୍ୟଟି 'ପା' । 'ବା' ବାୟୁର ପ୍ରତୀକ ତ 'ପା' ପାଣି ବା ଜଳର ପ୍ରତୀକ । ଜୀବନ ଧାରଣ ନିମନ୍ତେ ବାୟୁର ଯେତିକି ଆବଶ୍ୟକତା ଅଛି ପାଣିର ମଧ ଅନୁରୂପ ଆବଶ୍ୟକତା ଅଛି । ବାୟୁ ଓ ପାଣି ବିନା ଯେପରି ଜୀବନ ଧାରଣ ଅସମ୍ଭବ ଠିକ୍ ସେହିପରି 'ବାପା'ଙ୍କର ଅନୁପସ୍ଥିତିରେ ସନ୍ତାନର ଜୀବନଯାତ୍ରା କଣ୍ଟକମୟ ।

ବ୍ରହ୍ମାଙ୍କ ସଦୃଶ ସନ୍ତାନ-ସୃଷ୍ଟିର ପଥକୁ କୁସୁମିତ କରିଥା'ନ୍ତି ବାପା । ଆଉ ବିଷ୍ଣୁଙ୍କ ପରି ମଧ ପରିପାଳନ କରନ୍ତି । ସେମାନଙ୍କର ଦୁର୍ଗୁଣ ଗୁଡ଼ିକୁ ଶିବ ପରି ସଂହାର କରନ୍ତି ବାପା ଜୀଅନ୍ତା ଠାକୁର ଭାବେ ଯିଏ ଦିନେ ଅଭିହିତ ହେଉଥିଲେ, ସେ ଆଜି ଜରାନିବାସୀ । ଅସହାୟରେ କାଳାତିପାତ କରନ୍ତି । ତେଣୁ ହେ ଆଜିର ଯୁବ ସମାଜ ଜରାନିବାସୀ ବାପାଙ୍କୁ ନିଜ ଘରକୁ ଫେରାଇ ଆଣନ୍ତୁ । କାରଣ ଶାସ୍ତ୍ର କହେ-

'ପିତା ସ୍ୱର୍ଗଃ ପିତା ଧର୍ମଃ ପିତା ହିଁ ପରମଂ ତପଃ,
ପିତରି ପ୍ରୀତିମା ପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।'

**ଜୟରାମପୁର, ଭୋଗରାଇ,**
**ବାଲେଶ୍ୱର- ୭୫୬୦୩୮**
**ମୋ: ୯୫୮୩୧୭୩୬୮୨**

ରେକର୍ଡ଼

## ଗୋଟିଏ ଜିଲ୍ଲା ୧୭ ନଦୀ



ଗୋଟିଏ ଜିଲ୍ଲାରେ ସାଧାରଣତଃ ଦୁଇ ତିନୋଟି ବା ଅତି ବେଶିରେ ପାଞ୍ଚ ଛଅଟି ନଦୀ ରହିଥିବା ଦେଖାଯାଏ । କିନ୍ତୁ ଭାରତରେ ଏଭଳି ଏକ ଜିଲ୍ଲା ଅଛି, ଯେଉଁ ଜିଲ୍ଲା ମଧ ଦେଇ ୧୭ଟି ନଦୀ ପ୍ରବାହିତ ହେଉଛି । ଏହି ଜିଲ୍ଲାଟି ହେଉଛି ଉତ୍ତରପ୍ରଦେଶର ଆଜମଗଡ଼ । ନଦୀଗୁଡ଼ିକ ଦ୍ୱାରା ପାଖଆଖ ଅଞ୍ଚଳର କୃଷିର ଯଥେଷ୍ଟ ଉନ୍ନତି ଘଟିବା ସହ ସେସବୁ ଅଞ୍ଚଳର ପ୍ରାକୃତିକ ସୌନ୍ଦର୍ଯ୍ୟ ମଧ ବୃଦ୍ଧି ପାଉଛି । ଏହି ନଦୀଗୁଡ଼ିକ ମଧରେ ମୁଖ୍ୟ ହେଉଛି ତମସା ଓ ସରଯୁ । ଏହାଛଡ଼ା ମରାଇ, ଓରା, ଘାଗରା, ତମସା, ବେସା, ଗାଙ୍ଗି, ମଞ୍ଜୁଶା, ଉଦନ୍ତୀ, କୱାଁର, ସିଲନ୍, ମଂଗାଇ, ଲୋନି, ଡୋନା, ଓରା, ବାଗଡ଼ି, ସୁକସୁଇ, କାୟାର ଆଦି ନଦୀ ରହିଛି ।

## ପାରିବ ଯଦି କୁହ ?



୧- ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର କେଉଁ ଶତାବ୍ଦୀରେ ନିର୍ମିତ ହୋଇଥିଲା ?
୨- କଟକ ନିକଟସ୍ଥ ଏକ ଦ୍ୱୀପରେ ପ୍ରସିଦ୍ଧ ଶିବ ମନ୍ଦିର ରହିଛି, ତାହାର ନାମ କ'ଣ ?
୩- ପୁରୀରେ ଥିବା ପ୍ରସିଦ୍ଧ ଶିବ ମନ୍ଦିରର ନାମ କ'ଣ ?
୪- ପ୍ରସିଦ୍ଧ ପଞ୍ଚଲିଙ୍ଗେଶ୍ୱର ମନ୍ଦିର କେଉଁ ଜିଲ୍ଲାରେ ଅବସ୍ଥିତ ?
୫- ଢେଙ୍କାନାଳ ଜିଲ୍ଲାର କପିଳାସ ମନ୍ଦିର ଅତୀତରେ କେଉଁ ଋଷିଙ୍କ ଆଶ୍ରମ ଥିଲା ବୋଲି ବିଶ୍ୱାସ କରାଯାଏ ?
୬- ହୁମା ମନ୍ଦିର କେଉଁ ନଦୀ କୂଳରେ ଅବସ୍ଥିତ ?
୭- ଆଖଣ୍ଡଳମଣି ମନ୍ଦିର କେଉଁ ଜିଲ୍ଲାରେ ରହିଛି ?

## ଶବ୍ଦଧନ୍ଦା



ଏଥିରେ ୬ଟି ଶବ୍ଦ ରହିଛି । ଅତି କମ୍‌ରେ ସେସବୁ ଶବ୍ଦର ୨ଟି ଅର୍ଥ ରହିଛି । ତେବେ ଏଥିରେ ଗୋଟିଏ ଲେଖାଏଁ ଅର୍ଥ ଦିଆଯାଇଛି । ଦ୍ୱିତୀୟ ଅର୍ଥଟି କ'ଣ ତାହା ଶୂନ୍ୟ ସ୍ଥାନରେ ଲେଖ ।

କ- ପକ୍ଷଧର (ଉତ୍ତର ୧- ପକ୍ଷୀ, ୨----), ଖ- ପିଞ୍ଜରା (ଉତ୍ତର ୧- ପଞ୍ଜୁରୀ, ୨----), ଗ- ପେଶୀ (ଉତ୍ତର- ୧- ମାଂସପେଶୀ, ୨----), ଘ- ପାଣି (ଉତ୍ତର- ୧- ଜଳ, ୨----), ଙ- ମଳ (ଉତ୍ତର- ୧- ମଇଳା, ୨----), ଚ- ମେଚକ (ଉତ୍ତର- ୧- ମୟୂରଚନ୍ଦ୍ରିକା, ୨----)

## ଦେଲେ ଟିପଟି ଛୁଇଁ



ଡକ୍ଟର ସଚ୍ଚିଦାନନ୍ଦ କର

ଫଗୁଣଟା ଯଦି ଆସିଯାନ୍ତା
ଦେଲେ ଟିପଟି ଛୁଇଁ
ବହନ୍ତା ମଳୟ କୁହୁ ଗୀତ
ଶୁଣିପାରନ୍ତି ମୁହିଁ ।
ଫୁଲମାନେ ଯଦି ଫୁଟିଯାନ୍ତେ
ଦେଲେ ଟିପଟି ଛୁଇଁ
ଆସନ୍ତେ ରଙ୍ଗର ପ୍ରଜାପତି
ଧରିପାରନ୍ତି ମୁହିଁ ।
ଫଳମାନେ ଯଦି ଫଳିଯାନ୍ତେ
ଦେଲେ ଟିପଟି ଛୁଇଁ
ବାଛି ବାଛି କିଛି ସୁନ୍ଦରିଆ
ତୋଳିପାରନ୍ତି ମୁହିଁ ।
ବରଷାଟା ଯଦି ଝରିଯାନ୍ତା
ଦେଲେ ଟିପଟି ଛୁଇଁ
ପାଣିର ସୁଅରେ ଡଙ୍ଗା ଗଢ଼ି
ଛାଡ଼ିପାରନ୍ତି ମୁହିଁ ।
ଚକୋଲେଟ୍ ଯଦି ମିଳିଯାନ୍ତା
ଦେଲେ ଟିପଟି ଛୁଇଁ
ଗୋଟେ ପରେ ଗୋଟେ ମନ ଇଚ୍ଛା
ଖାଇପାରନ୍ତି ମୁହିଁ ।
ଅନ୍ଧାରଟା ଯଦି ଲୁଚିଯାନ୍ତା
ଦେଲେ ଟିପଟି ଛୁଇଁ
ଆଲୋକରେ ବସି ଖେଳଘର
ଗଢ଼ି ପାରନ୍ତି ମୁହିଁ ।
ପାଠସବୁ ଯଦି ଆସିଯାନ୍ତା
ଦେଲେ ଟିପଟି ଛୁଇଁ
ମହାଆନନ୍ଦରେ ତାଳିମାରି
ନାଚିଯାଆନ୍ତି ମୁହିଁ ।
କେତେ କେତେ କଥା ହୁଏ ଏଠି
ଦେଲେ ଟିପଟି ଛୁଇଁ
ଏମିତି କାହିଁକି ହୁଏନାହିଁ
ଜାଣିପାରେନି ମୁହିଁ ।

**ନୂଆପଡ଼ା, ନୟାବଜାର, କଟକ-୦୪**
**ମୋ: ୯୮୬୧୨୧୧୦୫୧**

## ସୈନିକ ମୁହିଁ ହୋଇବି



ଶ୍ରୀକାନ୍ତ କୁମାର ମହାଲିକ

ପିଲାଙ୍କୁ ତ ଦିନେ ପଚାରିଲେ ଗୁରୁ
କ'ଣ ହେବ ବଡ଼ ହୋଇଲେ
ଜଣ ଜଣ କରି ପିଲାମାନେ ନିଜ
ମନକଥା ଖୋଲି କହିଲେ ।
କିଏ ସେ କହିଲା ହେବି ମୁଁ ଡାକ୍ତର
କିଏ କହେ ଇଞ୍ଜିନିୟର,
କିଏ କହେ ପୁଣି ହୋଇବି ଓକିଲ
କିଏ କହେ ହେବି ମାଷ୍ଟର ।
ଏମିତି ଉତ୍ତର ଦେଇ ଚାଲିଥାନ୍ତି
ଶେଷେ ପପୁ ପାଳି ପଡିଲା,
ସଇନିକଟିଏ ହୋଇବ ବୋଲି ସେ
ଉତ୍ତରରେ ତାର କହିଲା ।
ସଇନିକଟିଏ କାହିଁକି ହୋଇବୁ
ପଚାରିଲେ ଗୁରୁ ପପୁକୁ,
ଜନମ ଭୂମିର ସୁରକ୍ଷା ପାଇଁ କି
ପଣ ମୁଁ କରିଛି ଆଗକୁ ।
ବିଦେଶୀ ଶତ୍ରୁର ପ୍ରବେଶକୁ ମୁହିଁ
ସୀମାନ୍ତରେ ରହି ରୋକିବି,
ଯେତେ ଦୁଃଖ କଷ୍ଟ ଆସିଲେ ଜୀବନେ
ପଛକୁ କେବେ ନ ହଟିବି ।
ଦେଶ ପାଇଁ ଯଦି ଯାଏ ମୋ ଜୀବନ
ହସିହସି ତାହା ବରିବି,
ଜନମଟି ମୋର ସାର୍ଥକ ହୋଇଛି
ନିଜକୁ ଧନ୍ୟ ମୁଁ ମଣିବି ।
ଜନମଭୂମିର ସୁରକ୍ଷା ପାଇଁ ଯେ
ଜୀବନକୁ ତ୍ୟାଗ କରଇ,
ଏ ଧରାଧାମରେ ଚିରଦିନ ପାଇଁ
ମରି ସେ ଅମର ରୁହଇ ।

**ପାଟୁଳୀ, ବାଲିଗାଁ, ଚାନ୍ଦବାଲି, ଭଦ୍ରକ**
**ମୋ: ୮୭୫୮୪୩୯୭୦୨**

### ତୁମ ପାଇଁ ବହି



**ତେଲିଙ୍ଗିବାଜା**
**ମୁଖ୍ୟ ସମ୍ପାଦକ: ସତ୍ୟବ୍ରତ ଦାସ**
**ସମ୍ପାଦକ: ପ୍ରଫୁଲ୍ଲ ଚନ୍ଦ୍ର ବାରିକ**
**ଦେବବ୍ୟାସ ଜି.ଭି.ଏ. ମାର୍କେଟ କମ୍ପ୍ଲେକ୍ସ, ରାଉରକେଲା-୪**
**ମୂଲ୍ୟ: ୩୦ ଟଙ୍କା**

ତ୍ରୈମାସିକ ପତ୍ରିକା 'ତେଲିଙ୍ଗିବାଜା'ର ବିଷୁବ ବିଶେଷାଙ୍କ ପ୍ରକାଶ ପାଇଛି । ବହୁ ପ୍ରବୀଣ ଓ ନବୀନ ଲେଖକଙ୍କ ସୃଷ୍ଟିରେ ଏହା ବେଶ୍ ସମୃଦ୍ଧ । ଏଥିରେ ଗବେଷଣାମୂଳକ ପ୍ରବନ୍ଧ ସହ ବହୁ ସୁଖପାଠ୍ୟ କବିତା ଓ ମନଛୁଆଁ ଗଳ୍ପ ସ୍ଥାନ ପାଇଛି । ଏହା ଛଡ଼ା ବିଜ୍ଞାନ କାହାଣୀ, ପିଲାଙ୍କ ହାତଅଙ୍କା ଚିତ୍ର ଓ ହସକଥା ପିଲାମାନଙ୍କ ପଢ଼ିବାର ସଉକ ବୃଦ୍ଧି କରିବ । ମନୋରମ ପ୍ରଚ୍ଛଦ ଓ ପରିଚ୍ଛନ୍ନ ମୁଦ୍ରଣ ପରିପାଟୀ ପତ୍ରିକାଟିକୁ ବେଶ୍ ଆକର୍ଷଣୀୟ କରିଛି ।

### କୁନାକୁନିଙ୍କ





ସାଇ ପ୍ରଜ୍ଞା ନାୟକ,
କ୍ଲାସ୍-୮,
ଧର୍ମଶାଳା ବାଣୀପୀଠ,
ଧର୍ମଶାଳା, ଯାଜପୁର



ମୃନାଲ ଶେଖର ସାହୁ,
କ୍ଲାସ୍-୭,
ନିମାପଡ଼ା ବାଳକ ଉଚ୍ଚ ବିଦ୍ୟାଳୟ,
ନିମାପଡ଼ା, ପୁରୀ



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

ଆଜିର ମ୍ୟାଚ୍

ପଞ୍ଜାବ କିଙ୍ଗସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ
ସମୟ: ଅପରାହ୍ଣ ୩.୩୦, ସ୍ଥାନ: ମୁଲ୍ଲାନ୍‌ପୁର

ଚେନ୍ନାଇ ସୁପର୍ କିଙ୍ଗସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ
ସମୟ: ସନ୍ଧ୍ୟା ୭.୩୦, ସ୍ଥାନ: ଚେନ୍ନାଇ

ନିତିଦିନ NITIDIN

# ରାଜସ୍ଥାନ ରୟାଲ୍ସର ଲଗାତାର ୪ର୍ଥ ବିଜୟ

**ଗୁଆହାଟୀ, ୧୦।୪/ଏଜେନ୍ସି:** ଯୁବ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ୭୮ ରନ୍‌ର ଇନିଂସ୍ ବଳରେ ରାଜସ୍ଥାନ ରୟାଲ୍ସ ୬ ୱିକେଟ୍‌ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)କୁ ହରାଇ ଚଳିତ ଆଇପିଏଲ୍ ସିଜନ୍‌ରେ ଲଗାତାର ଚତୁର୍ଥ ବିଜୟ ହାସଲ କରିଛି। ଏହି ବିଜୟ ସହ ଟିମ୍ ୮ ପଏଣ୍ଟ ନେଇ ଟେବୁଲ୍ ଶୀର୍ଷରେ ବଜାୟ ରହିଛି। ଗୁଆହାଟୀର ବାରସପାରା ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ଆର୍‌ସିବି ପ୍ରଥମେ ୮ ୱିକେଟ୍ ହରାଇ ୨୦୧ ରନ୍ କରିଥିବା ବେଳେ ରାଜସ୍ଥାନ ରୟାଲ୍ସ ୧୮ ଓଭର୍‌ରେ ୪ ୱିକେଟ୍ ବିନିମୟରେ ଲକ୍ଷ୍ୟ ହାସଲ କରିନେଇଛି।

**୬ ୱିକେଟ୍‌ରେ ହାରିଲା ଆର୍‌ସିବି**

୨୦୨ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରୁଥିବା ରାଜସ୍ଥାନର ଆରମ୍ଭ ଭଲ ନଥିଲା। ଦ୍ୱିତୀୟ ଓଭର୍‌ରେ ଯଶସ୍ୱୀ ଜୟସ୍ୱାଲ୍ (୧୩ ରନ୍) ଜୋସ୍ ହେଜଲଉଡ୍‌ଙ୍କ ଦ୍ୱାରା ୱିକେଟ୍ ପଛରେ କ୍ୟାଚ୍ ଆଉଟ୍ ହୋଇଥିଲେ। ମାତ୍ର ଏହାପରେ ଅନ୍ୟତମ ଯୁବ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ ସହ ୧୫ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିଲେ। ୱିକେଟ୍‌କିପର୍ ଧ୍ରୁବ ଜୁରେଲ୍‌ଙ୍କ ସହ ମିଶି ବୈଭବ ଦ୍ୱିତୀୟ ୱିକେଟ୍ ପାଇଁ ୩୭ ବଲ୍‌ରେ ୧୦୮ ରନ୍‌ର ପାର୍ଟନରଶିପ୍ କରିଥିଲେ। ବୈଭବ ୨୬ ବଲ୍‌ରେ ୮ ଚୌକା ଓ ୭ ଛକା ସହାୟତାରେ ୭୮ ରନ୍ କରିଥିବା ବେଳେ କ୍ରୁଣାଳ ପାଣ୍ଡ୍ୟାଙ୍କ ଦ୍ୱାରା ଆଉଟ୍ ହୋଇଥିଲେ। କ୍ରୁଣାଳ ପରବର୍ତ୍ତୀ ବଲ୍‌ରେ ଶିମରନ୍ ହେଟ୍‌ମାୟର୍ (୦)ଙ୍କୁ ଆଉଟ୍ କରିଥିଲେ। ହେଜଲ୍‌ଉଡ୍ କ୍ୟାପ୍‌ଟେନ୍ ରିୟାନ୍ ପରାଗ (୩)ଙ୍କୁ ଶସ୍ତାରେ ଫେରାଇଥିଲେ। ସେତେବେଳକୁ ଟିମ୍‌ର ସ୍କୋର୍ ୧୩୪/୪ ହୋଇଥିଲା। ଏହାପରେ ଜୁରେଲ୍ ଓ ଜାଡ଼େଜା ୬୮ ରନ୍‌ର ପାର୍ଟନରଶିପ୍ କରି ଟିମ୍‌କୁ ୧୮ ଓଭର୍‌ରେ ବିଜୟୀ କରାଇଥିଲେ। ଜୁରେଲ୍ ୪୩ ବଲ୍‌ରେ ୮ ଚୌକା ଓ ୩ ଛକା ସହାୟତାରେ ୮୩ ଏବଂ ଜାଡ଼େଜା ୨୫ ବଲ୍‌ରେ ଗୋଟିଏ ଚୌକା ବଳରେ ୨୪ ରନ୍ କରି ଅପରାଜିତ ଫେରିଥିଲେ। ଆର୍‌ସିବି ପକ୍ଷରୁ ଜୋସ୍ ହେଜଲ୍‌ଉଡ୍ ଓ କ୍ରୁଣାଳ ପାଣ୍ଡ୍ୟା ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଆରମ୍ଭ ବହୁ ଖରାପ ଥିଲା।



ପ୍ରଥମ ବଲ୍‌ରେ ହିଁ ଜୋଫ୍ରା ଆର୍ଚର୍ ଓପ୍ନର୍ ଫିଲ୍ ସଲ୍ଟଙ୍କୁ ଆଉଟ୍ କରିଥିଲେ। ଏହାପରେ ବ୍ୟକ୍ତିଗତ ୧୪ ରନ୍‌ରେ ପାଡିକ୍କଲ୍‌ଙ୍କୁ ଆଉଟ୍ କରି ଆର୍ଚର୍ ଟିମ୍‌କୁ ଦ୍ୱିତୀୟ ଝଟ୍‌କା ଦେଇଥିଲେ। ସ୍ପିନର୍ ରବି ବିଷ୍ଣୋଇ ଲୟରେ ଥିବା ବିରାଟ କୋହଲିଙ୍କୁ ବୋଲ୍ଡ କରିଥିଲେ। କୋହଲି ୭ ଚୌକା ସହାୟତାରେ ୧୬ ବଲ୍‌ରେ ୩୨ ରନ୍ କରି ଫେରିଥିଲେ। ବିଷ୍ଣୋଇ ଏହାପରେ କ୍ରୁଣାଳ ପାଣ୍ଡ୍ୟା (୧ ରନ୍)ଙ୍କୁ ପ୍ୟାଭିଲିୟନ୍ ଫେରାଇଥିଲେ। ଜିତେଶ ଶର୍ମା (୫ ରନ୍) ଓ ଟିମ୍ ଡେଭିଡ୍ (୧୩ ରନ୍)ଙ୍କୁ ଫାଷ୍ଟ ବୋଲର୍ ବ୍ରିଜେଶ ଶର୍ମା ଆଉଟ୍ କରିଥିଲେ। ରୋମାରିଓ ଶେଫର୍ଡ (୨୨ ରନ୍)ଙ୍କୁ ୱିକେଟ୍ ରବୀନ୍ଦ୍ର ଜାଡ଼େଜା ନେଇଥିଲେ। ଶେଫର୍ଡ ଆଉଟ୍ ହେବା ବେଳକୁ ଟିମ୍‌ର ସ୍କୋର୍ ୧୨୫/୭ ହୋଇଥିଲା। ଏହାପରେ କ୍ୟାପ୍‌ଟେନ୍ ରଜତ ପାଟିଦାର ଓ ଇମ୍ପାକ୍ଟ ସବ୍ ଭେଙ୍କଟେଶ ଆୟର୍ ଅଷ୍ଟମ ୱିକେଟ୍ ପାଇଁ ୪୧ ରନ୍‌ର ପାର୍ଟନରଶିପ୍ କରିଥିଲେ। ରଜତ ପାଟିଦାର ୪୦ ବଲ୍‌ରେ ୪ଟି ଲେଖାଏଁ ଛକା ଓ ଚୌକା ସହାୟତାରେ ୬୩ ରନ୍ କରି ସନ୍ଦୀପ ଶର୍ମାଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଆୟର୍ ୧୫ ବଲ୍‌ରେ ଗୋଟିଏ ଚୌକା ଓ ଦୁଇଟି ଛକା ବଳରେ ୨୯ ରନ୍ ଏବଂ ଭୁବନେଶ୍ୱର କୁମାର ୯ ରନ୍‌ରେ ଅପରାଜିତ ଫେରିଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର୍, ରବି ବିଷ୍ଣୋଇ ଏବଂ ବ୍ରିଜେଶ ଶର୍ମା ୨-୨ ୱିକେଟ୍ ନେଇଥିବା ବେଳେ ସନ୍ଦୀପ ଶର୍ମା ଓ ରବୀନ୍ଦ୍ର ଜାଡ଼େଜାଙ୍କୁ ୧-୧ ସଫଳତା ମିଳିଥିଲା।

# ଏସିଆନ୍ ଚାମ୍ପିଅନ୍‌ଶିପ୍ ସେମିରେ ଆୟୁଷ ସେଟ୍ଟୀ

**ନୂଆଦିଲ୍ଲୀ, ୧୦।୪/ଏଜେନ୍ସି:** ଭାରତର ଯୁବ ଶଟ୍‌ଲର୍ ଆୟୁଷ ସେଟ୍ଟୀ ଚମତ୍କାର ପ୍ରଦର୍ଶନ ଜାରି ରଖି ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍‌ର ପୁରୁଷ ସିଙ୍ଗଲ୍ସ ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍‌ରେ ଆୟୁଷ ବିଶ୍ୱର ଚତୁର୍ଥ ନମ୍ବର ଖେଳାଳି ଇଣ୍ଡୋନେସିଆର ଜୋନାଥନ୍ କ୍ରିଷ୍ଟିଙ୍କୁ ୨୩-୨୧, ୨୧-୧୭ରେ ହରାଇଛନ୍ତି। ଟୁର୍ ସ୍ତରରେ ଏହା ବିଶ୍ୱର ୨୫ ନମ୍ବର ଖେଳାଳି ଆୟୁଷ ଓ କ୍ରିଷ୍ଟିଙ୍କ ମଧ୍ୟରେ ପ୍ରଥମ ମ୍ୟାଚ୍ ଥିଲା। କ୍ରିଷ୍ଟି ଏସିଆନ୍ ଗେମ୍ସ ଏବଂ ଏସିଆନ୍ ଚାମ୍ପିଅନ୍‌ଶିପ୍‌ର ସ୍ୱର୍ଣ୍ଣ ପଦକ ବିଜେତା। ଏତିକି ନୁହେଁ ୨୦୨୦ ଥୋମାସ୍ କପ୍ ବିଜେତା ଇଣ୍ଡୋନେସିଆ ଟିମ୍‌ର ସେ ସଦସ୍ୟ ମଧ୍ୟ ଥିଲେ। ୟୁଏସ୍ ଓପନ୍ ସୁପର୍ ୩୦୦ର ଗତ ଚାମ୍ପିଅନ୍ ଆୟୁଷ ସେଟ୍ଟୀ ଏହା ପୂର୍ବରୁ ଗୁରୁବାର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ଚୀନା ତାଇପେଇର ୨୦ତମ ର୍‍ୟାଙ୍କର୍ ଖେଳାଳି ଚି ୟୁ ଜେନ୍‌ଙ୍କୁ ହରାଇଥିଲେ।



ସେହିପରି ପ୍ରଥମ ରାଉଣ୍ଡରେ ସେ ବିଶ୍ୱ ନମ୍ବର-୭ ଚୀନ୍‌ର ଲି ଶୀ ଫେଙ୍ଗ୍‌ଙ୍କୁ ୨୧-୧୩, ୨୧-୧୬ ସିଧା ଗେମ୍‌ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଥିଲେ।

**ମିଶନ୍ ଗଗନାୟନକୁ ବଡ଼ ସଫଳତା**

# ସୁରକ୍ଷିତ ଅବତରଣ କଲା ଦ୍ୱିତୀୟ କ୍ରୁ ମଡ୍ୟୁଲ୍

**ଶ୍ରୀହରିକୋଟା, ୧୦।୪/ଏଜେନ୍ସି:** ଭାରତ ତଥା ଇସ୍ରୋ ପାଇଁ ବହୁ ପ୍ରତିକ୍ଷିତ ତଥା ପ୍ରଥମ ମାନବ ମହାକାଶ ମିଶନ୍ 'ଗଗନାୟନ୍'ର ଦ୍ୱିତୀୟ କ୍ରୁ ମଡ୍ୟୁଲ୍ ପରୀକ୍ଷଣ ସଫଳ ହୋଇଛି। ଫଳରେ ଗଗନାୟନ୍ ମିଶନ ପାଇଁ ଚାଲିଥିବା ପ୍ରସ୍ତୁତିରେ ଏହା ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଗୁରୁବାର ଦ୍ୱିତୀୟ ସମନ୍ୱିତ ଏୟାର ଡ୍ରପ୍ ପରୀକ୍ଷଣ (ଆଇଏଡିଟି-୧) ସଫଳତାର ସହ ସମାପ୍ତ କରିଛି ଇସ୍ରୋ।

ରିପୋର୍ଟ ଅନୁସାରେ ଚିନୁକ୍ ହେଲିକପ୍ଟର ଦ୍ୱାରା ୩ କିଲୋମିଟର ଉଚ୍ଚତାରୁ କ୍ରୁ ମଡ୍ୟୁଲ୍‌କୁ ମୁକ୍ତ କରାଯାଇଥିବା ବେଳେ ପାରାଚୁଟ୍ ସାହାଯ୍ୟରେ ସମୁଦ୍ରରେ ଏହା ସୁରକ୍ଷିତ ଅବତରଣ କରିଛି। ଗଗନଯାନ ମିଶନ ପାଇଁ ବିକଶିତ ପାରାଚୁଟ୍ ସିଷ୍ଟମକୁ ପରୀକ୍ଷା କରିବା ପାଇଁ ଏହି ପରୀକ୍ଷଣ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ଗଗନଯାନ ମିଶନ ପୂର୍ବରୁ ପାରାଚୁଟ୍ ଖୋଲିବା ପ୍ରକ୍ରିୟା ଯାଞ୍ଚ କରିବା। ଏହି ପ୍ରକ୍ରିୟା ମିଶନ ସମୟରେ ମହାକାଶଚାରୀଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବ। ପରୀକ୍ଷଣ ସମୟରେ, ବାୟୁସେନାର ଚିନୁକ୍ ହେଲିକପ୍ଟର ଦ୍ୱାରା ପ୍ରାୟ ୫.୭ ଟନ୍ ଓଜନର ଏକ ଡମି କ୍ରୁ କ୍ୟାପସୁଲକୁ ୩ କିଲୋମିଟର ଉଚ୍ଚତାରୁ ମୁକ୍ତ କରାଯାଇଥିଲା। କ୍ୟାପ୍‌ସୁଲ୍‌ଟି ସମୁଦ୍ରରେ ସୁରକ୍ଷିତ ଅବତରଣ କରିଥିଲା। ଗତ ୮ ମାସ ମଧ୍ୟରେ ଏହା କ୍ରୁ କ୍ୟାପସୁଲର ଦ୍ୱିତୀୟ ଏୟାର ଡ୍ରପ୍ ପରୀକ୍ଷଣ। ପ୍ରଥମ ପରୀକ୍ଷଣ ୨୪ ଅଗଷ୍ଟ, ୨୦୨୫ ରେ କରାଯାଇଥିଲା।

# ରାଜ୍ୟସଭା ସାଂସଦ ଭାବେ ଶପଥ ନେଲେ ନୀତୀଶ କୁମାର

**ନୂଆଦିଲ୍ଲୀ, ୧୦।୪/ଏଜେନ୍ସି:** ବିହାର ରାଜନୀତିରୁ ଦୂରେଇ ଯାଇ ଏବେ କେନ୍ଦ୍ରୀୟ ରାଜନୀତିରେ ସକ୍ରିୟ ହୋଇଛନ୍ତି ନୀତୀଶ କୁମାର। ଶୁକ୍ରବାର ଅପରାହ୍ଣ ୧୨ଟା ସମୟରେ ସେ ରାଜ୍ୟସଭାରେ ରାଜ୍ୟସଭା ସାଂସଦ ଭାବେ ଶପଥ ଗ୍ରହଣ କରିବା ସହ ଏକ ନୂତନ ରାଜନୈତିକ ଇନିଂସ ଆରମ୍ଭ କରିଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ପଦରୁ ବର୍ତ୍ତମାନ ସୁଦ୍ଧା ଇସ୍ତଫା ଦେଇନଥିଲେ ମଧ୍ୟରେ ଆଗାମୀ ଦିନରେ ନୀତୀଶ ନିଜ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ନିଶ୍ଚିତ ହୋଇଯାଇଛି। ଏହାପୂର୍ବରୁ ଅର୍ଥାତ୍ ମାର୍ଚ୍ଚ ୩୦ ତାରିଖରେ ସେ ବିଧାନ ପରିଷଦର ସଦସ୍ୟ ପଦରୁ ଇସ୍ତଫା ଦେଇସାରିଛନ୍ତି। ପ୍ରକାଶ, ନୀତୀଶ କୁମାର ମାର୍ଚ୍ଚ ୧୬ ତାରିଖରେ ରାଜ୍ୟସଭାର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିଲେ। ଏହାପରେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବା ମାର୍ଗ ପରିଷ୍କାର ହୋଇଯାଇଥିଲା। ଏବେ ବିହାର ମୁଖ୍ୟମନ୍ତ୍ରୀ ପଦରେ ତାଙ୍କ ଦଳ ଜେଡିୟୁ କିମ୍ବା ସହଯୋଗୀ ଦଳ ବିଜେପିରୁ କେହି ଜଣେ ଅବସ୍ଥାପିତ ହେବେ। ନୀତୀଶଙ୍କ ପୁଅ ନିଶାନ୍ତ କୁମାର ହୁଏତ ଉପମୁଖ୍ୟମନ୍ତ୍ରୀ ପଦ ପାଇବେ।

**ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟ: ଦିବ୍ୟା ଓ ପ୍ରଜ୍ଞାନାନନ୍ଦ ପରାଜିତ**

# ଡ୍ର' ସହ ଶୀର୍ଷରେ ପହଞ୍ଚିଲେ ବୈଶାଳୀ

**ନୂଆଦିଲ୍ଲୀ, ୧୦।୪/ଏଜେନ୍ସି:** ଭାରତୀୟ ଗ୍ରାଣ୍ଡମାଷ୍ଟର୍ ରମେଶବାବୁ ବୈଶାଳୀ ସାଇପ୍ରସ୍‌ର ପାଫୋସ୍‌ରେ ଖେଳାଯାଉଥିବା ଫିଡେ ଚେସ୍ କ୍ୟାଣ୍ଡିଡେଟ୍ସ ଟୁର୍ଣ୍ଣାମେଣ୍ଟର ମହିଳା ବର୍ଗର ଦଶମ ରାଉଣ୍ଡରେ ୟୁକ୍ରେନ୍‌ର ଆନ୍ନା ମୁଜିଚୁକ୍‌ଙ୍କ ସହ ଡ୍ର' ଖେଳିଛନ୍ତି। ଏହି ଡ୍ର'ରୁ ମିଳିଥିବା ଅଧା ପଏଣ୍ଟ ସହ ବୈଶାଳୀ ଶୀର୍ଷରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଗ୍ରାଣ୍ଡମାଷ୍ଟର୍ ଦିବ୍ୟା ଦେଶମୁଖଙ୍କୁ ରୁଷର ଆଲେକ୍‌ଜାଣ୍ଡ୍ରା ଗୋର୍ୟାଚକିନାଙ୍କ ବିପକ୍ଷରେ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଓପନ୍ ବର୍ଗରେ ଭାରତର ଗ୍ରାଣ୍ଡମାଷ୍ଟର୍ ଆର୍ ପ୍ରଜ୍ଞାନାନନ୍ଦ ଉଜ୍‌ବେକିସ୍ତାନର ଜାଭୋଖିର୍ ସିନ୍ଦାରୋଭ୍‌ଙ୍କ ଠାରୁ ହାରିଯାଇଛନ୍ତି। ଏହି ପରାଜୟ ପରେ ପ୍ରଜ୍ଞାନାନନ୍ଦ ସପ୍ତମ ସ୍ଥାନକୁ ଖସିଆସିଛନ୍ତି। ଏବେ ଟୁର୍ଣ୍ଣାମେଣ୍ଟର ଆଉ ଚାରି ରାଉଣ୍ଡ ଖେଳ ବାକି ରହିଛି।

ଦଶମ ରାଉଣ୍ଡରେ ବୈଶାଳୀଙ୍କୁ ବିଶେଷ କଷ୍ଟ କରିବାକୁ ପଡ଼ିନଥିଲା ଏବଂ ମ୍ୟାଚ୍ ଡ୍ର' ରହିଥିଲା। ଅନ୍ୟ ଏକ ମ୍ୟାଚ୍‌ରେ ବିବିସାରା ଅସାଉବାୟେଭାଙ୍କ ଠାରୁ ଝୁ ଜିନେର୍ ପରାଜିତ ହେବାରୁ ବୈଶାଳୀଙ୍କୁ ଅଗ୍ରଣୀ ମିଳିଛି। ଦଶମ ରାଉଣ୍ଡ ପରେ ଟୁର୍ଣ୍ଣାମେଣ୍ଟ ବେଶ୍ ରୋମାଞ୍ଚକ ମୋଡ଼ରେ



ପହଞ୍ଚିଛି। ଶୀର୍ଷ ୬ ଖେଳାଳିଙ୍କ ମଧ୍ୟରେ ଏକ ପଏଣ୍ଟର ଅନ୍ତର ରହିଛି। ଝୁ ଜିନେର୍ ଏବଂ ଆନ୍ନା ମୁଜିଚୁକ୍ ୫.୫ ପଏଣ୍ଟ ସହ ବୈଶାଳୀଙ୍କ ଠାରୁ ଅଧା ପଏଣ୍ଟ ପଛରେ ରହିଛନ୍ତି। ଏକାଦଶ ରାଉଣ୍ଡରେ ବୈଶାଳୀଙ୍କ ମୁକାବିଲା ଗୋରିଆଚକିନାଙ୍କ ସହ ଏବଂ ଦିବ୍ୟାଙ୍କ ମୁକାବିଲା ଝୁ ଜିନେର୍‌ଙ୍କ ସହ ହେବ।

# ଟିମ୍ ହ୍ୱାଇଟ୍ ଜାତୀୟ ଜୁନିୟର୍ ମହିଳା ହକି ଟିମ୍ କୋଚ୍

**ନୂଆଦିଲ୍ଲୀ, ୧୦।୪/ଏଜେନ୍ସି:** ହକି ଇଣ୍ଡିଆ ଶୁକ୍ରବାର ତୁଷାର ଖାଣ୍ଡେକର୍‌ଙ୍କ ସ୍ଥାନରେ ଟିମ୍ ହ୍ୱାଇଟ୍‌ଙ୍କୁ ଜୁନିୟର୍ ମହିଳା ହକି ଟିମ୍‌ର କୋଚ୍ ନିଯୁକ୍ତ କରିଛି। ଅଷ୍ଟ୍ରେଲିଆ ହାଇ-ପରଫର୍ମାନ୍ସ କୋଚ୍ ହ୍ୱାଇଟ୍ ଗତ ଜାନୁଆରୀରେ ହକି ଇଣ୍ଡିଆ ଲିଗ୍‌ରେ ଅକାର୍ଡ ତାମିଲନାଡୁ ଡ୍ରାଗନ୍ସର ମୁଖ୍ୟ କୋଚ୍ ଭାବେ କାମ କରିଥିଲେ। ସେ ଭାରତୀୟ ମହିଳା ହକିର ଆଗାମୀ ପିଢ଼ିକୁ ପ୍ରସ୍ତୁତ କରିବା ନିମନ୍ତେ ମୁଖ୍ୟ କୋଚ୍ ଦାୟିତ୍ୱ ସମ୍ଭାଳିବେ। ହ୍ୱାଇଟ୍‌ଙ୍କ କୋଚିଂ କ୍ୟାରିୟର୍‌ରେ ନିକଟରେ ବେଲ୍‌ଜିୟମ୍‌ର ସଫଳତା ଏବଂ ଅଷ୍ଟ୍ରେଲିଆ ସହିତ ପୂର୍ବ



ଅନୁଭବ ସାମିଲ। ଭାରତ ଆସିବା ପୂର୍ବରୁ ସେ କୋଚ୍ ଭାବେ ବେଲ୍‌ଜିୟମ୍ ଅଣ୍ଡର-୨୧ ମହିଳା ଟିମ୍‌କୁ ୨୦୨୫ ଡିସେମ୍ବରରେ ଜୁନିୟର୍ ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ଜିତାଇଥିଲେ। ଏହା ବ୍ୟତୀତ ସେ ୨୦୨୧ରୁ ୨୦୨୪ ମଧ୍ୟରେ ବେଲ୍‌ଜିୟମ୍ ସିନିୟର୍ ଜାତୀୟ ଟିମ୍‌ର କୋଚିଂ ଷ୍ଟାଫ୍‌ର ମଧ୍ୟ ଜଣେ ପ୍ରମୁଖ ସଦସ୍ୟ ଥିଲେ। ଏହି ଅବସରରେ ଟିମ୍ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୧୨ଶ ସ୍ଥାନରୁ ତୃତୀୟ ସ୍ଥାନରେ ପହଞ୍ଚିଥିଲା। ଏହା ବ୍ୟତୀତ ଟିମ୍ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ର ସେମିଫାଇନାଲ୍‌ରେ ମଧ୍ୟ ସ୍ଥାନ ହାସଲ କରିଥିଲା।

**ବିଫଳ ହେବ ତେହରାନ୍-ୱାଶିଂଟନ୍ ଶାନ୍ତି ପ୍ରୟାସ !**

# ପାକିସ୍ତାନରେ ଏପର୍ଯ୍ୟନ୍ତ ପହଞ୍ଚିନାହାନ୍ତି ଇରାନୀ ପ୍ରତିନିଧି

**ଇସ୍‌ଲାମାବାଦ୍, ୱାଶିଂଟନ୍, ତେହରାନ୍, ୧୦।୪/ଏଜେନ୍ସି:** ଆମେରିକା-ଇରାନ୍ ମଧ୍ୟରେ ଜାରି ରହିଥିବା ୧୪ ଦିନିଆ ଯୁଦ୍ଧ ବିରତିକୁ ସ୍ଥାୟୀ ଭାବେ ବନ୍ଦ କରିବା ଉଦ୍ଦେଶ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହେବ। କିନ୍ତୁ ଏହାକୁ ନେଇ ଏବେ ବି ଅନିଶ୍ଚିତତା ଜାରି ରହିଛି। ମଧ୍ୟସ୍ଥି ସାଜିଥିବା ପାକିସ୍ତାନର ରାଜଧାନୀ ଇସଲାମାବାଦ୍‌ରେ ହିଁ ଏହି ବୈଠକ ଅନୁଷ୍ଠିତ ହେଉଛି, ଯେଉଁଥିରେ ଆମେରିକା ଏବଂ ପାକିସ୍ତାନର ମୁଖ୍ୟ ନେତା ତଥା ଅଧିକାରୀମାନଙ୍କ ସହ ଇରାନ୍ କର୍ତ୍ତୃପକ୍ଷ ମଧ୍ୟ ଯୋଗଦେବାର ଅଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ଏହି ବୈଠକରେ ସାମିଲ ହେବା ଉଦ୍ଦେଶ୍ୟରେ ନିଜ ପ୍ରତିନିଧିମାନଙ୍କ ସହ ୱାଶିଂଟନ୍‌ରୁ ପାକିସ୍ତାନ ଅଭିମୁଖେ ବାହାରିସାରିଥିବା ବେଳେ ଇରାନ୍ ପକ୍ଷରୁ କିନ୍ତୁ ଏପର୍ଯ୍ୟନ୍ତ କୌଣସି ସରକାରୀ ପ୍ରତିନିଧି ପାକିସ୍ତାନ ଅଭିମୁଖେ ଯାତ୍ରା ଆରମ୍ଭ କରିନଥିବା ଜଣାପଡିଛି। ଇରାନ୍ କହିଛି ଯେ, ଲେବାନନ୍ ଉପରେ ଯେପର୍ଯ୍ୟନ୍ତ ଆକ୍ରମଣ ବନ୍ଦ ନହୋଇଛି ସେପର୍ଯ୍ୟନ୍ତ ଆମେରିକା ସହ କୌଣସି ଆଲୋଚନା ହେବ ନାହିଁ। ସୁତରାଂ ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣକୁ ବିରୋଧ କରି ଇରାନ୍ ହୁଏତ ଏହି ବୈଠକରେ ସାମିଲ ହେବାକୁ ଚାହୁଁନାହିଁ ବୋଲି ଅନୁମାନ କରାଯାଉଛି। ସୁତରାଂ ଏହି ଶାନ୍ତି ବୈଠକ ପ୍ରୟାସ ବିଫଳ ସାବ୍ୟସ୍ତ ହେବାର ମଧ୍ୟ ଭୟ ସଞ୍ଚାର ହୋଇଛି।

ଅନ୍ୟପକ୍ଷେ ଇରାନ୍ ଏବେ ହର୍ମୁଜ୍ ପ୍ରଣାଳୀରେ ଜାହାଜ ପିଛା ଟୋଲ୍ ଟିକସ ଆଦାୟ କରିବା ଆରମ୍ଭ କରିଥିବା ସୂଚନା ମିଳିଛି। ବାସ୍ତବରେ ଜାହାଜରେ ବ୍ୟାରେଲ ପିଛା ୧ ଡଲାର ଆକାରରେ ଇରାନ୍ ଏବେ ଟିକସ ଆଦାୟ କରୁଛି। ଏହାକୁ ନେଇ ସମଗ୍ର ପାଶ୍ଚାତ୍ୟ ଦେଶଗୁଡ଼ିକ ତୀବ୍ର ବିରୋଧ କରିଛନ୍ତି। ଏଥିସହ ଇରାନ୍ ସରକାର ହର୍ମୁଜ୍ ଷ୍ଟ୍ରେଟ୍‌ରେ ଦୈନିକ ଚଳାଚଳ କରୁଥିବା ଜାହାଜ ସଂଖ୍ୟାକୁ ମଧ୍ୟ ୧୫କୁ ହ୍ରାସ କରିଛନ୍ତି। ପୂର୍ବରୁ ଦୈନିକ ଏହି ମାର୍ଗରେ ୧୪୦ଟି ଜାହାଜକୁ ଅନୁମତି ମିଳୁଥିଲା। ଏହାରି



**ପ୍ରଥମେ ଲେବାନନ୍ ଉପରେ ଆକ୍ରମଣ ବନ୍ଦ କରିବାକୁ ଆହ୍ୱାନ**

**ହର୍ମୁଜ୍ ଆକାଶରେ ଅଦୃଶ୍ୟ ହୋଇଗଲା ୧୬୦୦ କୋଟିର ୟୁଏସ୍ ଡ୍ରୋନ୍ !**

ମଧ୍ୟରେ ଶୁକ୍ରବାର ହର୍ମୁଜ ପ୍ରଣାଳୀ ଉପରେ ଏକ ସ୍ୱତନ୍ତ୍ର ଆମେରିକା ନୌସେନା ନିରୀକ୍ଷଣ ଡ୍ରୋନ୍ 'ଏମ୍‌କ୍ୟୁ-୪ସି' ଟ୍ରାଇଟନ୍ ହଠାତ୍ ରହସ୍ୟଜନକ ଭାବେ ରାଡାରରୁ ଅଦୃଶ୍ୟ ହୋଇଯିବା ଭଳି ଏକ ବଡ଼ ଖବର ସାମ୍ନାକୁ ଆସିଛି। ଏହି ଡ୍ରୋନ୍‌ଟିକୁ ଆମେରିକାର ସବୁଠାରୁ ମହଙ୍ଗା (ପ୍ରାୟ ୧୬୦୦ କୋଟି ଟଙ୍କା ମୂଲ୍ୟ) ବୋଲି ବିବେଚନା କରାଯାଏ। ତେବେ ଡ୍ରୋନଟି ଦୁର୍ଘଟଣାଗ୍ରସ୍ତ ହୋଇଛି କି ଗୁଳି କରି ଖସାଇ ଦିଆଯାଇଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

ଏହାରି ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ୍ ସହ ଚୁକ୍ତି ହେଉ କି ନହେଉ, କିନ୍ତୁ ଖୁବ୍ କମ୍ ଦିନ ମଧ୍ୟରେ ହର୍ମୁଜ୍‌କୁ ସମ୍ପୂର୍ଣ୍ଣ ଭାବେ ଖୋଲିଦିଆଯିବ ଏବଂ ଏଠାରେ ଜାହାଜ ଚଳାଚଳ ମଧ୍ୟ ପୂର୍ବବତ୍ ସ୍ୱାଭାବିକ ହୋଇପାରିବ। ଟ୍ରମ୍ପଙ୍କ ଏପ୍ରକାର ବୟାନ୍ ଶାନ୍ତି ଆଲୋଚନାରେ ବଡ଼ ବାଧା ସୃଷ୍ଟି କରିବ ବୋଲି ଅନୁମାନ କରାଯାଉଛି।

# ମହାତ୍ମା ଜ୍ୟୋତିରାଓ ଫୁଲେ: ଏକ ଆଲୋକ ଯାହା ଆଜି ବି ଭାରତକୁ ପଥ ପ୍ରଦର୍ଶନ କରୁଛି

ଆଜି, ଏପ୍ରିଲ ୧୧ ତାରିଖ ଆମ ସମସ୍ତଙ୍କ ପାଇଁ ଏକ ଅତ୍ୟନ୍ତ ସ୍ୱତନ୍ତ୍ର ଦିନ। ଆଜିର ଦିନ ଭାରତର ଅନ୍ୟତମ ମହାନ ସମାଜ ସଂସ୍କାରକ ତଥା ପିଢ଼ି ପରେ ପିଢ଼ି ପାଇଁ ପ୍ରେରଣାର ଉତ୍ସ ମହାତ୍ମା ଜ୍ୟୋତିରାଓ ଫୁଲେ'ଙ୍କ ଜୟନ୍ତୀ। ଏହି ବର୍ଷ ଏହି ଅବସର ଆହୁରି ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ତାଙ୍କର ୨୦୦ତମ ଜନ୍ମବାର୍ଷିକୀ ପାଳନର ଆରମ୍ଭକୁ ଚିହ୍ନିତ କରୁଛି। ମହାତ୍ମା ଫୁଲେ କେବଳ ଜଣେ ମହାନ ସଂସ୍କାରକ ନଥିଲେ; ତାଙ୍କ ଜୀବନ ନୈତିକ ସାହସ, ନିରନ୍ତର ଜିଜ୍ଞାସା ଏବଂ ସାମାଜିକ ମଙ୍ଗଳ ପାଇଁ ଅତୁଟ ପ୍ରତିବଦ୍ଧତାର ଏକ ପ୍ରତିଫଳନ ଥିଲା। ସେ ପ୍ରତିଷ୍ଠା କରିଥିବା ଅନୁଷ୍ଠାନ ଏବଂ ନେତୃତ୍ୱ ନେଇଥିବା ଆନ୍ଦୋଳନ ପାଇଁ ତାଙ୍କୁ ସ୍ମରଣ କରାଯାଏ। ସେହି ସମୟରେ, ଆମର ସଭ୍ୟତା କ୍ଷେତ୍ରରେ ତାଙ୍କର ଅବଦାନ ହେଉଛି ସେ ଜାଗ୍ରତ କରିଥିବା ଆଶା, ସେ ସଞ୍ଚାର କରିଥିବା ଆତ୍ମବିଶ୍ୱାସ ଏବଂ ତାଙ୍କ ଚିନ୍ତାଧାରା ଯାହା ଆଜି ବି ଦେଶର କୋଟି କୋଟି ଲୋକଙ୍କୁ ଶକ୍ତି ପ୍ରଦାନ କରୁଛି।

୧୮୨୭ ମସିହାରେ ମହାରାଷ୍ଟ୍ରର ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ମହାତ୍ମା ଫୁଲେ ଅନେକ କଷ୍ଟ ସହିଥିଲେ। କିନ୍ତୁ ତାଙ୍କର ପ୍ରାରମ୍ଭିକ ସଂଘର୍ଷ କେବେ ବି ତାଙ୍କର ଶିକ୍ଷା, ସାହସ କିମ୍ବା ସମାଜ ପ୍ରତି ଥିବା ପ୍ରତିବଦ୍ଧତା ପଥରେ ବାଧା ସୃଷ୍ଟି କରିପାରିନଥିଲା। ତାଙ୍କର ଏକ ବିଶେଷ ଗୁଣ ଥିଲା ଯେ, ପରିସ୍ଥିତି ଯାହା ବି ହେଉ, ଜଣକୁ କଠିନ ପରିଶ୍ରମ କରିବାକୁ ହେବ, ଜ୍ଞାନ ଆହରଣ କରିବାକୁ ହେବ ଏବଂ ହାତବାନ୍ଧି ବସିବା ପରିବର୍ତ୍ତେ ସେହି ଆହ୍ୱାନଗୁଡ଼ିକୁ ଦୂର କରିବାକୁ ହେବ। ସ୍କୁଲ ଶିକ୍ଷା ସମୟରୁ ହିଁ ଯୁବ ଜ୍ୟୋତିରାଓ ସବୁକିଛି ଜାଣିବା ପାଇଁ ଅତ୍ୟନ୍ତ ଉତ୍ସାହିତ ରହୁଥିଲେ। ଏଥିପାଇଁ ସେ ଅଧିକରୁ ଅଧିକ ପଢ଼ାପଢ଼ି କରୁଥିଲେ। ଯେତେବେଳେ ତାଙ୍କ ବୟସର ପିଲାମାନେ ଖେଳ ତଥା ଅନ୍ୟସବୁରେ ବ୍ୟସ୍ତ ରହୁଥିଲେ ଜ୍ୟୋତିରାଦିତ୍ୟ ଜ୍ଞାନ ଆହରଣ କରିବାରେ ବ୍ୟସ୍ତ ଥିଲେ। ମହାତ୍ମା ଜ୍ୟୋତିରାଓ ଫୁଲେ ଜିଜ୍ଞାସା ଭଳି ଏକ ଐଶ୍ୱରୀୟ ବରଦାନ ସହ ଜନ୍ମଗ୍ରହଣ କରିଥିଲେ।

ଶିକ୍ଷା ଆହରଣ ହିଁ ମହାତ୍ମା ଫୁଲେଙ୍କ ମିଶନର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସେ ସ୍ପଷ୍ଟ ଭାବରେ ବୁଝିଥିଲେ ଯେ ଜ୍ଞାନ କୌଣସି ଏକ ନିର୍ଦ୍ଦିଷ୍ଟ ଶ୍ରେଣୀର ସମ୍ପତ୍ତି ନୁହେଁ, ବରଂ ଏହା ସମସ୍ତଙ୍କ ପାଇଁ ଉଦ୍ଦିଷ୍ଟ। ସେହି ସମୟରେ ଯେତେବେଳେ ଅନେକଙ୍କୁ ଶିକ୍ଷାରୁ ବଞ୍ଚିତ କରାଯାଉଥିଲା, ସେ ବାଳିକା ଏବଂ ସାମାଜିକ ସ୍ତରରେ ପଛୁଆ ବର୍ଗଙ୍କ ପାଇଁ ସ୍କୁଲ ଖୋଲିଥିଲେ। ସେ କହୁଥିଲେ, 'ମା' ମାଧ୍ୟମରେ ପିଲାମାନଙ୍କ ମଧ୍ୟରେ ଯେଉଁ ସଂସ୍କାର ଆସେ ତାହା ଅତ୍ୟନ୍ତ ମୂଲ୍ୟବାନ। ତେଣୁ ଯଦି ସ୍କୁଲ ଖୋଲାଯିବାକୁ ଅଛି, ତେବେ ପ୍ରଥମେ ଝିଅମାନଙ୍କ ପାଇଁ ଖୋଲାଯିବା ଉଚିତ୍। ସେ ଏକ ନୂତନ ସାମାଜିକ କଳ୍ପନା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଥିଲେ ଯେଉଁଥିରେ ଶ୍ରେଣୀଗୃହ ନ୍ୟାୟ ଏବଂ ସମାନତାର ଏକ ଉପକରଣ ହୋଇଗଲା।

ଶିକ୍ଷା ପ୍ରତି ତାଙ୍କର ଦୃଷ୍ଟିକୋଣ ଆମକୁ ବହୁତ ପ୍ରେରଣା ଦିଏ। ଗତ ଦଶନ୍ଧି ଧରି, ଆମେ ଭାରତର ଯୁବପିଢ଼ିଙ୍କ ପାଇଁ ଗବେଷଣା ଏବଂ ନବସୃଜନକୁ ଏକ ମୂଳଦୁଆ କରିବା ପାଇଁ କାର୍ଯ୍ୟ କରିଛୁ। ଏପରି ଏକ ପରିବେଶ ସୃଷ୍ଟି କରିବାକୁ ପ୍ରୟାସ କରାଯାଉଛି ଯେଉଁଠାରେ ଯୁବ ମନକୁ ପ୍ରଶ୍ନ ପଚାରିବା, ଅନୁସନ୍ଧାନ କରିବା ଏବଂ ନବସୃଜନ କରିବାକୁ ଉତ୍ସାହିତ କରାଯାଏ। ଜ୍ଞାନ, ଦକ୍ଷତା ଏବଂ ସୁଯୋଗରେ ବିନିଯୋଗ କରି, ଭାରତ ଏହାର ଯୁବପିଢ଼ିଙ୍କୁ ସମସ୍ୟା ସମାଧାନକାରୀ ଏବଂ ଜାତୀୟ ପ୍ରଗତିର ବାହକ ହେବା ପାଇଁ ସଶକ୍ତ କରୁଛି।

ତାଙ୍କ ଜ୍ଞାନ ଏବଂ ଜ୍ଞାନ ଯୋଗୁଁ, ମହାତ୍ମା ଫୁଲେ କୃଷି, ସ୍ୱାସ୍ଥ୍ୟସେବା ଏବଂ ଗ୍ରାମୀଣ ବିକାଶ ଭଳି କ୍ଷେତ୍ରଗୁଡ଼ିକର ଏକ ଦୃଢ଼ ବୁଝାମଣା ବିକଶିତ କରିଥିଲେ।

ସେ ପ୍ରାୟତଃ କହୁଥିଲେ ଯେ ଆମର ଚାଷୀ ଏବଂ ଶ୍ରମିକଙ୍କ ପ୍ରତି ଅନ୍ୟାୟ ଆମ ସମାଜକୁ ଦୁର୍ବଳ କରେ। ସେ ଦେଖିଲେ ଯେ ସାମାଜିକ ଅସମାନତା କିପରି ଦୈନନ୍ଦିନ ଜୀବନରେ ପ୍ରକାଶ ପାଏ, ତାହା କ୍ଷେତରେ ହେଉ କିମ୍ବା ଗାଁରେ। ତେଣୁ, ସେ ଗରିବ, ଦଳିତ ଏବଂ



ଅବହେଳିତଙ୍କ ପାଇଁ ସମ୍ମାନ ସୁନିଶ୍ଚିତ କରିବାରେ ନିଜକୁ ବୁଡ଼ାଇ ଦେଇଥିଲେ। ସେହି ସମୟରେ, ସେ ସାମାଜିକ ସଦ୍ଭାବ ବଜାୟ ରଖିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରିଥିଲେ। ମହାତ୍ମା ଫୁଲେ ମତ ଦେଇଥିଲେ, ସମାଜର ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରାନଯିବା ପର୍ଯ୍ୟନ୍ତ ପ୍ରକୃତ ସ୍ୱାଧୀନତା ହାସଲ କରାଯାଇପାରିବ ନାହିଁ। ଏଥିପାଇଁ, ସେ ଏପରି ଅନୁଷ୍ଠାନ ନିର୍ମାଣ କରିଥିଲେ ଯାହା ଏହି ଦୃଷ୍ଟିକୋଣକୁ କାର୍ଯ୍ୟରେ ପରିଣତ କରି ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନରେ ଯୋଗଦାନ ଦେଇଥିଲା। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ସତ୍ୟଶୋଧକ ସମାଜ ଆଧୁନିକ ଭାରତରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମାଜିକ ସଂସ୍କାର ଆନ୍ଦୋଳନ ମଧ୍ୟରୁ ଗୋଟିଏ ଥିଲା। ଏହା ସାମାଜିକ ସଂସ୍କାର, ସାମୁଦାୟିକ ସେବା ଏବଂ ମାନବିକ ମର୍ଯ୍ୟାଦା ବୃଦ୍ଧିର ଅଗ୍ରଭାଗରେ ଥିଲା। ଏହା ମହିଳା, ଯୁବକ ଏବଂ ଗାଁରେ ରହୁଥିବା ଲୋକଙ୍କ ପାଇଁ ଏକ ପ୍ରଭାବଶାଳୀ ସ୍ୱର ପାଲଟିଥିଲା। ଏହି ଆନ୍ଦୋଳନ ମହାତ୍ମା ଫୁଲେଙ୍କ ଅନ୍ତର୍ନିହିତ ବିଶ୍ୱାସକୁ ପ୍ରତିଫଳିତ କରିଥିଲା ଯେ ସମାଜକୁ ଏହାର ମୂଳରେ ନ୍ୟାୟ, ପ୍ରତ୍ୟେକ ବ୍ୟକ୍ତି ପ୍ରତି ସମ୍ମାନ ଏବଂ ସାମୂହିକ ପ୍ରଗତି ମନୋଭାବ ରଖି ମଜବୁତ କରାଯାଇପାରିବ। ତାଙ୍କ ବ୍ୟକ୍ତିଗତ ଜୀବନ ମଧ୍ୟ ସାହସର ଶିକ୍ଷା ଦିଏ। ପକ୍ଷାଘାତ ଭଳି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସତ୍ତ୍ୱେ ସେ ନିଜ କାର୍ଯ୍ୟରୁ ଓହରି ନଥିଲେ। ସବୁବେଳେ କାମ କରିବା ଏବଂ ଲୋକଙ୍କ ମଧ୍ୟରେ ରହିବା ତାଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥିଲା। କିନ୍ତୁ ସବୁଠାରୁ ଗମ୍ଭୀର ସ୍ୱାସ୍ଥ୍ୟ ଚ୍ୟାଲେଞ୍ଜ ମଧ୍ୟ ତାଙ୍କ ସଂକଳ୍ପକୁ ଦୁର୍ବଳ କରିନଥିଲା। ତାଙ୍କ ଶରୀର ପରୀକ୍ଷିତ ହୋଇଥିଲା, କିନ୍ତୁ ସମାଜ ପ୍ରତି ତାଙ୍କର ପ୍ରତିବଦ୍ଧତା ହାର ମାନି ନଥିଲା। ଆଜି ଲକ୍ଷ ଲକ୍ଷ ଲୋକଙ୍କ ପାଇଁ, ବିଶେଷକରି ଯେଉଁମାନେ ସଂଘର୍ଷରୁ ସାହସ ପାଆନ୍ତି, ଏହା ତାଙ୍କ ଜୀବନର ସବୁଠାରୁ ଶକ୍ତିଶାଳୀ ଦିଗ ମଧ୍ୟରୁ ଗୋଟିଏ।

ମହାତ୍ମା ଫୁଲେଙ୍କ ସ୍ମୃତି ସାବିତ୍ରୀବାଇ ଫୁଲେଙ୍କ ସମ୍ମାନଜନକ ଉଲ୍ଲେଖ ବିନା ସମ୍ପୂର୍ଣ୍ଣ ହୋଇପାରିବ ନାହିଁ, ଯିଏ ନିଜେ ଆମ ଦେଶର ସବୁଠାରୁ ଉଚ୍ଚ ସଂସ୍କାରକ ଥିଲେ। ଭାରତର ଜଣେ ଅଗ୍ରଣୀ ମହିଳା ଶିକ୍ଷୟିତ୍ରୀ ଭାବରେ, ସେ ଝିଅମାନଙ୍କ ପାଇଁ ଶିକ୍ଷାକୁ ଆଗକୁ ବଢ଼ାଇବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ, ଏହିପରି ସେମାନଙ୍କୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବାର ସୁଯୋଗ ଦେଇଥିଲେ। ମହାତ୍ମା ଫୁଲେଙ୍କ ଦେହାନ୍ତ ପରେ, ସାବିତ୍ରୀବାଇ ସେହି ମଶାଲକୁ ଆଗକୁ ବଢ଼ାଉଥିଲେ ଏବଂ ୧୮୯୭ ମସିହାରେ, ଏକ ପ୍ଲେଗ୍ ପ୍ରକୋପ ସମୟରେ, ସେ ପୀଡିତମାନଙ୍କୁ ଏତେ ନିଷ୍ଠାର ସହିତ ସେବା କରିଥିଲେ ଯେ ସେ ନିଜେ ରୋଗରେ ଆକ୍ରାନ୍ତ ହୋଇଥିଲେ ଏବଂ ନିଜ ଜୀବନ ହରାଇଦେଇଥିଲେ।

ଆମ ଭୂମି ବାରମ୍ବାର ମହାନ ପୁରୁଷ ଏବଂ ମହିଳାମାନଙ୍କ ଦ୍ୱାରା ଆଶୀର୍ବାଦପ୍ରାପ୍ତ ହୋଇଛି, ଯେଉଁମାନେ ଚିନ୍ତା, ତ୍ୟାଗ ଏବଂ କାର୍ଯ୍ୟ ମାଧ୍ୟମରେ ସମାଜକୁ ମଜବୁତ କରିଛନ୍ତି। ସେମାନେ ଅନ୍ୟ କୌଣସି ସ୍ଥାନରୁ ପରିବର୍ତ୍ତନ ଆସିବାକୁ ଅପେକ୍ଷା କରିନଥିଲେ। ସେମାନେ ଏହାର ଉତ୍ସ ହୋଇଥିଲେ। ଆମ ଭୂମିରେ ଶହ ଶହ ବର୍ଷ ଧରି, ସାମାଜିକ ଉନ୍ନତି ପାଇଁ ସ୍ପଷ୍ଟ ଆହ୍ୱାନ ସମାଜ ଭିତରୁ ଉଠିଛି, ଯେଉଁମାନେ ଦୁଃଖକୁ ସ୍ପଷ୍ଟ ଭାବରେ ଦେଖିପାରୁଥିଲେ ଏବଂ ଏହାକୁ ଭାଗ୍ୟ ଭାବରେ ଗ୍ରହଣ କରିବାକୁ ମନା କରିଥିଲେ। ମହାତ୍ମା ଜ୍ୟୋତିରାଓ ଫୁଲେ ସେହିପରି ଏକ ସ୍ୱର ଥିଲେ।

ମୁଁ ୨୦୨୨ ମସିହାରେ ପୁଣେ ଗସ୍ତ ସମୟକୁ ମନେ ପକାଉଛି, ଯେତେବେଳେ ମୁଁ ସହରରେ ମହାତ୍ମା ଫୁଲେଙ୍କ ବିଶାଳ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲି। ଯେତେବେଳେ ଆମେ ତାଙ୍କ ଦ୍ୱିଶତବାର୍ଷିକୀ ବର୍ଷ ଆରମ୍ଭ କରୁଛୁ, ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ପ୍ରତି ସବୁଠାରୁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେଉଛି ନବୀକରଣ। ଶିକ୍ଷା ଭଳି ତାଙ୍କ ହୃଦୟର ନିକଟତର ବିଷୟଗୁଡ଼ିକ ପ୍ରତି ଆମର ପ୍ରତିବଦ୍ଧତାର ନବୀକରଣ। ଅନ୍ୟାୟ ପ୍ରତି ଆମର ସମ୍ବେଦନଶୀଳତାର ନବୀକରଣ। ସମାଜ ଭିତରେ ନିଜକୁ ଉନ୍ନତ କରିପାରିବ ବୋଲି ଆମର ବିଶ୍ୱାସର ନବୀକରଣ। ତାଙ୍କ ଜୀବନ ଆମକୁ କୁହେ ଯେ ସମାଜର ଶକ୍ତି ନୈତିକ ସ୍ପଷ୍ଟତା ଏବଂ ସାର୍ବଜନୀନ ଉଦ୍ଦେଶ୍ୟ ସହିତ ଯୋଡ଼ି ହେଲେ ଭାରତରେ ଚମତ୍କାର ହାସଲ କରିପାରିବ। ସେଥିପାଇଁ ସେ ଏବେ ବି ଲକ୍ଷ ଲକ୍ଷ ଲୋକଙ୍କୁ ଶକ୍ତି ଦିଅନ୍ତି। ସେଥିପାଇଁ ତାଙ୍କ କଥା ଏବଂ କାମ ଏବେ ବି ଆଶା ବହନ କରେ। ଆଜି ମହାତ୍ମା ଜ୍ୟୋତିରାଓ ଫୁଲେଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେଉଛି ତାଙ୍କ ପ୍ରିୟ ବିଷୟ ଯଥା ଶିକ୍ଷା, ଅନ୍ୟାୟ ବିରୁଦ୍ଧରେ ସଚେତନତା ଏବଂ ସାମାଜିକ ସମାନତା ପ୍ରତି ଆମର ପ୍ରତିବଦ୍ଧତାକୁ ଦୋହରାଇବା। ଦୁଇଶହ ବର୍ଷ ପରେ ମଧ୍ୟ ସେ କେବଳ ଅତୀତର ଜଣେ ବ୍ୟକ୍ତି ନୁହନ୍ତି, ବରଂ ଭାରତର ଭବିଷ୍ୟତ ପାଇଁ ଏକ ମାର୍ଗଦର୍ଶକ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra